₹ : 25

# ଆମରି ସତ୍ୟ

# AMARI SATYA

ତ୍ରୟୋଦଶ ବର୍ଷ, ଷଷ୍ଠ ସଂଖ୍ୟା
ଡ଼ିସେମ୍ବର ୨୦୨୨, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24



## ଅନୁବାଦ ସାହିତ୍ୟ ସମ୍ପର୍କିତ ଆଲୋଚନାଚକ୍ର

# ଅନୁବାଦ ସାହିତ୍ୟ ମୂଳ ସାହିତ୍ୟଠାରୁ କମ୍ ନୁହେଁ







**ଖୋର୍ଦ୍ଧା, ୨୪।୧୧ :** ସ୍ଥାନୀୟ ମୁକୁନ୍ଦପ୍ରସାଦସ୍ଥିତ ବିଶ୍ୱାମିତ୍ର ସେବା ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଆମରି ସତ୍ୟ ବିକାଶ ପରିଷଦ ତରଫରୁ 'ଅନୁବାଦ ସାହିତ୍ୟ' ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ.ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ନ୍ୟାସନାଲ ବୁକ ଟ୍ରଷ୍ଟର ଅନୁବାଦକ ସୁଭାଷ ଶତପଥୀ ଯୋଗଦେଇ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି ମତ ବ୍ୟକ୍ତ କରିଥିଲେ। ସେହିପରି ଅନୁବାଦ ସାହିତ୍ୟ ମୂଳସାହିତ୍ୟଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ।

ସମ୍ମାନୀତ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଆଶୀଷ କୁମାର ରାୟ ଯୋଗଦେଇ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକର ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ମଞ୍ଚ ତଥା ଭିଡିଓ ନାଟ୍ୟ ଶିଳ୍ପୀ ସମରଜିତ ପଟ୍ଟନାୟକ ଯୋଗଦେଇ ତାଙ୍କ ଅନୁବାଦର ମୂଲ୍ୟାୟନ ପାଠକ କରିବେ ବୋଲି କହିଥିଲେ। ସେ ବୁଦ୍ଧଦେବ ବସୁଙ୍କ ଚରିତ୍ର ଏବଂ ବିତର୍କିତ ଉପନ୍ୟାସ 'ରାତଭରେ ବ୍ରିଷ୍ଟି'ର ଓଡିଆ ଅନୁବାଦ କରିଛନ୍ତି। ସେହି ଅନୁବାଦିତ ବହିର ନାଁ ରହିଛି- ମୁଁ ମାଳତୀ କହୁଛି। ଆଲୋଚନାରେ ଗାଳ୍ପିକ ସୁନିଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରାକ୍ତନ ଅଧ୍ୟକ୍ଷ ଡ ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରହୀ, ଖୋର୍ଦ୍ଧା ସାହିତ୍ୟ ସଂସଦ ସଭାପତି ତଥା ଐତିହ୍ୟ ଗବେଷକ ଗୋପାଳ କୃଷ୍ଣ ଦାସ, କାଶୀନାଥ ଦାସ, ଆଦିନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆଲୋଚନାଚକ୍ରକୁ ସମରଜିତ୍ ପଟ୍ଟନାୟକ ପରିଚାଳନା କରିଥିବାବେଳେ ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଅତିଥି ପରିଚୟ ଦେଇଥିଲେ। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

www.amarisatya.in

# ଆମରି ସତ୍ୟ
# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...
ତ୍ରୟୋଦଶ ବର୍ଷ ◆ ଷଷ୍ଠ ସଂଖ୍ୟା ◆ ଡିସେମ୍ବର ୨୦୨୨



ପ୍ରତିଷ୍ଠାତା
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

ସମ୍ପାଦକ
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

ସହଯୋଗୀ ସମ୍ପାଦକ
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

ମୁଖ୍ୟ ସହ ସମ୍ପାଦକ
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

ସହ ସମ୍ପାଦକ
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

ସଂଯୋଜକ
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

ପରିଚାଳନା ସଂଯୋଜକ
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୨୮୨୦
ଡ. ରଶ୍ମିରଞ୍ଜନ ନାଥ
୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮



**ଯୋଗାଯୋଗ:**
'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
ଶ୍ରୀ ପଦ୍ମନାଭ ପାଣିଗ୍ରାହୀ
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


## ଗ୍ରାହକମାନଙ୍କ ପାଇଁ ସୂଚନା

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ଆଜୀବନ ସଦସ୍ୟତା (୧୪ ବର୍ଷ ପାଇଁ ) | ଟ.୩୦୦୦/- |


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫ୍ଟ, ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ତଥା UPI ପଠାଇବାକୁ ଅନୁରୋଧ
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ । ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ

# ସୂଚୀପତ୍ର

| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୨ |
| ୨. | ସମ୍ପାଦକୀୟ | | ୩ |
| ୩. | ହିତ ବାଣୀ | | ୪ |
| ୪. | ଓଡ଼ିଆ ସାହିତ୍ୟ ଜଗତ ୨୦୨୨ | | ୫ |
| ୫. | ଅହଂକାରର ଫଳ ମିଠା ନୁହେଁ | ରମାକାନ୍ତ ମିଶ୍ର | ୬ |
| ୬. | ମୋ ଗାଆଁ | ବାସୁଦେବ ସାହୁ | ୭ |
| ୭. | ଚଷମା କାହାଣୀ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୮ |
| ୮. | ପୁଅର ବାପା - ୩ | ସତ୍ୟନାରାୟଣ ସାମନ୍ତରାୟ | ୧୦ |
| ୯. | ପଲ୍ଲୀବଧୂର ଗଣିତ ପାଠ | ଆଦ୍ୟାଶା ପ୍ରିୟଦର୍ଶନୀ | ୧୧ |
| ୧୦. | କାଶତଣ୍ଡୀ | ନାରାୟଣ ଦାସ | ୧୨ |
| ୧୧. | ପଲ୍ଲୀକବି ନନ୍ଦକିଶୋର ବଳ | ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ | ୧୨ |
| ୧୨. | କବିସୂର୍ଯ୍ୟ ବଳଦେବ ରଥ | ଡ. ଶରଚ୍ଚନ୍ଦ୍ର ମହାପାତ୍ର | ୧୩ |
| ୧୩. | ଶ୍ରୀକ୍ଷେତ୍ର ମଉଡ଼ମଣି | ଅଜୟ କୁମାର ସେଠୀ | ୧୩ |
| ୧୪. | ସନ୍ଥ ଅରକ୍ଷିତ ଦାସ | ଶ୍ରୀ ବ୍ରଜ କିଶୋର ଦାସ | ୧୪ |
| ୧୫. | ଜଟଣୀର ଯୁଇ | ଡକ୍ଟର ରାଜକିଶୋର ପାଢ଼ୀ | ୧୫ |
| ୧୬. | ଆଖି ଶାମୁକାରେ ଭରି | ଡ଼ ଲାବଣ୍ୟଚନ୍ଦ୍ର ସାହୁ | ୧୬ |
| ୧୭. | 'ଜଗତ' ଏକ ମାତ୍ର ସତ୍ୟ | ରାମଶଙ୍କର | ୧୭ |
| ୧୮. | ସମୟ | ବ୍ରହ୍ମାନନ୍ଦ ଭଞ୍ଜଦେଓ | ୧୮ |
| ୧୯. | କବିତା ଗୋ ତୁମେ | ଆରତୀ ପ୍ରହରାଜ | ୧୮ |
| ୨୦. | ହକି ଜଗତରେ ଦୀପ ଗ୍ରେସ୍ | ଆଶିଷ କୁମାର ରାୟ | ୧୯ |
| ୨୧. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୧ |
| ୨୨. | ଡ଼ାକଟିକଟରୁ ଜ୍ଞାନ | ଡ ଭବାନୀ ଶଙ୍କର ଦାଶ | ୨୩ |
| ୨୨. | ସମ୍ବାଦ ବିଚିତ୍ରା | | ୨୪ |
| ୨୩. | ସାଧାରଣ ଜ୍ଞାନ ଓ ବିବିଧ ସୂଚନା | | ୨୫ |



## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ



ପେଟର ଭୋକକୁ ମୁହଁର ଲାଜକୁ
କା'ଆଗେ ଦେଖାଇ ପାରୁନାହିଁ
ମରମକଥାକୁ ମନରେ ରଖିଛି
କାଳିଆ ସାଆନ୍ତେ ତମ ପାଇଁ ॥୦॥
ମନର ବେଦନା କାହାକୁ କହିବି
କାହା ମନେ କିଆଁ ଦେବି ବ୍ୟଥା
ଯାହା ଜଞ୍ଜାଳରେ ଯିଏ ଲାଗିଅଛି
କିଏ ବା ଶୁଣିବ ମୋର କଥା
ଆଖିରେ ଦେଖୁଛି ସଭିଏଁ ଚଞ୍ଚଳ
ଶୁଣିବାକୁ କା'ର ବେଳ କାହିଁ ? ॥୧॥
ପେଟର ଭୋକକୁ ....
ନିଜର ଭାବିକି କହିଲେ କା'ଆଗେ
କିଏ ବା କାହାର ଦୁଃଖ ନେବ
ଆହା ପଦେ କହି ଶୁଣିବା ଲୋକଟି
ତା' ନିଜ ବାଟରେ ଚାଲିଯିବ
ଆଉ କାହା ଆଗେ କହିବି କାହିଁକି
ତମ ଭଳି ପ୍ରଭୁଥାଇ ॥୨॥
ପେଟର ଭୋକକୁ .....

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା,
ଖୋର୍ଦ୍ଧା - ୭୫୨୦୫୪
ମୋ - ୯୧୭୮୬୨୬୨୮୦



# ସମ୍ପାଦକୀୟ....

"ଆଜିର ଯୁଗ ଯୁଦ୍ଧର ନୁହେଁ । ତେଣୁ ଯୁଦ୍ଧକୁ ଏଡ଼େଇବା ପାଇଁ ସମସ୍ତ ରାଷ୍ଟ୍ର ସର୍ବଦା ଚେଷ୍ଟିତ ହେବେ । ଏଥିପାଇଁ ପ୍ରତ୍ୟେକ ରାଷ୍ଟ୍ର ଆନ୍ତର୍ଜାତିକ ଆଇନକୁ ସମ୍ମାନ ଦେବା ସହିତ ବହୁପାକ୍ଷିକ ବ୍ୟବସ୍ଥାକୁ ସମ୍ମାନ ଦେବା ଦରକାର ।" ଏହାଥିଲା, ଗତ ତା ୧୫.୧୧.୨୦୨୨ ଓ ତା ୧୬.୧୧.୨୦୨୨ରିଖ ଦୁଇଦିନ ଧରି ଇଣ୍ଡୋନେସିଆର ବାଲି ଦ୍ୱୀପରେ ଅନୁଷ୍ଠିତ ହୋଇଥିବା ଜି-୨୦ ସମ୍ମିଳନୀରେ ବିଶ୍ୱ ନେତାମାନଙ୍କର ମିଳିତ ଘୋଷଣାନାମା ।"

ଆଜି ବିଶ୍ୱର ସାମାଜିକ, ରାଜନୈତିକ, ଅର୍ଥନୈତିକ ପରିସ୍ଥିତି ଏପରି ସ୍ତରରେ ପହଞ୍ଚିଛି, ଯାହାଦ୍ୱାରା ବିଶ୍ୱ ନେତାମାନେ ଏପରି ନିଷ୍ପତ୍ତି ନେବାକୁ ଉଚିତ୍ ମଣିଲେ । କାରଣ, ସମୟର ଆବଶ୍ୟକତା ପାଇଁ ଆଜି ବିଶ୍ୱର ଆଭିଧାନିକ ଅର୍ଥରେ ଅନେକ ପରିବର୍ତ୍ତନ ଘଟିଛି । କିଛି ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରମାନଙ୍କର ଅବସ୍ଥିତିକୁ ନେଇ ପୂର୍ବର ବିଶ୍ୱ ନାମାଙ୍କିତ ହେଉଥିଲା । ଏହା ନିହାତି ବୈକ୍ତିକ ଭାବଧାରାରେ ପରିଚାଳିତ ହେଉଥିଲା । ପ୍ରତ୍ୟେକ ଦେଶ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିଚାରଧାରାକୁ ନିଜସ୍ୱ ରୀତିରେ ପରିଚାଳିତ କରୁଥିଲେ । "ଜୋର୍ ଯାର ମୁଲକ ତାର" ଉପରି ଏକ ସନ୍ଦେଶ ସାରା ବିଶ୍ୱରେ ଛାଇ ଯାଇଥିଲା । ଯାହାଫଳରେ, ଏ ବିଶ୍ୱକୁ ଅତୀତରେ ଦୁଇଦୁଇଟି ବିଶ୍ୱଯୁଦ୍ଧକୁ ସାମନା କରିବାକୁ ପଡ଼ିଲା ।

ମାତ୍ର, ସାଂପ୍ରତିକ ବିଶ୍ୱର ପରିଭାଷା ପରିବର୍ଦ୍ଧିତ ହୋଇଛି । ଏଥିରେ ଅନେକ ପରିବର୍ତ୍ତନ ଘଟିଛି । ଏହା ଆଉ ବ୍ୟକ୍ତିଗତ ଆଧାରରେ ପରିଚାଳିତ ନହୋଇ ବୈଶ୍ୱିକ ବିଚାରଧାରାକୁ ଆପଣେଇଛି । ସମଗ୍ର ବିଶ୍ୱ ଆଜି ଗୋଟିଏ ଗ୍ରାମର ମର୍ଯ୍ୟାଦା ବହନ କରିଛି ।  ଗ୍ରାମର ଯେ କୌଣସି ଘଟଣାପାଇଁ ପ୍ରତ୍ୟେକବ୍ୟକ୍ତି ଉତ୍ତରଦାୟୀ ରହିବାଭଳି ବିଶ୍ୱର କୌଣସି ଅଭାବନୀୟ ପରିସ୍ଥିତି ପାଇଁ ପ୍ରତ୍ୟେକଦେଶ ଉତ୍ତରଦାୟୀ ରହିବାପାଇଁ ବାଧ୍ୟ ହେଉଛନ୍ତି । ଏହାର ସଦ୍ୟତମ ଉଦାହରଣ ହେଉଛି ରୁଷ୍-ୟୁକ୍ରେନ୍ ଯୁଦ୍ଧ । ଏ ଯୁଦ୍ଧର ପ୍ରଭାବକୁ ସମଗ୍ର ବିଶ୍ୱ ଅନୁଭବ କରୁଛି । ଏହାଦ୍ୱାରା ବିଶ୍ୱର ଖାଦ୍ୟଶୃଙ୍ଖଳା ବହୁଭାବରେ ପ୍ରଭାବିତ ହୋଇଛି । ଏହାଛଡ଼ା ସାର ଓ ପେଟ୍ରୋଲିୟମ ସାମଗ୍ରୀର ଦର ବେଶ୍ ବଢ଼ିଯାଇଛି । ଫଳରେ ବିଶ୍ୱ ଏକ ଚରମ ମୁଦ୍ରାସ୍ଫୀତି ଆଡ଼କୁ ଗତି କରୁଥିବାର ସମସ୍ତେ ଅନୁଭବ କରୁଛନ୍ତି ।

ଏହିକଥାକୁ ହୃଦୟଙ୍ଗମ କରି ଆମ ଦେଶର ପ୍ରଧାନମନ୍ତ୍ରୀ ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହିତ ବଥାବାର୍ତ୍ତାବେଳେ ୟୁକ୍ରେନ୍ ସହିତ ଯୁଦ୍ଧ ବନ୍ଦ କରିବାକୁ ନିବେଦନ କରିଥିଲେ । ସେତେବେଳେ ସେ ପୁଟିନ୍‌ଙ୍କୁ କହିଥିଲେ ଯେ "ବର୍ତ୍ତମାନର ଯୁଗ ଯୁଦ୍ଧର ଯୁଗ ନୁହେଁ ।"

ମୋଦିଙ୍କର ଏହି ସନ୍ଦେଶ ସାରା ବିଶ୍ୱର ନେତୃବୃନ୍ଦଙ୍କ ହୃଦୟକୁ ଛୁଇଁଥିଲା । ଯାହାର ଫଳସ୍ୱରୂପ ଜି-୨୦ର ବିଶ୍ୱ ସମ୍ମିଳନୀରେ ଏହି ସଂକଳ୍ପଟି ପାରିତ ହେଲା ଓ ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାରକଲେ ଯେ, "ଆଜିର ଯୁଗ ଯୁଦ୍ଧର ଯୁଗ ନୁହେଁ ।"

ତଥାପି ଫଳାଫଳକୁ ଅପେକ୍ଷା କରିବାକୁ ପଡ଼ିବ । କାରଣ, ସଂକଳ୍ପ ନେବା ଓ ତାହାକୁ କାର୍ଯ୍ୟକାରୀ କରିବା ଭିତରେ ଯେଉଁ ସକାରାତ୍ମକତା ରହିବାକଥା, ତାହା ନେତୃସମୂହଙ୍କ ମାନସିକତା ଉପରେ ନିର୍ଭରକରେ । ତାହାକୁ ସମଗ୍ର ବିଶ୍ୱର ଜନସାଧାରଣ ଉତ୍ସୁକତାରସହ ଅପେକ୍ଷା କରିଛନ୍ତି ।


ଜୟ ଜଗନ୍ନାଥ !

**ଡ ପ୍ରସନ୍ନ କୁମାର ଜେନା**



ଯେଉଁମାନେ ବିନା ପ୍ରତିବାଦରେ ତୁମର ସବୁ କଥା ମାନିଯାଆନ୍ତି, ସେମାନଙ୍କୁ କେବେହେଲେ ବିଶ୍ୱାସ କର ନାହିଁ ।

# ହିତ ବାଣୀ



## ଗୀତା

ଶ୍ରେୟୋ ହି ଜ୍ଞାନମଭ୍ୟାସାଜ୍ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ ।
ଧ୍ୟାନାତ୍ କର୍ମଫଳତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରମ୍ ।।

ମର୍ମ ନ ଜାଣି କରାଯାଉଥିବା ଅଭ୍ୟାସ ଅପେକ୍ଷା ଜ୍ଞାନ (ପରୋକ୍ଷ ଜ୍ଞାନ) ଶ୍ରେଷ୍ଠ, ଜ୍ଞାନଠାରୁ ମୋ'ପରମେଶ୍ୱର ସ୍ୱରୂପର ଧ୍ୟାନ ଶ୍ରେଷ୍ଠ ଏବଂ ଧ୍ୟାନ ଅପେକ୍ଷା ମଧ୍ୟ ସବୁକର୍ମର ଫଳତ୍ୟାଗ ଶ୍ରେଷ୍ଠ, କାରଣ ତ୍ୟାଗ ଦ୍ୱାରା ତତ୍କାଳ ହିଁ ପରମ ଶାନ୍ତି ପ୍ରାପ୍ତି ହୋଇଥାଏ।

## ଭାଗବତ ବାଣୀ

ଅଧିକ ସଂସାର ସଙ୍ଗତେ । ପୀରତି ନ କରିବେ ଚିତ୍ତେ।।
ଯେବେ କହିବ ସ୍ନେହଆଶ । କୋପତ ପ୍ରାୟ ଯିବ ନାଶ।।

## କୁହତ ଦେଖି

ଛଅ ଗୋଡ ତାର କୋଇଲି ରଙ୍ଗ
ନୁହଇ ପକ୍ଷୀ ସେ ପାରଇ ଡିମ୍ବ
ନିକୁଞ୍ଜ ବନରେ ତାହାର ଘର
ମଣିଷ ମାଉଁସ କରେ ଆହାର।    ଉତ୍ତର- ଉକୁଣି

## ପ୍ରବାଦ

କୁଲାରେ କାଟିଲି ଲାଉ
ସବୁଦିନ କଥା ମନରେ ଅଛି ଲୋ
ଏକ ଦିନେ ସାଧିବି ଦାଉ ।
- (ପ୍ରତିଶୋଧ ନେବାର ଚିନ୍ତା)

## ଚାଣକ୍ୟ ନୀତି

ଅନେକ କୁପୁତ୍ର ଅପେକ୍ଷା ଗୋଟିଏ ସୁପୁତ୍ର ଶ୍ରେଷ୍ଠ -
କିଂ ଜାତୈର୍ବହୁଭିଃ ପୁତ୍ରୈଃ ଶୋକସନ୍ତାପକାରକୈଃ।
ବରମେକଃ କୁଳାଲମ୍ବୀ ଯତ୍ର ବିଶ୍ରାମ୍ୟତେ କୁଳମ୍।।

ଶୋକ ଏବଂ ସନ୍ତାପ ଉତ୍ପନ୍ନ କରୁଥିବା ବହୁତ ପୁତ୍ର ଥିଲେ କ'ଣ ଲାଭ ? ତାଙ୍କ ଅପେକ୍ଷା ଗୋଟିଏ ଉତ୍ତମ କୁଳାଲମ୍ବୀପୁତ୍ର ଶ୍ରେଷ୍ଠ ଅଟେ, ଯାହାଦ୍ୱାରା କୁଳ ସୁଖୀ ହୋଇଥାଏ।

## ଅମର ଲେଖନୀରୁ

ଦୁଃଖୀ ପାଇଁ ଦିନେ କାହାରି ଜଗତେ
ନ କାନ୍ଦେ ଅନ୍ତର ତିଳେ,
ଯାହାର ଯେତିକି ଧନମାନ ଶିରୀ
ପୂଜା ତା'ର ମହୀତଳେ
-ଗୋଦାବରୀଶ ମିଶ୍ର

## ରୁଢ଼ି ପ୍ରୟୋଗ

ଅକଲ ସଲାମି ଦେବା - ଅଯଥା ଦଣ୍ଡ ପାଇବା
ଅଠା ବୋଲି ଦେବା - ଦୋଷ ଲଦି ଦେବା
ଅଧିଆ ପଡିବା - ଆଶ୍ରିତ ହୋଇ ପଡି ରହିବା



ଯାହାର ମନ ମଧ୍ୟରେ ପରର ହିତ କାମନା ସର୍ବଦା ଜାଗରୁକ ଥାଏ, ଜଗତରେ ତା'ର ଦୁର୍ବଳତା ବୋଲି କିଛି ନାହିଁ।

# ଓଡ଼ିଆ ସାହିତ୍ୟ ଜଗତ ୨୦୨୨



ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ

## ସମ୍ମାନ

୧. ଓଡ଼ିଶାର ଦୁଇ ସାହିତ୍ୟିକ - ଡ. ନରେନ୍ଦ୍ର ପ୍ରସାଦ ଦାସ ସାହିତ୍ୟ ଏକାଡେମୀର ବାଲ ସାହିତ୍ୟ ପୁରସ୍କାର ୨୦୨୨ ତାଙ୍କ କାହାଣୀ ପୁସ୍ତକ "କୋଳାହଳ ନା ହଳାହଳ" ପାଇଁ ଏବଂ ଦିଲ୍ଲୀପ ବେହେରା ଯୁବ ପୁରସ୍କାର ୨୦୨୨ ତାଙ୍କ କାହାଣୀ ପୁସ୍ତକ 'ଲଣ୍ଡନ' ପାଇଁ ପାଇଛନ୍ତି ।

୨. ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ବିଶିଷ୍ଟ ଓଡିଆ କବି ତଥା ଲେଖକ ସରୋଜ ବଳଙ୍କୁ ସମ୍ମାନଜନକ 'ଭୁବନେଶ୍ୱର ବେହେରା ସାହିତ୍ୟ ପୁରସ୍କାର' ଦିଆଯାଇଛି ।

୩. ଓଡିଆ ଲେଖିକା ପ୍ରତିଭା ରାୟ ପଦ୍ମଭୂଷଣ ଉପାଧିରେ ସମ୍ମାନିତ ହୋଇଛନ୍ତି। ସେ ଜାତି ଏବଂ ଧାର୍ମିକ ଭେଦଭାବ ଉପରେ ପ୍ରଶ୍ନ କରୁଥିବା ତାଙ୍କର ଉପନ୍ୟାସ ଏବଂ କ୍ଷୁଦ୍ରଗଳ୍ପରେ ଆଧୁନିକ ଜୀବନର ଉତ୍ତେଜନା, ଦୁର୍ନୀତି ଏବଂ ପ୍ରତ୍ୟେକ କ୍ଷେତ୍ରରେ ମୂଲ୍ୟବୋଧର ଅବନତି ଦର୍ଶାଯାଇଛି।

୪. ଓଡ଼ିଶାର ସାହିତ୍ୟ ଏକାଡେମୀ ସଭାପତି ତଥା କବି ହୃଷୀକେଶ ମଲ୍ଲିକ ତାଙ୍କ ପୁସ୍ତକ 'ସରିଯାଇଥିବା ଅପେରା' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ସେହିଭଳି ଦିଗରାଜ ବ୍ରହ୍ମା ତାଙ୍କ କବିତା ପୁସ୍ତକ 'ଗୀତ କହେ ମାଟିର କଥା' ପାଇଁ ବାଲ ସାହିତ୍ୟ ପୁରସ୍କାର ଏବଂ ଯୁବ ଲେଖକ ଦେବବ୍ରତ ଦାସ ତାଙ୍କର କ୍ଷୁଦ୍ରଗଳ୍ପ ପୁସ୍ତକ 'ସ୍ପର୍ଶ ଏବଂ ଅନ୍ୟାନ୍ୟ ଗଳ୍ପ' ପାଇଁ ପୁରସ୍କାର ଗ୍ରହଣ କରିଛନ୍ତି।

୫. ବିଶିଷ୍ଟ ଓଡିଆ କାଳ୍ପନିକ ଲେଖକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଡ ଗୌରହରି ଦାସଙ୍କୁ ୨୦୨୨ରେ ୪୩ ତମ ସଂସ୍କରଣ ସମ୍ମାନଜନକ ସାରଳା ପୁରସ୍କାର, ୨୦୧୮ ରେ ପ୍ରକାଶିତ ତାଙ୍କର କ୍ଷୁଦ୍ରଗଳ୍ପ ସଂଗ୍ରହ 'ବାଘ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ପାଇଛନ୍ତି । ଗୌରହରି ଦାସଙ୍କୁ ଉଦୟ ପାର୍କାଶଙ୍କ ମାଲାୟାଲମ୍ ଉପନ୍ୟାସ 'ଆଦୁଜେଭିଥାମ୍'ର ଓଡିଆ ଅନୁବାଦ ପାଇଁ 'ଛେଳି ଚରାଇବାର ଦିନ' ପାଇଁ ୨୦୨୧ ବର୍ଷ ପାଇଁ ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପ୍ରଦାନ କରାଯାଇଛି ।

୬. ଉତ୍କଳ ସାହିତ୍ୟ ସମାଜର ୧୨୦ତମ ବାର୍ଷିକ ସମ୍ମିଳନୀରେ ଭାଷାବିତ୍ ପଦ୍ମଶ୍ରୀ ଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଉତ୍କଳ ରତ୍ନ ତଥା ବିଶିଷ୍ଟ ଓଡିଆ ଲେଖକ ନରସିଂହ ମିଶ୍ରଙ୍କୁ ସୁକଦେବ ସାହୁ ଉପନ୍ୟାସ ସମ୍ମାନ ପ୍ରଦାନ କରାଯାଇଛି।

## ଶ୍ରଦ୍ଧାଞ୍ଜଳି

୧. ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବୀଣାପାଣି ମହାନ୍ତି ୮୫ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ପଦ୍ମଶ୍ରୀ ଏବଂ ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ଅନେକ ସମ୍ମାନଜନକ ପୁରସ୍କାର ପାଇଥିବା ବୀଣାପାଣିଙ୍କର ୧୦୦ ରୁ ଅଧିକ ପୁସ୍ତକ ରହିଛି। ସେ ଜଣେ ଶିକ୍ଷାବିତ୍, ଶୈଳବାଳା ମହିଳା କଲେଜରେ ଅର୍ଥନୀତି ଅଧ୍ୟାପିକା ଥିଲେ।

୨. ବିଶିଷ୍ଟ କବି, ଅନୁବାଦକ ତଥା ସମ୍ପାଦକ ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କର ୬୯ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ଇଂରାଜୀ ସାହିତ୍ୟର ଶିକ୍ଷକ ଭାବରେ କ୍ୟାରିଅର୍ ଆରମ୍ଭ କରି ପଟ୍ଟନାୟକ ଉଭୟ ଓଡିଆ ଏବଂ ଇଂରାଜୀରେ ଲେଖୁଥିଲେ। ତାଙ୍କର 'ସବୁ ଅନ୍ଧାର ଆଜି ରାତିରେ', 'ଅରଣ୍ୟରେ ଯେତେଦିନ, 'ସବୁଦିନର କବିତା', 'ଅଥୟ ସୂର୍ଯ୍ୟ' ଏବଂ 'ଆୟୁଷ୍ମାନ ସମୟ' ସମେତ ତାଙ୍କର ପ୍ରାୟ ୨୦ ଟି ପୁସ୍ତକ ରହିଛି। ଓଡିଆ ସାହିତ୍ୟ ଏବଂ କବିତାକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ପାଇଁ ତାଙ୍କୁ ୨୦୧୨ ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୨୦୧୮ ରେ ଉତ୍କଳ ସାହିତ୍ୟ ସମାଜ ଦ୍ୱାରା ପ୍ରତିଷ୍ଠିତ ଗଙ୍ଗାଧର ମେହେର କବିତା ସମ୍ମାନ ସମେତ ଅନେକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

୩. ବିଶିଷ୍ଟ ସଂସ୍କୃତି ବିଶେଷଜ୍ଞ, ସମୀକ୍ଷକ, ଓଡିଆ ଲେଖକ ତଥା ନାଟକ ଲେଖକ ପଦ୍ମଶ୍ରୀ ଶ୍ରୀ ରଜତ କୁମାର କରଙ୍କର ୮୮ ବର୍ଷ ବୟସରେ ଦେହାନ୍ତ ହୋଇଛି। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ପାଲାର ମରିଯାଉଥିବା କଳାକୁ ପୁନର୍ଜୀବିତ କରିବାରେ ଅବଦାନ ପାଇଁ କରଙ୍କୁ ୨୦୨୧ ମସିହାରେ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ୧୯୫୯ ମସିହାରୁ ପ୍ରଭୁ ଜଗନ୍ନାଥଙ୍କ ରଥ ଯାତ୍ରା ଉପରେ ବକ୍ତବ୍ୟ ଦେଉଥିଲେ। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ତାଙ୍କୁ ଅନେକ ସମ୍ମାନଜନକ ପୁରସ୍କାର ମିଳିଥିଲା। ପ୍ରଫେସର କର ମଧ୍ୟ ଜଣେ ଉଲ୍ଲେଖନୀୟ ପ୍ରେରଣାଦାୟୀ ବକ୍ତା, କବି, ରେଡିଓ ବ୍ୟକ୍ତିତ୍ୱ ଏବଂ ସାହିତ୍ୟିକ ଥିଲେ।

# ଅହଂକାରର ଫଳ ମିଠା ନୁହେଁ



ରମାକାନ୍ତ ମିଶ୍ର

ବହୁ ବର୍ଷ ପୂର୍ବେ ଭାରତବର୍ଷରେ ଜଣେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ୍ ଥିଲେ। ତାଙ୍କର ନାମ ଥିଲା ପଣ୍ଡିତ ଶତଂଜୟ ମିଶ୍ର। ତାଙ୍କ ନିକଟରେ ବିଚକ୍ଷଣ ପାଣ୍ଡିତ୍ୟ ସହିତ ଅହମିକା ମଧ୍ୟ ପୂର୍ଣ୍ଣ ହୋଇ ରହିଥିଲା। ସେ ସମୟର ବିଦ୍ୱାନ୍‌ମାନେ ରାଜଦରବାରମାନଙ୍କରେ ଶାସ୍ତ୍ରୀୟ ଆଲୋଚନା, ତର୍କବିତର୍କ ଓ ନିଜର କବିତ୍ୱର ପରାକାଷ୍ଠା ଦେଖାଇ ପୁରସ୍କୃତ ହୋଇ ଉପାଧି ପ୍ରାପ୍ତ ମଧ୍ୟ ହେଉଥିଲେ। ସ୍ୱରଚିତ କାବ୍ୟ, ନାଟକ ଓ ଅଳଙ୍କାରାଦି ଗ୍ରନ୍ଥମାନଙ୍କର ପ୍ରତିଷ୍ଠା ଓ ନିଜ ଜ୍ଞାନ ଗୌରବର ମହତ୍ତ୍ୱ ପ୍ରତିପାଦନ ପାଇଁ ବହୁ ପ୍ରତିଦ୍ୱନ୍ଦିତା ମଧ୍ୟ କରୁଥିଲେ।

ତତ୍କାଳୀନ ଭାରତର ଧାରାନଗରୀରେ ମହାରାଜ ଭୋଜ ଜଣେ ବିଚକ୍ଷଣ ଓ ମେଧାସଂପନ୍ନ ସଂସ୍କୃତ ବିଦ୍ୱାନ୍ ଥିଲେ। ତାଙ୍କ ରାଜସଭା ବହୁଶାସ୍ତ୍ରଦର୍ଶୀ ପଣ୍ଡିତମାନଙ୍କ ଦ୍ୱାରା ସର୍ବଦା ବିମଣ୍ଡିତ ଥିଲା। ସେହି ସଭାର ଶ୍ରେଷ୍ଠ ପଣ୍ଡିତ ଥିଲେ କାଳିଦାସ। ଏକଦା ରାଜା ଭୋଜ ଘୋଷଣା କଲେ ଯେ ଯିଏ ତାଙ୍କୁ ଗୋଟିଏ ନୂତନ ଶ୍ଳୋକ ଶୁଣାଇବ ସିଏ ରାଜାଙ୍କଠାରୁ ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ପାଇବ। ଏପରି ଏକ ବିରାଟ ପୁରସ୍କାର ପ୍ରାପ୍ତି ଲୋଭରେ ଅନେକ ବିଦ୍ୱାନ୍ ଅନେକ ନୂତନ ଶ୍ଳୋକ ରଚନା କରିଆଣି ରାଜସଭାରେ ପାଠ କରନ୍ତି କିନ୍ତୁ ତାହା ପୁରାତନ ଶ୍ଳୋକବୋଲି ପ୍ରମାଣିତ ହୁଏ, କାରଣ ରାଜାଙ୍କ ସଭାରେ ଏପରି ସ୍ମୃତିଶକ୍ତି ସମ୍ପନ୍ନ ବିଦ୍ୱାନ୍ ଥାଆନ୍ତି ଯେ ନୂତନ ଶ୍ଳୋକଟିକୁ ଥରେ ମାତ୍ର ଶୁଣି ମନେରଖି ପାରନ୍ତି ଓ ସଙ୍ଗେ ସଙ୍ଗେ ତାର ପୁନରାବୃତ୍ତି କରନ୍ତି। ସୁତରାଂ ଅନ୍ୟ ପଣ୍ଡିତମାନଙ୍କର ଆବୃତ୍ତି ଶୁଣି ରାଜା ତାହାକୁ ପୁରାତନ ଶ୍ଳୋକ ମନେ କରନ୍ତି ଓ ଶ୍ଳୋକ ଆଣିଥିବା ପଣ୍ଡିତ ନିରାଶ ହୋଇ ପ୍ରତ୍ୟାବର୍ତ୍ତନ କରନ୍ତି।

ଏକଦା ପଣ୍ଡିତ ଶତଂଜୟ ମିଶ୍ର ବିଚାର କଲେ ଯେ ସେ ଏପରି ଏକ ଶ୍ଳୋକ ରଚନା କରିବେ, ଯାହାକୁ ଶ୍ରବଣ କରି ମନେ ରଖିବା ପରେ ମଧ୍ୟ କୌଣସି ପଣ୍ଡିତ ପୁନରାବୃତ୍ତି କରିବେ ନାହିଁ। ଫଳତଃ ତାହା ନୂତନ ଶ୍ଳୋକ ବୋଲି ପ୍ରମାଣିତ ହେବ ଓ ଲକ୍ଷେସ୍ୱର୍ଣ୍ଣ ମୁଦ୍ରାପ୍ରାପ୍ତି ମଧ୍ୟ ସୁନିଶ୍ଚିତ। ଏପରି ଚିନ୍ତାକରି ସେ ନିମ୍ନପ୍ରଦତ୍ତ ଶ୍ଳୋକଟି ରଚନା କଲେ।

ଅପଶବ୍ଦ ଶତଂମାଘେ ଭାରବୌଚ ଶତତ୍ରୟମ୍

କାଳିଦାସେ ନଗଣ୍ୟତେ କବିରେକ ଶତଂଜୟଃ

ଶ୍ଳୋକଟିର ଅର୍ଥ ଏପରି ହେଲା ଯେ ମହାକବି 'ମାଘ'ଙ୍କର ରଚନାରେ ପ୍ରାୟ ଏକଶତ ଶବ୍ଦ ଭୁଲ୍ ଅଛି, ମହାକବି "ଭାରବି"ଙ୍କ ରଚନାରେ ତିନିଶତ ଶବ୍ଦ ଭୁଲ୍ ଅଛି ଓ ମହାକବି 'କାଳିଦାସ'ଙ୍କ ରଚନାରେ ଭୁଲ୍ ଶବ୍ଦ "ନଗଣ୍ୟତେ" ଅର୍ଥାତ୍ ଗଣିହେବ ନାହିଁ ସୁତରାଂ ଏକମାତ୍ର ନିର୍ଭୁଲ୍ କବି "ପଣ୍ଡିତ ଶତଂଜୟ ମିଶ୍ର"।

ଶ୍ଳୋକଟିକୁ ରଚନାକରି ସେ ନିଜର ଗୋଟିଏ ଶିଷ୍ୟହସ୍ତରେ ଭୋଜରାଜାଙ୍କ ସଭାକୁ ପ୍ରେରଣ କଲେ ଓ କହିଲେ, "ଯାଅ, ଏହି ଶ୍ଳୋକସଭାରେ ପଠନ ପରେ ରାଜା ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦେବେ। ତାହା ଧରି ଆସିବ।" ଶିଷ୍ୟଟି ମଧ୍ୟ ଗୁରୁ ଆଦେଶ ଶିରୋଧାର୍ଯ୍ୟ କରି ଶ୍ଳୋକଟି ଧରି ରାଜସଭା ଅଭିମୁଖେ ଚାଲିଲା।

ବାଟରେ ଯିବା ସମୟରେ ମହାକବି କାଳିଦାସଙ୍କ ସହ ତାର ଭେଟ ହେଲା। କିନ୍ତୁ ସେ କାଳିଦାସଙ୍କୁ ପୂର୍ବରୁ କେବେ ଦେଖିନଥିବା ହେତୁ ତାଙ୍କୁ ଜାଣିପାରିଲା ନାହିଁ। କାଳିଦାସ ବାଳକଟିର ଆଚରଣ ଓ ବେଶପୋଷାକରୁ ତାକୁ ବିଦ୍ୟାର୍ଥୀ ବୋଲି ଜାଣିପାରି ପଚାରିଲେ "ତୁମେ କିଏ ? କେଉଁ ସ୍ଥାନକୁ ଯିବ ?"ବାଳକ ଉତ୍ତର ଦେଲା, "ମୁଁ ଜଣେ ବିଦ୍ୟାର୍ଥୀ। ପଣ୍ଡିତ ଶତଂଜୟ ମିଶ୍ର ମୋର ଗୁରୁ, ସେ ମୋତେ ଭୋଜରାଜଙ୍କ ସଭାକୁ ଏକ ଶ୍ଳୋକ ଦେଇ ପଠାଇଛନ୍ତି। ଏହି ଶ୍ଳୋକଟି ପାଠକଲେ ରାଜା ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦେବେ।"

ଏହାଶୁଣି କାଳିଦାସଙ୍କ ମନରେ ଖୁବ୍ କୌତୂହଳ ଜାତ ହେଲା। ସେ ବାଳକକୁ କହିଲେ, "ଶ୍ଳୋକଟି ମୋତେ ଟିକେ ଦେଖାଇ ପାରିବ ? ବାଳକ ସଙ୍ଗେ ସଙ୍ଗେ ଶ୍ଳୋକଟି କାଢି ଦେଖାଇ ଦେଲା। ଶ୍ଳୋକପଢି କାଳିଦାସ ପଣ୍ଡିତ ଶତଂଜୟ ମିଶ୍ରଙ୍କର ଅଭିପ୍ରାୟ ବେଶ୍ ବୁଝିପାରିଲେ। ତହୁଁ ସେ ବାଳକକୁ କହିଲେ, "ବାବୁ ! ଏ ଶ୍ଳୋକରେ ଟିକେ ଭୁଲ୍ ରହିଛି। ଯିବା ପୂର୍ବରୁ ତାକୁ ସଂଶୋଧନ କରିନିଅ।" କ'ଣ ଭୁଲ ଅଛି ବୋଲି ବାଳକଟି ପଚାରିବାରୁ କାଳିଦାସ କହିଲେ, "ଶ୍ଳୋକ ଆରମ୍ଭରେ ଯେଉଁ 'ଅପ' ଲେଖାଯାଇଛି ସେଠାରେ 'ଅ' ଦକ୍ଷିଣରେ ଗୋଟିଏ ଗାର ଲାଗିବ। ଅର୍ଥାତ 'ଅ' ଅକ୍ଷରଟି 'ଆ' ହେବା ଦରକାର ନୋହିଲେ ଶ୍ଳୋକଟି ଭୁଲ୍ ହୋଇଯିବ।" ଏହାଶୁଣି ଶିଷ୍ୟ ଜଣକ 'ଅ' ଅକ୍ଷର ଡାହାଣ ପାଖରେ ଗୋଟିଏ ଗାର ଟାଣି ତାକୁ 'ଆ' କରିଦେଲା। ବର୍ତ୍ତମାନ ଶ୍ଳୋକଟିର ଆରମ୍ଭରେ 'ଅପଶବ୍ଦ' ନରହି 'ଆପଶବ୍ଦ' ରହିଲା ଓ ଦୁହେଁ ରାଜସଭା ଅଭିମୁଖେ ଚାଲିଲେ।

ରାଜା ଭୋଜଙ୍କର ପଣ୍ଡିତ ସଭାର କାର୍ଯ୍ୟକ୍ରମ ଆରମ୍ଭ ହେବା



ସମଗ୍ର ପୃଥିବୀ ତୁମପାଇଁ ପରିବର୍ତ୍ତନ ହେବ ନାହିଁ, ତୁମେ ନିଜକୁ ହିଁ ପରିବର୍ତ୍ତନ କରିବାକୁ ପଡିବ।

ପୂର୍ବରୁ କାଳିଦାସ ଓ ବିଦ୍ୟାର୍ଥୀ ବାଳକ ଯାଇ ସଭାରେ ଉପସ୍ଥିତ ହେଲେ। କଳିଦାସ ନିଜ ଆସନରେ ଉପବେଶନ କଲେ। ବିଦ୍ୟାର୍ଥୀ ବାଳକକୁ ଦେଖି ରାଜା ଭୋଜ ତା'ର ପରିଚୟ ଓ ଆଗମନର କାରଣ ପଚାରନ୍ତେ ସେ ନିଜର ଓ ଗୁରୁ ଶତଂଜୟ ମିଶ୍ରଙ୍କର ପରିଚୟ ଦେଇ ନୂତନ ଶ୍ଳୋକଟି ଆବୃତ୍ତି କରିବା ପାଇଁ ରାଜାଙ୍କୁ ଅନୁମତି ଭିକ୍ଷା କଲା। ରାଜା ନୂତନ ଶ୍ଳୋକ ଶୁଣିବାର ଆଗ୍ରହରେ ତାହା ପାଠ କରିବା ପାଇଁ ଅନୁମତି ଦେଲେ। ତହୁଁ ବାଳକଟି ପାଠ କଲା।

"ଆପଶବ୍ଦ ଶତଂମା ଘେ ଭାରବୌଚ ଶତତ୍ରୟମ୍

କାଳିଦାସେ ନଗଣ୍ୟ ତେ କବିରେକ ଶତଂଜୟଃ"

ଏଥିରେ କାଳିଦାସ 'ମାଘ' କିମ୍ବା 'ଭାରବି'ଙ୍କର ଅପମାନ ପରିବର୍ତ୍ତେ ସମ୍ମାନ ବହୁତ ବଢିଗଲା। କାରଣ ଶ୍ଳୋକ ଆରମ୍ଭରେ 'ଅପ' ପରିବର୍ତ୍ତେ 'ଆପ' ଲେଖା ହୋଇଯାଇଥିଲା। 'ଅପ' ଶବ୍ଦର ଅର୍ଥ ଖରାପ ବା ଭୁଲ୍ ମାତ୍ର 'ଆପ' ଶବ୍ଦର ଅର୍ଥ ଜଳ। ତେଣୁ ଶ୍ଳୋକଟିର ଅର୍ଥ ଏପରି ବୁଝାଗଲା ଯେ ମାଘ କବି 'ଜଳ'ର ପ୍ରତିଶବ୍ଦ ଜାଣିଛନ୍ତି ଏକଶତ, ଭାରବି କବି ଜାଣିଛନ୍ତି ତିନିଶତ ଓ "କାଳିଦାସେ ନଗଣ୍ୟତେ" ଅର୍ଥାତ୍ କାଳିଦାସଙ୍କଠାରେ 'ଜଳ'ର ପ୍ରତିଶବ୍ଦ ଅଗଣିତ ରହିଛି। 'କବିରେକଶତଂଜୟଃ' ପଣ୍ଡିତ ଶଂତଜୟ ମିଶ୍ର 'ଜଳ' ର ପ୍ରତିଶବ୍ଦ ଗୋଟିଏ ଜାଣିଛନ୍ତି। ଶ୍ଳୋକଟି ଅର୍ଥ ହେବା ପରେ ସଭାରେ ରାଜାଙ୍କ ସହିତ ସମସ୍ତେ ହସିଉଠିଲେ ଏବଂ ଅନ୍ୟ ପଣ୍ଡିତମାନେ ଏହାର ପୁନରାବୃତ୍ତି ମଧ୍ୟ କରିଗଲେ ଯେହେତୁ ଏଥିରେ କାଳିଦସଙ୍କର ନିନ୍ଦା ପରିବର୍ତ୍ତେ ବହୁ ପ୍ରଶଂସା ପୂରି ରହିଥିଲା। ଅନ୍ୟମାନଙ୍କ ପୁନରାବୃତ୍ତି ଯୋଗୁଁ ଶ୍ଳୋକଟି ପୁରାତନ ବୋଲି ପ୍ରମାଣିତ ହେଲା। ତେଣୁ ବିଦ୍ୟାର୍ଥୀବାଳକ ପୁରସ୍କାର ନପାଇ ନିରାଶରେ ଫେରିଲା।

ଗୁରୁଙ୍କ ନିକଟରେ ପହଞ୍ଚି ସବୁକଥା ଜଣାଇବା ପରେ ଗୁରୁ ଶ୍ଳୋକଟିକୁ ନେଇ ଦେଖିଲେ ଯେ 'ଅପଶବ୍ଦ' ସ୍ଥାନରେ 'ଆପଶବ୍ଦ' ଲେଖାଯାଇଛି। ଏହା କିପରି ହେଲା ବୋଲି ପଚାରିବାରୁ ବାଳକଟି ସଭାକୁ ଯିବା ସମୟରେ ଶ୍ଳୋକ ସଂଶୋଧନ କଥା ଗୁରୁଙ୍କ ଆଗରେ ପ୍ରକାଶ କଲା। ଗୁରୁ ଏହା ଶୁଣି ବିସ୍ମିତ ଓ ଲଜ୍ଜିତ ହେଲେ। ଏହା କାଳିଦାସଙ୍କ କୌଶଳ ଭାବି ବହୁ ପ୍ରଶଂସା କରି ତାଙ୍କ ପ୍ରତ୍ୟୁତ୍ପନ୍ନମତିତା ନିକଟରେ ନିଜର ପରାଜୟ ନିଜେ ସ୍ୱୀକାର କରି ସେହି ନଗରୀ ପରିତ୍ୟାଗ କରି ପଳାୟନ କଲେ, ନିଜ ଅହଂକାରର ପରିଣାମ ଭୋଗକଲେ।

ଯଦି ଗୋଟିଏ ଅକ୍ଷର ଦକ୍ଷିଣପାର୍ଶ୍ୱରେ ଗୋଟିଏ ଗାର 'ା' ଲାଗିଗଲେ ଏପରି ଅର୍ଥ ବଦଳିଯାଏ ତେବେ ଆଜିକାଲିର ଶିକ୍ଷିତ ଗୋଷ୍ଠୀ ନିଜଲେଖା ଶ, ଷ, ସ ଓ ବିଭିନ୍ନ ମାତ୍ରା ଫଳା ତଥା ଯୁକ୍ତାକ୍ଷରର ବ୍ୟବହାର ଶୁଦ୍ଧି ଜାଣିବା ଉଚିତ ନୁହେଁ କି ? ଏ କଥାକୁ ବହୁ ଆଧୁନିକ ଶିକ୍ଷିତ ମାନୁ ନାହାନ୍ତି। ଏହାଦ୍ୱାରା ଭାରତର ଭାଷା ଜନନୀ ସଂସ୍କୃତ ଓ ତାହାର ସବୁଠାରୁ ନିକଟତମ ଭାଷା ଓଡିଆରେ ରଚିତ ଶାସ୍ତ୍ରମାନଙ୍କର ଅର୍ଥ କଦର୍ଥରେ ପରିଣତ ହେବା ସୁନିଶ୍ଚିତ। ଏ ସଂପର୍କରେ ଆମ୍ଭମାନଙ୍କର ସତର୍କତା ଏକାନ୍ତ ବାଞ୍ଛନୀୟ।

**ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ, ଜଟଣୀ**
**ମୋ- ୯୭୭୮୬୮୨୪୮୭**

# ମୋ ଗାଆଁ



**ବାସୁଦେବ ସାହୁ**

ଅତି ସୁନ୍ଦର ଗାଆଁ ଟି ମୋର
ଭାରି ମଧୁର ନାଆଁ ଟି ତା'ର ।
ସଭିଏଁ ଅତି ତା'ର ନିଜର
ଆପଣା ପର ନାହିଁ ବିଚାର ।
ତା'କୁ ମୁଁ ଦୂରୁ କରେ ଜୁହାର
ସେଇଠି ଅଛି ମୋ ଷଠି ଘର ।
ମଙ୍ଗରାଜପୁର ନାଁ ଟି ତା'ର
ଅତି ସୁନ୍ଦର ଗାଆଁ ଟି ମୋର ।।୧

ପଶ୍ଚିମ-ପୂର୍ବ ମାର୍ଗ ତାହାରି
ଦକ୍ଷିଣ ଦିଗେ ନଦୀ ବହଇ ।
ଜନ୍ମ ଭୂମି ପାଦ ଦେ'ସେ ଧୋଇ
ସବୁଜ୍ୱାସ ଅଙ୍ଗ ମଣ୍ଡଇ ।
ଉତ୍ତର ଦିଗେ ଶଇଳ ରହି
ମୁକୁଟ ଭଳି ଶୋଭା ଦିଶଇ ।
ତା'ପାଦେ ନିତି ପ୍ରଣାମ କର
ଜନ୍ମ ମାଟି ସେ ମାଆ ଆମର ।।୨

ଅଖ୍ୟାତ ପଲ୍ଲୀ ଗାଆଁଟି ମୋର
ଘଞ୍ଚ ଅରଣ୍ୟ ଟାଇଲ୍ ଘର ।
ଜଗନ୍ନାଥ ଙ୍କ ଏନ୍ତୁଡ଼ିଶାଳ
ନୀଳମାଧବଙ୍କ ପୀଠସ୍ଥଳ ।
ପଠାଣି ସାମନ୍ତ ଜନ୍ମ ସ୍ଥାନ
ଖଣ୍ଡପଡ଼ା ମାଟି ଅତି ପୂଣ୍ୟ ।
ମା'ମାତୃଭୂମି କୁ ନମସ୍କାର
ତା' ସେବାରେ ଯାଉ ପ୍ରାଣ ମୋର ।।୩

ମା ରାମଚଣ୍ଡୀ ଗ୍ରାମ ଦେବତୀ
ତା ପାଦେ ନିତି କରେ ପ୍ରଣତି ।
ବିପଦେ ଆପଦେ ହୁଏ ସାହା
ମାଆ ଡାକି ଦେଲେ କରେ ଆହା ।
ପତିତପାବନ ମଠ ନୀତି
ରାମଲୀଳା ନାଟ ଯଜ୍ଞ କୀର୍ତ୍ତି ।
ମୋ ଗାଆଁ ମୋର ଅତି ନିଜର
ବିଦେଶେ ଥାଇ କରେ ଜୁହାର ।।୪

ମଙ୍ଗରାଜପୁର, ନୟାଗଡ଼



ପର ନିନ୍ଦା, ପର ଚର୍ଚ୍ଚା, ପରର ଅନିଷ୍ଟ ଚିନ୍ତା, ଅନ୍ୟର ପ୍ରାଣରେ କଷ୍ଟ ଦେବା ମହାପାତକ ମଧ୍ୟରେ ଗଣ୍ୟ।

# ଚଷମା କାହାଣୀ



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ



ଚକ୍ଷୁ ପ୍ରକୃତିର ସବୁଠାରୁ ବଳି ବିସ୍ମୟକର ସୃଷ୍ଟି। ଏହା ଶରୀରର ପରିଚୟ ପତ୍ର। ଟି.ଆଡ଼ାମ୍ସ କହିଥିଲେ, "ଚକ୍ଷୁ ହେଲା ଆତ୍ମାର ନାଡ଼ି। ଡ଼ାକ୍ତରମାନେ ନାଡ଼ି ଦେଖି ହୃତପିଣ୍ଡ ସୁସ୍ଥ କି ନା ଜାଣିପାରିବା ଭଳି ବ୍ୟକ୍ତିର ଚକ୍ଷୁକୁ ଚାହିଁ ତାର ଚରିତ୍ର ବିଷୟରେ ଅନେକ କିଛି ଜାଣି ନେଇ ହୁଏ।" ଚକ୍ଷୁ କଥା କହେ, କିନ୍ତୁ କଥା କହେ ନିରବରେ।

ମହାରାଷ୍ଟ୍ରର ତାଲୋଜା ଜେଲରେ ରହିଥିବା ଗୌତମ ନବଲଖାଙ୍କ ଚଷମାଟି ଚୋରି ହୋଇଗଲା ଜେଲରୁ। ସେ ଚଷମା ବିନା କିଛି ଦେଖିପାରନ୍ତିନି। ତେଣୁ ତାଙ୍କ ପରିବାର ନୂଆ ଚଷମାଟିଏ ଡ଼ାକ ଯୋଗେ ଜେଲକୁ ପଠେଇଦେଲେ। ହେଲେ ଜେଲଖାନାର କର୍ତ୍ତୃପକ୍ଷ ଚଷମାଟିକୁ ଗ୍ରହଣ ନକରି ଫେରେଇଦେଲେ ପ୍ରେରକଙ୍କ ନିକଟକୁ। ଚଷମା ବିନା ନବଲେଖା ପ୍ରାୟତଃ ଦୃଷ୍ଟିହୀନ। ମାନ୍ୟବର ହାଇକୋର୍ଟ ଓ ମହାରାଷ୍ଟ୍ରର ଗୃହମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ା ପଡ଼ିଲା ନବଲେଖାଙ୍କ ପାଖରେ ନୂଆ ଚଷମାଟିକୁ ପହଞ୍ଚେଇବା ପାଇଁ।

ଏଠାରେ ନବଲେଖାଙ୍କ ଅପରାଧ କିମ୍ବା ନବଲେଖାଙ୍କ ପୃଷ୍ଠଭୂମି ଆଲୋଚନାର ପ୍ରସଙ୍ଗ ନୁହେଁ। ଆଲୋଚନାର ପ୍ରସଙ୍ଗ ଚଷମା ଲଗାଉଥିବା ବ୍ୟକ୍ତିଙ୍କୁ ଚଷମାରୁ ବଞ୍ଚିତ କରିବା। ଯେଉଁମାନେ ଚଷମା ପିନ୍ଧନ୍ତି, ଚଷମାଟି ହଠାତ୍ ଭାଙ୍ଗିଗଲେ ତାଙ୍କ ଦୁର୍ଦ୍ଦଶାର ସୀମା ରହେନି। ଚଷମା ବିନା ସେ ହୋଇପଡ଼ନ୍ତି ଚକ୍ଷୁଥାଇ ଚକ୍ଷୁହୀନ। ଚଷମାକୁ ଖୋଲି ରଖିଦେବାର କିଛି ସମୟ ପରେ ଚଷମା କେଉଁଠି ରଖିଛନ୍ତି ତାହା ମନେ ପକାଇ ନପାରିଲେ ଚଷମା କାଇଁ, ଚଷମା କାଇଁର ରଡ଼ରୁ ତ୍ରାହି ପାଇବା ନିମନ୍ତେ ପରିବାରର ସମସ୍ତେ ଚଷମା ଖୋଜିବାରେ ଲାଗିପଡ଼ିବାର ଅଭିଜ୍ଞତା ଅନେକଙ୍କର ଥିବ ନିଶ୍ଚୟ। କାରଣ ଚଷମାର ଅପରିହାର୍ଯ୍ୟତା କେବଳ ଚଷମାଧାରୀଙ୍କୁ ହିଁ ଜଣା।

ଆମେ ମ୍ୟାଟ୍ରିକ ପଢ଼ିବାବେଳେ ଆମ ସିଲାବସରେ ଥିଲା କବି ଉଇଲିୟମ୍ କାଉପରଙ୍କ ରଚିତ ଇଂରାଜୀ କବିତା 'ରିପୋର୍ଟ ଅଫ ଆନ୍ ଆଡ଼ଜଜଡ଼ କେସ୍'। ଚଷମାର ମାଲିକାନାକୁ ନେଇ ବିବାଦ ହିଁ ଥିଲା କବିତାଟିର ବିଷୟ ବସ୍ତୁ। ଆଖି ଓ ନାକ ଭିତରେ ଏକ ବିଚିତ୍ର କଳି ଲାଗିଗଲା। ଆଖି ଦାବିକଲା, ସେ ହେଉଛି ଚଷମାର ମାଲିକ। ନାକ ବି ଦାବିକଲା ଯେ ଚଷମାର ମାଲିକ ସେ। ଏଥିପାଇଁ ବସିଲା ଅଦାଲତ। ଅଦାଲତରେ ବିଚାରପତିଙ୍କ ଆସନରେ ବସିଲା କାନ, କାରଣ ଶୁଣାଣି କରିବା ତାର ପ୍ରାକୃତିକ ଅଧିକାର। ଯୁକ୍ତି କରିବା ଜିଭର ଏକଚାଟିଆ ଅଧିକାର ହୋଇଥିବାରୁ ମକଦ୍ଦମାରେ ଓକିଲର କାମ ତୁଲେଇଲା ଜିଭ। ମାତ୍ର ଶରୀରରେ ଗୋଟିଏ ମାତ୍ର ଜିଭ ଥିବାରୁ ମୁଦେଇ ଓ ମୁଦାଲା ଉଭୟଙ୍କ ତରଫରୁ ଓକିଲାତି କରିବାପାଇଁ ପଡ଼ିଲା ତାକୁ।

ତେବେ ନାକ ସପକ୍ଷରେ ଜିଭର ଯୁକ୍ତି ଥିଲା ଖୁବ ବଳିଷ୍ଠ, ଆଖି ସପକ୍ଷରେ ତାର ଯୁକ୍ତି ଥିଲା ଅପେକ୍ଷାକୃତ ଦୁର୍ବଳ। ଆଖିର ସମର୍ଥନରେ ଯୁକ୍ତି ବିଚାରପତିଙ୍କୁ ସନ୍ତୁଷ୍ଟ କରିପାରିଲାନି। ଏବେ କାନର ରାୟଦେବା ପାଳି। ନ୍ୟାୟମୂର୍ତ୍ତି କାନର ରାୟରେ ଯଦି କିମ୍ବା କିନ୍ତୁ ଭଳି ସନ୍ଦେହ ସୃଷ୍ଟି କରିପାରୁଥିବା ଶବ୍ଦ ନଥିଲା। ରାୟର ଭାଷା ଥିଲା ସ୍ପଷ୍ଟ, ସ୍ୱଚ୍ଛ, ସନ୍ଦେହ ମୁକ୍ତ, ତଥା ସଂପୂର୍ଣ୍ଣ ସୁଚିନ୍ତିତ। ହେଲେ କଅଣ ଥିଲା ବିଚାରପତିଙ୍କ ବିଚାରର ରାୟ ?

ରାୟଟି ଥିଲା- "ଦିନର ସୂର୍ଯ୍ୟ ଆଲୁଅରେ ହେଉ ବା ରାତିର ମହବତି ଆଲୁଅରେ ହେଉ, ନାକଟି ତା'ର ଚଷମାଟିକୁ ପିନ୍ଧିବା ମାତ୍ରେ ଆଖି ଦୁଇଟି ନିଜକୁ ଖୋଲା ନରଖି ତତ୍କ୍ଷଣାତ୍ ମୁଦି ହୋଇଯିବେ। ନାକ ଉପରେ ଚଷମା ରହିଥିବା ପର୍ଯ୍ୟନ୍ତ ଆଖି ଦୁଇଟି କସ୍ମିନକାଳେ ନିଜକୁ ଖୋଲି ପାରିବେନି।"

ମଙ୍ଗୋଲିଆ ଦେଶର ଲୋକେ ହିଁ ପ୍ରଥମେ ଚଷମା ବ୍ୟବହାର କରୁଥିବା କଥା ଉଲ୍ଲେଖ କରିଛନ୍ତି ଡ଼ି. ରୁବ୍ରକ ନାମକ ଜଣେ ପାଦ୍ରି। ସେହି ଚଷମା ତିଆରି ହେଉଥିଲା ସ୍ୱଚ୍ଛ ପଥରରେ ଏବଂ କଇଁଚର ପିଠି ହାଡ଼ରେ ତିଆରି ହେଉଥିଲା ଚଷମାର ଫ୍ରେମ୍। ୧୩୦୦ ମସିହା ବେଳକୁ ଭେନସି ସହରରେ ତିଆରି ହେଲା ଉତ୍ତଳର ଯବକାଚ। ବୁଢ଼ାବୁଢ଼ୀମାନେ ଛାପା ଅକ୍ଷର ପଢ଼ିପାରିବା ନିମନ୍ତେ ଚଷମାକୁ ବେଶୀ ଲୋକପ୍ରିୟ କରିଦେଲେ। ଏପରିକି ବୁଲାବିକାଳିମାନେ ଘର ଘର ବୁଲି ଚଷମା ବିକିବା ଆରମ୍ଭ କଲେ। ଋରିଆଡ଼େ ବି ଖୋଲିଲା ଚଷମା ଦୋକାନମାନ। ନିକଟ ଜିନିଷ ଦେଖିପାରିବାଟା ସିନା ସମ୍ଭବ ହୋଇଗଲା ହେଲେ ଦୂରଜିନିଷ ଦେଖିପାରିବା ନିମନ୍ତେ ଅବତଳ ଯବକାଚ ତିଆରି କରିବା ପାଇଁ ଲାଗିଗଲା ଆହୁରି ଶହେବର୍ଷ ପାଖାପାଖି।

ଆମେରିକାର ବିଶିଷ୍ଟ ଲେଖକ, ବୈଜ୍ଞାନିକ, ରାଜନୈତିକ ବେଞ୍ଜାମିନ୍ ଫ୍ରାଙ୍କଲିନ୍‌ଙ୍କଠାରେ ଥିଲା ଉଭୟ ଦୃଷ୍ଟିଦୋଷ; ସେ ଦୂରଜିନିଷ ଦେଖିପାରୁନଥିଲେ କି ନିକଟ ଜିନିଷ ଦେଖିପାରୁନଥିଲେ। ତେଣୁ ସେ ବାଇଫୋକାଲ ଲେନ୍ସ ଥିବା

ଚଷମା ତିଆରିର ପ୍ରସ୍ତାବ ଦେଲେ। ତେଣୁ ତାଙ୍କରି ବରାଦ ଅନୁସାରେ ହିଁ ଚଷମା କାଚର ଉପର ଅଧାକୁ ଦୂରଜିନିଷ ଦେଖିବା ପାଇଁ ଓ ତଳ ଅଧାକୁ ନିକଟ ଜିନିଷ ଦେଖିବାପାଇଁ ବ୍ୟବହାର କରି ଗୋଟିଏ ମାତ୍ର ଚଷମାର ପ୍ରଚଳନ ହେଲା।

ବେଳଥିଲା, ଯେତେବେଳେ କୌଣସି ଦୃଷ୍ଟି ଦୋଷ ନଥାଇ ମଧ୍ୟ କେତେକ ମର୍ଯ୍ୟାଦାର ଚିହ୍ନରୂପେ ସାଦା କାଚର ଚଷମା ପିନ୍ଧୁଥିଲେ। ଏପରିକି କାଚ ନଥାଇ କେହି କେହି ପିନ୍ଧୁଥିଲେ ଚଷମାର ଖାଲି ଫ୍ରେସଟିକୁ। ସପ୍ତଦଶ ଶତାବ୍ଦୀ ବେଳକୁ ଚଷମା ପିନ୍ଧିବା ଆରମ୍ଭକଲେ। ପଦପଦବୀ ବଢ଼ିବା ସହ ତାଳଦେଇ ବଢ଼ି ବଢ଼ି ଯାଉଥିଲା ଚଷାମାର ଆକାର। ଏବେ ମଧ୍ୟ ଚଷମା ପିନ୍ଧିବାପ୍ରତି ସେହି ପ୍ରକାରର ମନୋଭାବ ରହିଛି। ଫଳରେ କୌଣସି ଚକ୍ଷୁଦୋଷ ନଥାଇ ମଧ୍ୟ ଜଣ ଜଣକର ରହିଛି ପନ୍ଦର କି କୋଡ଼ିଏ ପ୍ରକାରର ଚଷମା।

ପୁଣି ବ୍ୟବହୃତ ହେଉଛି ବାହାରକୁ ଦେଖାଯାଉନଥିବା କଣ୍ଟାକ୍ଟ ଲେନ୍ସ। ଦିନ ଥିଲା ଯେତେବେଳେ ବରଫ ଉପରେ ଆଖି ଝଲସି ନଯିବା ପାଇଁ ଏସ୍କିମୋମାନେ ପତଳା କାଠରେ କଣା କରି ତା'କୁ ଚଷମା ରୂପେ ବ୍ୟବହାର କରୁଥିଲେ। କିନ୍ତୁ ସୂର୍ଯ୍ୟକିରଣ ପଡ଼ିଲେ ଆପେ ଆପେ କାଚର ରଙ୍ଗ ବଦଳି କଳା ଚଷମା ପିନ୍ଧିଥିବାର ଭ୍ରମ ସୃଷ୍ଟିକରୁଛି ଏବକାର ଫଟୋକ୍ରୋମାଟିକ୍ ଲେନ୍ସ।

ସେ ଯାହାହେଉ, ଦୃଷ୍ଟିଦୋଷ ଦୂରକରିବା ନିମନ୍ତେ ଚଷମାର ବ୍ୟବହାର ବିଜ୍ଞାନର ଏକ ବିରାଟ ଅବଦାନ ବୋଲି କହିଲେ କିଛି ଭୁଲ ହେବ ନାହିଁ। କାରଣ ଚଷମା ଉଦ୍‌ଭାବିତ ହୋଇନଥିଲେ, ମଣିଷ ହୁଏତ ଆଖିଥାଇ ଅନ୍ଧ ରହିଯାଇଥାନ୍ତା।

ଚଷମାର ବ୍ୟବହାର ହିଁ ସର୍ବପ୍ରଥମେ ପ୍ରମାଣ କରିଦେଇଥିଲା ଯେ ପ୍ରକୃତି ସର୍ବଶକ୍ତିମତୀ ନୁହେଁ। ମଣିଷ ଚାହିଁଲେ ସେ ପ୍ରକୃତିର କ୍ରିୟାକୁ ପରିବର୍ତ୍ତିତ କରିଦେଇପାରେ। ବଦଳେଇ ଦେଇପାରେ ପ୍ରକୃତିର ସୀମିତତାକୁ। ଦୃଷ୍ଟିହୀନ ଓ ଶ୍ରବଣହୀନ ବ୍ୟକ୍ତିଠାରେ ପୁନଃସ୍ଥାପିତ କରିଦେଇପାରେ ଯଥାକ୍ରମେ ଦୃଷ୍ଟିଶକ୍ତି ଏବଂ ଶ୍ରବଣଶକ୍ତି। ଏ ପ୍ରସଙ୍ଗରେ କୁହାଯାଇପାରେ ଯେ ଶ୍ରବଣଯନ୍ତ୍ରର ଉପଯୋଗିତା ଚଷମାର ଉପଯୋଗିତାଠାରୁ କୌଣସି ଗୁଣରେ କମ ନୁହେଁ।

ଏକଦା ବିଶ୍ୱକବି ରବୀନ୍ଦ୍ରନାଥଙ୍କୁ ପଚରାଯାଇଥିଲା- "ଦୃଷ୍ଟି କ୍ଷମତା ଓ ଶ୍ରବଣ କ୍ଷମତା ମଧ୍ୟରୁ ଆପଣଙ୍କଠାରେ କୌଣସି ଗୋଟିଏକୁ ଅକ୍ଷତ ରଖିବାପାଇଁ କୁହାଗଲେ, ଆପଣ କେଉଁଟିକୁ ବାଛିନେବେ ?"

କାଳବିଳମ୍ବ ନ କରି କବିଗୁରୁ ଉତ୍ତର ଦେଇଥିଲେ, "ମୁଁ ଦୃଷ୍ଟିହୀନ ରହି ସହଜରେ ଚଳେଇ ନେବି, ମାତ୍ର ଶ୍ରବଣହୀନ ହୋଇ ମୁହୂର୍ତ୍ତେ ରହିପାରିବିନି।

**'ଅଭୀପ୍ସା',**

**ସେକ୍ଟର-୬, ପ୍ଲଟ ନଂ-୧୧୩୧**

**ଅଭିନବ ବିଡ଼ାନାସୀ, କଟକ- ୭୫୩୦୧୪**

## ଶ୍ରଦ୍ଧାଞ୍ଜଳି



### ✓ ଡ. ସନ୍ତୋଷ କୁମାର ନାୟକ

ଆର୍ବିଭାବ - ୦୮.୦୫.୧୯୫୦

ତିରୋଧାନ - ୨୪.୧୧.୨୦୨୨

ପ୍ରାକ୍ତନ ଅଧ୍ୟକ୍ଷ, ଉଦ୍ଭିଦ ବିଜ୍ଞାନୀ, ପ୍ରାବନ୍ଧିକ, ଲେଖକ, ଶିକ୍ଷାବିତ ଓ ଗବେଷକ ଡ ସନ୍ତୋଷ କୁମାର ନାୟକ ୧୯୭୫ ମସିହାରୁ ଦୀର୍ଘ ୩୦ ବର୍ଷ ପ୍ରାଣନାଥ କଲେଜ, ନୟାଗଡ କଲେଜ ଏବଂ ନାଚୁଣୀ କଲେଜରେ ଅଧାପନା କାର୍ଯ୍ୟ କରିଥିଲେ। ସେ ଜଣେ ସମାଲୋଚକ ଓ ହାସ୍ୟରସାତ୍ମକ ପୁସ୍ତକ (କାଙ୍ଗାଳି ଗୁରୁ, ମଖନ ବାଜି) ଲେଖି ଜନାଦୃତ। ଆକାଶବାଣୀ ଓ ଦୂରଦର୍ଶନରେ ବିଜ୍ଞାନ ସମ୍ବନ୍ଧୀୟ ଆଲୋଚନାରେ ସେ ଆଦୃତି ଲାଭ କରିଛନ୍ତି।



### ✓ ଡକ୍ଟର ରତ୍ନାକର ସାହୁ

ଆର୍ବିଭାବ - ୦୧.୦୯.୧୯୪୦

ତିରୋଧାନ - ୩୦.୧୧.୨୦୨୨

ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତିର ଜଣେ ଏକନିଷ୍ଠ ସାଧକ ଓ ପ୍ରବକ୍ତା- ବାଗ୍ମୀ, ଚାକିରୀରୁ ଅବସର ଗ୍ରହଣ ପୂର୍ବକ କଟକ ମହାନଦୀ ବିହାର ଠାରେ ଅବସ୍ଥାନ ଏବଂ ପ୍ରାଚୀନ ପୋଥି ଓ ଭବିଷ୍ୟତ ବାଣୀର ଶାସ୍ତ୍ରୀୟ ଅନୁଶୀଳନରେ ରତ ଥିଲେ। ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପନା (୧୯୬୪- ୧୯୯୮) ସହିତ ବିଷୁବ ମିଳନ ପୁରସ୍କାର (୧୯୭୭), ଏବଂ କଳ୍କିରାମ - ଏକ ବିଚାର ବିମର୍ଶ (୧୯୯୭) ଓ ଓଡ଼ିଶାର ସନ୍ଥ ସାହିତ୍ୟ (୨୦୦୧) ପୁସ୍ତକ ପାଇଁ ବେଶ ସୁନାମ ପାଇଛନ୍ତି।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।

# ପୁଅର ବାପା - ୩



ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଣ୍ଠ)

ପୁଅ ଠୁକେଇ ଠୁକେଇ ଚାଲିଲାଣି । ନୀଳାମ୍ବରର ଆନନ୍ଦ କହିଲେ ନସରେ । ମଝିରେ ମଝିରେ ଅନେକ ଅସ୍ପଷ୍ଟ ଓ ଅବୁଝା ଶବ୍ଦବି କହିଲାଣି । ତାତା, ବାବା, ନାନା, ମାମା, ବୁବୁ ଭଳିଆ କେତେ କଥା ତା ପାଟିରୁ ବାହାରୁଛି । ସେସବୁ ଯେତେ ଅବୁଝା ହେଲେବି ନୀଳାମ୍ବରକୁ ଶୁଣିବାକୁ ଭଲଲାଗୁଛି । ସବୁଠାରୁ ବେଶୀ ଭଲଲାଗୁଛି, ସିଏ ଯେତେବେଳେ ବାବା ବୋଲି କହୁଛି । ଯେତେବେଳେ ମାମା କି ବୁବୁ ବୋଲି କହୁଛି, ସେତେବେଳେ ସିଏ ପତ୍ନୀକୁ ଡାକି କହୁଛି, ଏଇ ଶୁଣିଲଣି ପୁଅ ତମକୁ ମାମା କି ବୋଉ ବୋଲି ଡାକିଲାଣି !

ଏ କଥା ଶୁଣି ପତ୍ନୀ ପାଖକୁ ଧାଇଁଆସନ୍ତି । କହନ୍ତି, କାଇଁ କୋଉଠି କହିଲା ? ଆଉ ତ କହୁନି !

ନୀଳାମ୍ବର ଛିଗୁଲେଇ କହେ, ସିଏ ମୋ ପୁଅ ମୋ ପାଖରେ କହିବ । ତମେ ତାର କିଏ କି ?

ପତ୍ନୀ କହନ୍ତି, ନାଇଁ ମ ! ମୁଁ ଜନ୍ମକରି ସିଏ ମୋ ପୁଅ ହେଲାନି, ତମର ହେଇଗଲା ! ପୁଅକୁ କୋଳକୁ ନେଇ କହନ୍ତି, କହିଲୁ କହିଲୁ ମୁଁ ତୋର ବୋଉଟି ?

ପତ୍ନୀ ପୁଅକୁ ବୋକ ଦିଅନ୍ତି । ନୀଳାମ୍ବର ନିଜଆଡ଼କୁ ପୁଅକୁ ଆଣି କହେ ଏ ପୁଅଟା ଏକା ମୋର । ସିଏ ମୋ କଥାରେ କଥାକହିବ, ମୋ କଥାରେ ହସିବ, ମୋ କଥାରେ ନାଚିବ । ନା କଣ ପୁଅ !

ପତିପତ୍ନୀଙ୍କ ଏଇମିତି ଭାବ-ଗମାତରେ ଦିନମାନ ବହିଯାଏ । ଉଭୟଙ୍କର କେବଳ ଗୋଟିଏ ଚିନ୍ତା ପୁଅ କେମିତି ଶିଘ୍ର ଶିଘ୍ର ବଡ଼ ହୋଇଯାଉ ।

ଚାହୁଁ ଚାହୁଁ ପୁଅ ବଡ଼ ହୁଏ । ଠୁକେଇ ଠୁକେଇ ଚାଲୁଚାଲୁ ସ୍ଥିର ହୋଇ ଠିଆ ହୁଏ । ଖୁଲେଇ ଖୁଲେଇ ଚାଲେ । କେତେବେଳେ ମାଆ କୋଳକୁ ତ କେତେବେଳେ ବାପା କୋଳକୁ ଆବୋରି ସରଗର ଅମୃତକୁ ହାତପାଆନ୍ତାରେ ପରଷିଦିଏ । ଅମୃତ ସତରେ କଣ କୋଉ ସରଗରେ ଥାଏ କି? ଥାଏ ଏଇ ସଂସାରର ହସରେ, ଖୁସିରେ, ସରାଗରେ ଆଉ ଭଲପାଇବାର ଅଭିମାନରେ ! ପରସ୍ପରର ଭାବ ବଣ୍ଟୁଆରାରେ ଅମୃତପୁଷ୍ଟ ହୁଏ ବୋଲି ନୀଳାମ୍ବର ଭାବେ ।

ପୁଅକୁ ମଝିରେ ପୂରାଇ ବାପା ଓ ମାଆ ରାତିରେ ନିଦ୍ରାଯାଆନ୍ତି । କେତେବେଳେ କେମିତି ଯଦି ନୀଳାମ୍ବରର ନିଦ ଭାଙ୍ଗିଯାଏ, ସିଏ ନିଠେଇ ନିଠେଇ ପୁଅ ମୁହଁକୁ ଚାହେଁ । ଘର ଭିତରର ସ୍ତିମିତ ଆଲୋକଟିକକର ସକଳ ଆଭା ସତେକି ପୁଅ ମୁହଁରେ ଅଜାଡ଼ି ହୋଇପଡ଼ିଛି, ଏଇମିତି ବୋଧହୁଏ ନୀଳାମ୍ବରକୁ । ପୁଅ ମୁହଁଟି ତାକୁ ସଂସାରର ସବୁ ସମ୍ପତ୍ତିର ସ୍ତୂପୀକୃତ ଭଣ୍ଡାରଗାର ଭଳି ମନେହୁଏ । ସିଏ ନିଜକୁ ତାର ଅଧିପତି, ରକ୍ଷକ ବୋଲି ଭାବେ ।

ଦିନେ ଦିନେ ପତ୍ନୀ କହନ୍ତି, ଜାଣିଲଣି ପୁଅଟା ଯାହା ଖାଉଛି, ତା ଦିହରେ ଲାଗୁନି । ଦିନୁଦିନ ଶୁଖିଲା ଦେଖାଯାଉଛି । ଦେଖୁନ, କେମିତି ସିଏ ଝଡ଼ିକି କଣ୍ଠା ହୋଇଗଲାଣି । ଯାଉନ, ଡାକ୍ତରଙ୍କୁ ପଚାରି କ'ଣ ଟିକିଏ ଭିଟାମିନ୍ ଫିଟାମିନ୍ ଆଣିବ କି ଭଲ ଡବାଖାଦ୍ୟ କିଛି ଆଣିବ ! ଯାହାହେଲେ ବି ପୁଅଟା । ଝିଅଟା ତ ନୁହଁ । ଝିଅଗୁଡାକ ସିନା ଖାଆନ୍ତୁ କି ନଖାଆନ୍ତୁ ପବନ ବାଜିଲେ ବଢ଼ିବଢ଼ି ଯିବେ ! ଇଏ ପରା ପୁଅଟା । ଯାଙ୍କୁ ଯେତେ ପାଟିରେ ଦବ, ସେତିକି ଫିଟିକି ବାହାରିବେ । ନଇଲେ ନାଇଁ । କଣ୍ଠା ସରସର ହୋଇ ପବନରେ ଦୋହଲୁଥିବେ । ତାପରେ କୋଉ ନ'ଟା କି ଛ'ଟା ହୋଇଛି ନା ତା ବାପାର ରୋଜଗାର ନାହିଁ ?

ଅନୁରୋଧ ମିଶା କ୍ରୋଧପ୍ରକଟ କରନ୍ତି ପତ୍ନୀ !

ପତ୍ନୀଙ୍କ କଥାରେ ନୀଳାମ୍ବରର ହୋସ୍ ଆସେ । ସତରେ ତ ପିଲାଟା ଦିହରେ କାହିଁକି ଲାଗୁନି ! ଯାଏ, ଡାକ୍ତର ପାଖକୁ ।

ତରତର ହୋଇ ନୀଳାମ୍ବର ପତ୍ନୀ ଓ ପୁଅକୁ ମଟର ସାଇକେଲରେ ବୋହି ଡାକ୍ତରଙ୍କ ପାଖକୁ ଯାଏ । ଡାକ୍ତର ପୁଅକୁ ଦେଖନ୍ତି । ଆଖି, ପାଟି, ଜିଭ ଦେଖି ଓଜନ ଯନ୍ତ୍ରରେ ଓଜନ କରନ୍ତି । କହନ୍ତି, ସବୁ ଠିକ୍ ଅଛି । ଓଜନ ବି ଯେତିକି ରହିବା କଥା ସେତିକି ଅଛି । ବ୍ୟସ୍ତ ହେବାର କିଛି ନାହିଁ ।

ଡାକ୍ତରଙ୍କ ଫିସ୍ ଦବାପାଇଁ ନୀଳାମ୍ବର ପକେଟରେ ହାତ ପୂରାଉଥିବାବେଳେ ସିଏ ପତ୍ନୀଙ୍କୁ ଲକ୍ଷ୍ୟକରେ । ଗାଢ଼ ଆଖିରେ ପତ୍ନୀ ତାକୁ ଚାହିଁଛନ୍ତି ଓ ଇସାରାରେ କଣ କଣ କହିଯାଉଛନ୍ତି । ସେ କହିବାରେ ଯଦିଓ କିଛି ବୁଝାପଡୁନଥିଲା, ପତ୍ନୀ ଏଥିରେ ସନ୍ତୁଷ୍ଟ ନୁହନ୍ତି ବୋଲି ନୀଳାମ୍ବର ଚୁମ୍ବକରେ ବୁଝିପାରେ । ଅଗତ୍ୟା ନୀଳାମ୍ବର ଚୁପ୍‌ରହେ ।

ନୀଳାମ୍ବରକୁ ପଛକୁ ଠେଲି ପତ୍ନୀ ଏଥର ଡାକ୍ତରଙ୍କ ସହିତ କଥାହୁଅନ୍ତି । ସାର୍ ! କଣ ଭିଟାମିନ୍ କି ଆଉ କିଛି ଖାଦ୍ୟ ଦବାପାଇଁ ଆପଣ ଟିକିଏ ଲେଖିଦିଅନ୍ତୁ ! ପିଲାଟା ଶୁଖିଯାଉଛି । ଆଉ କଣଟିକିଏ ଖାଇଲେ ସିଏ ମୋଟାସୋଟା ହୋଇଯାଆନ୍ତା !

ପତ୍ନୀଙ୍କୁ ଚାହିଁ ଡାକ୍ତର ହସନ୍ତି । କହନ୍ତି, ଏବେ ଯାହା ଖାଉଛି ଠିକ୍ ଖାଉଛି । ଆଉ କିଛି ଦବା ଦରକାର ନାହିଁ । ଖାଇବାକୁ ଦବାର ବେଳ କଣ କୁଆଡ଼େ ଚାଲିଯାଉଛି ? ପ୍ରସ୍ତୁତ ହୋଇ ରହନ୍ତୁ, ଭବିଷ୍ୟତରେ ସିଏ ବହୁତ ଖାଇବ ! ଯେତେ ଦେଇପାରିବେ । ସେତେବେଳେ ଆପଣ ମୋତେ ପଚାରିଲେ ମୁଁ ଲମ୍ବାଚଉଡ଼ା ଚିଠା ବତେଇଦେବି । ଏବେ ଆପଣ ବ୍ୟସ୍ତ ହୁଅନ୍ତୁନାହିଁ ।

ନୀଳାମ୍ବର ଲକ୍ଷ୍ୟ କରୁଥିଲା, ଡାକ୍ତରବାବୁ ଏଇଆ ହସିହସି କହିଲାବେଳେ ପତ୍ନୀଙ୍କ ଦେହରେ ଯେମିତି ଶଙ୍କୁଟିଏ ଗଳିଯାଇଛି । ପତ୍ନୀଙ୍କ ମନଟା ପିତେଇ ଯାଇଥିବାର ସେ ସ୍ପଷ୍ଟ ଦେଖିପାରୁଥିଲା । ପତ୍ନୀଙ୍କର ବିମର୍ଷ

ବଦନକୁ ଚାହିଁ ନୀଳାମ୍ବର ହସିବ କି କାନ୍ଦିବ ଏହା ସ୍ଥିର କରିପାରୁନଥିଲାବେଳେ, ପତ୍ନୀଙ୍କ କୋଳରେ ଥିବା ପୁଅଟି ବାବା ବାବା କହି ନୀଳାମ୍ବର ପାଖକୁ ଡେଇଁ ପଡ଼ିବାର ଉପକ୍ରମ କରୁଥିଲା ।

ଭଙ୍ଗାମନ ନେଇ ପତ୍ନୀ ଡାକ୍ତରଙ୍କ ପାଖରୁ ଫେରିଲାବେଳେ କହନ୍ତି, ଏ ଡାକ୍ତର ଭୁଲ୍ ଆଉ ତାଙ୍କ ମାପକରା ଯନ୍ତ୍ରଟା ବି ଭୁଲ୍ ! ମୁଁ ମାଆଟା ହୋଇ କଣ ପୁଅର ଓଜନ ଜାଣିପାରୁନି ? କାଲି କେତେ ଥିଲା ଆଜି କେତେ ଅଛି, ଏଥିରେ କହିଲେ କଣ ନା ଓଜନ ଠିକ୍ ଅଛି । ଇଏ ଡାକ୍ତର ନା ଆଉ କିଛି ? ଏ ! କାଲି ଆଉ ଗୋଟେ ଡାକ୍ତର ପାଖକୁ ଯିବା । କଥାରେ ନାଇଁ, ଏକ ଆଖି ଆଖି ନୁହଁ କି ଏକ ସାକ୍ଷୀ ସାକ୍ଷୀ ନୁହଁ ! ଆଉ ଜଣେ ଡାକ୍ତରକୁ ଦେଖେଇବା । ଜଣାପଡ଼ିବ ଇଏ ଠିକ୍ ନା ଭୁଲ୍ !

ଡାକ୍ତର ପରେ ଡାକ୍ତର, ବିଚାର ପରେ ବିଚାର, ବୁଝାବୁଝି, ପଚରାପଚରି ଏଇମିତିରେ ଦିନମାନ ଗଡ଼ିଯାଏ । ଦିନର ଚିନ୍ତା ରାତିକୁ ନଥାଏ କି ରାତିର ଚିନ୍ତା ସକାଳକୁ ନଥାଏ । ସୂର୍ଯ୍ୟ ଉଇଁଲେ ଦିନଟିଏ ଡେଣାମେଲେ । ସୂର୍ଯ୍ୟ ନଇଁଲେ ଜନ୍ମଜାତକରେ ଦିନଟିଏ ଯୋଗହୁଏ । ଜୀବନ ତ କେବଳ ଯୋଗଫଳ । କିଏ କେତେ ମିଶିପାରିଲା ଓ କିଏ କେତେ ମିଶେଇପାରିଲା, ତାହା ଗୋଟିଏ ସାମଗ୍ରୀକ ଜୀବନର ସାରାଂଶ ମାତ୍ର । ସେଇଥିପାଇଁ ଜୀବନ ଏକ ଯୌଗିକ ଯୋଗାଡ଼ । ଯାକୁ କେବଳ ଯୋଗାଡ଼ିବାକୁ ପଡ଼େ ବୋଲି ନୀଳାମ୍ବର ଜାଣେ ।

ସୁତରାଂ, ପୁଅକୁ ନେଇ ସେ ସ୍ୱପ୍ନଦେଖେ ! ଦିନରାତି ଏକ କରେ । ଦିନରେ ସୂର୍ଯ୍ୟ ସହ ଚାଲେ । ରାତିରେ ଜହ୍ନ ସହ କାଳକାଟେ । ମାଟିରୁ ଜିଇଁବାର ମହକ ଟାଣେ ଓ ଆକାଶରୁ ଆଞ୍ଜୁଳାଏ ଆଞ୍ଜୁଳାଏ ସ୍ୱପ୍ନ ତୋଳି ଗଦେଇପକାଏ । ଥମିଯାଏନି କି ବିରାମ ନିଏନି । ଧାଏଁ, ଧାଏଁ, ଧାଏଁ, ଅଣନିଶ୍ୱାସୀ ହୋଇ ଧାଉଁଥାଏ । କେବଳ ପୁଅଟି ପାଇଁ !

କାରଣ, ସେ ପୁଅର ବାପା !

**(କ୍ରମଶଃ)**

**ବେଗୁନିଆ, ଖୋରଧା**
**୯୪୩୮୭୩୪୮୧୬**

# ପଲ୍ଲୀବଧୂର ଗଣିତ ପାଠ



**ଆଦ୍ୟାଶା ପ୍ରିୟଦର୍ଶନୀ**

ଆଗ କାଳରେ ଗାଁଗଣ୍ଡାକୁ ଭଲ ରାସ୍ତାଟିଏ ନଥିଲା। ପ୍ରାୟତଃ ପଲ୍ଲୀଗାଁମାନଙ୍କୁ ଯିବାକୁ ହେଲେ ନଈ ନାଳ ପାରି ହୋଇ ଯିବାକୁ ପଡୁଥିଲା। ଥରେ ଜଣେ ପଲ୍ଲୀବଧୂଟା ଶାଶୂଘରକୁ ଯିବା ସମୟରେ ନଈପାର ହୋଇ ଯିବାକୁ ପଡ଼ିଲା। ବର୍ଷା ଦିନ ନଈରେ ଅକାତକାତ ପାଣି ଦେଖି ବଧୂଜଣକ ମନେମନେ ଭାବୁଥିବା ସମୟରେ କୂଳରେ ବସିଥିବା ନାଉରି କହିଲା। ତୁମେ କାହାଘରକୁ ଯିବ ? ତୁମ ସ୍ୱାମୀଙ୍କ ନାମ କଣ ? ନାଉରି ମୁହଁରୁ ପଲ୍ଲୀବଧୂ ତାଙ୍କ ସ୍ୱାମୀଙ୍କ ନାମ ପଚାରିବା ଶୁଣି ଟିକେ ନିରବ ରହିଲା। ପଲ୍ଲୀବଧୂର ନିରବତା ଅନୁଭବ କରି ନାଉରି ପୁଣି ଥରେ ଗମାତରେ କହିଲା, ତୁମ ସ୍ୱାମୀଙ୍କ ନାଁ ନ କହିଲେ ମୁଁ ତୁମକୁ ନଈପାରି କରିବି ନାହିଁ। ନାଉରି ମୁହଁରୁ ଏକଥା ଶୁଣି ପଲ୍ଲୀବଧୂ ମୁଣ୍ଡରେ ଚଡ଼କ ପଡ଼ିଲା ଶାଶୂ, ଗୋସେଇମା, ଆଈ ଓ ମା'ପରି ବହୁ ଗୁରୁଜନମାନଙ୍କ ତୁଣ୍ଡରୁ ଶୁଣିଛି ସ୍ୱାମୀଙ୍କ ନାମ ତୁଣ୍ଡରେ ଧରିଲେ ମହାପାପ ହେବ। ହଠାତ୍ ତାମୁଣ୍ଡକୁ ଏକ ଉପାୟ ଜୁଟିଲା। ସେ ନାଉରିକୁ କହିଲେ, ମୋ ସ୍ୱାମୀଙ୍କ ନାମ ହେଲା-

ଚାରି ଚାରି ଚଉଦ ଚାରି କାଟ ଚାରି
ଆଣେ ନଉକା କରେ ପାରି । (ବାବନ)

ନାଉରି ନଉକା ଆଣି ପଲ୍ଲୀବଧୂକୁ ପାରିକରିବା ସମୟରେ ଏହି ଚାରି ଚାରିକଥା ଭାବି ଭାବି ନଈର ଆର କୂଳରେ ଲଗାଇବା ପର୍ଯ୍ୟନ୍ତ ପଲ୍ଲୀବଧୂର ସ୍ୱାମୀଙ୍କ ନାମ କିଛି ବୁଝି ନପାରି ପୁଣି ତାଙ୍କୁ କହିଲେ, ମୁଁ ତୁମ ସ୍ୱାମୀଙ୍କ ନାମ ଜାଣିପାରିଲି ନାହିଁ। ତୁମେ ଟିକେ କହିଦେଲେ ଭଲ ହୁଅନ୍ତା। ନାଆରୁ ଓହ୍ଲାଇ ସାରିବା ପରେ ପଲ୍ଲୀବଧୂ ନାଉରିକୁ ପଚାରିଲେ, ତୁମ ନାମ କ'ଣ ? ନାଉରି କହିଲା, ମୋ ନାମ ପଂଚ୍ଛା ଏ ନାମଟି ଶୁଣି ପଲ୍ଲୀବଧୂ କହିଲେ,ଓ ହୋ। ତୁମ ନାମ ପଂଚ୍ଛା ହେଲେ ମୋ ସ୍ୱାମୀଙ୍କ ନାମ ହେଲା।

ପାଂଚ ପାଂଚ ବାର ପାଂଚ କାଟେ ଆଠ
କହି ଦେଲି ତତେ ମୁଁ ଗୁପତ ପାଠ। (ବାବନ)

ପଲ୍ଲୀବଧୂ ତା ସ୍ୱାମୀଙ୍କ ନାମ କହିଦେଇ ତା ଶାଶୂ ଘର ଅଭିମୁଖେ ଚାଲିଗଲା। ନାଉରି ଜଣକ ପଲ୍ଲୀବଧୂକୁ ଚାହିଁ ଚାହିଁ ପାଂଚ ପାଂଚ ବାର ପାଂଚ କଥା ମନେ ମନେ ଘୋଷି ହେଉଛି। ଶେଷରେ ନାଉରି ପଲ୍ଲୀବଧୂର ଗଣିତ ପାଠ ପଢାରୁ ଜାଣିଲା ଯେ, ତା ସ୍ୱାମୀର ନାମ ହେଉଛି ବାବନ। ନାଉରି ପଲ୍ଲୀବଧୂକୁ ମନେ ମନେ ବହୁ ପ୍ରଶଂସାକରି ନାଆକୁ ଘାଟରେ ବାନ୍ଧି ଗାଁ ଅଭିମୁଖେ ଚାଲିଲା।

**ଗ୍ରାମ୍ୟ ଇତିହାସ ସଂଗ୍ରହାଳୟ**
**ଅଣ୍ଡା-ବନମାଳୀପୁର, ଖୋର୍ଦ୍ଧା**
**ମୋ : ୯୪୩୮୩୪୭୫୮୫**

# କାଶତଣ୍ଡୀ



ନାରାୟଣ ଦାସ

ଗିରିର ନିର୍ଝର
ନିର୍ଝରଣୀ ଝର
କାଚକେନ୍ଦୁ ସ୍ୱଚ୍ଛପାଣି
ପାହାଡ଼ ଖୋଲର
ପ୍ରାକୃତିକ ଦୃଶ୍ୟ
ମନକୁ ନିଅଇ ଟାଣି -୧-

ଘଞ୍ଚ ବନାନୀର
ପକ୍ଷୀ କଳରବ
ଜଳ ପ୍ରପାତର ଝର
ଗର୍ଜନ ଶବଦେ
ଥରି ଉଠେ ଗିରି
ସୃଷ୍ଟି କରେ ଜଳଧାର -୨-

ପାହାଡ଼ୀ ଝରଣା
ଗିରିର ଶିଖରୁ
ଝରିଆସେ ଯେଉଁ ଝର
ଉପମା ଦେବାକୁ
ଭାଷାନାହିଁ ପାଶେ
ଭାବୁଥାଏ ନିରନ୍ତର -୩-

ପ୍ରକୃତିର ଦାନ
ସୁଦୂର ପ୍ରସାରି
ଦେଖୁଅଛି ହୋଇ ଛିଡା
ଅଳଙ୍କାରେ ତାକୁ
ସଜାଇ ଦେବାକୁ
ଅଭିଧାନ ପଡ଼େ ଲୋଡ଼ା -୪-

ମେଷ୍ଟା ମୁଣ୍ଡଠାରୁ
କବି ତୁଣ୍ଡ ଟାଣ
ଚିନ୍ତୁଥାନ୍ତି ଜନେ ବସି
କୋମଳ କଣ୍ଠରୁ
କବିତାର ସ୍ୱର
ଶୁଣି ମନହୁଏ ଖୁସି -୫-

ସ୍ରୋତସ୍ୱିନୀ ଦୁଇ
ପାର୍ଶ୍ୱରେ ରହିଛି
ଘଞ୍ଚ କାଶତଣ୍ଡୀ ବନ
ଭାବୁକଟି ସେଠି
ନିରୋଳାରେ ବସି
ଗାନକରେ ନିତିଦିନ -୬-

ପ୍ରକୃତି ଦେଇଛି
ସକଳ ପଦାର୍ଥ
ଏ ବିଶ୍ୱ ମାନବ ପାଇଁ
ଦେଶରେ ସେବାରେ
ଲଗାଅଟି ମନ
ଅଧୈର୍ଯ୍ୟ ହୁଅନ୍ତୁ ନାହିଁ -୭-

କାଶତଣ୍ଡୀ ପରି
ସ୍ୱଚ୍ଛ ଓ ନିର୍ମଳ
ଭାବହେଉ ସେହିପରି
ସୁନାର ଭାରତ
ଗଢିବା ଆମେରେ
ନିଜ ସ୍ୱାର୍ଥ ତ୍ୟାଗକରି -୮-

**ସମ୍ପାଦକ**
**କୋଣାର୍କ ସାହିତ୍ୟ ସଂସଦ**
**ନବୀନାବାଗ, ଖୋର୍ଦ୍ଧା**
**ଦୂରଭାଷ -୯୪୩୮୦୪୯୫୪୧**

# ପଲ୍ଲୀକବି ନନ୍ଦକିଶୋର ବଳ



ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ

ଅଠରଶ ପଞ୍ଚସ୍ତରୀ ଡ଼ିସେମ୍ବର ବାଇଶ ତାରିଖରେ
ରସାନନ୍ଦ ଜେନା ଜନ୍ମ ଲାଭ କଲେ ଭଜନାନନ୍ଦ ପରିବାରେ ।
କଟକ ଜିଲ୍ଲାରେ କୁସୁପୁର ଗ୍ରାମେ ସେ ଜନମ ହୋଇଥିଲେ ।
ପୋଷ୍ୟପୁତ୍ର ହୋଇ ବଳ ବଂଶରେ 'ବଳ' ସାଂଗିଆ ପାଇଲେ । ରସାନନ୍ଦ
ଜେନାରୁ ନନ୍ଦକିଶୋର ବଳ ନାମେ ସେ ନାମିତ
ପଲ୍ଲୀ ପ୍ରାକୃତିକ ଦୃଶ୍ୟ ଆଧାରରେ ଲେଖିଲେ ସହସ୍ର ଗୀତ ।
ବରିଷ୍ଠ ବିଦ୍ୱାଣୀ ହୋଇଗଲେ ସିଏ ସୌନ୍ଦର୍ଯ୍ୟର ବର୍ଣ୍ଣନାରେ
'ପଲ୍ଲୀକବି' ରୂପେ ପରିଚିତ ହେଲେ ଉତ୍କଳ ମାଆ ମାଟିରେ ।
ସରଳ ଜୀବନ ଯାପନ କରି ଦେଇଛନ୍ତି ଆଧ୍ୟାତ୍ମିକତା ପରିଚୟ
ଛନ୍ଦେ ଛନ୍ଦେ କହିଛନ୍ତି ରଖିବାକୁ ଈଶ୍ୱରଙ୍କ ନାମେ ଲୟ ।
ନିର୍ଝରିଣୀ, ତରଙ୍ଗିଣୀ, ପ୍ରଭାତ ସଂଗୀତ ଓ ଚାରୁଚିତ୍ର
ବସନ୍ତ କୋକିଳ, କୃଷ୍ଣ କୁମାରୀ, ଶର୍ମିଷ୍ଠା, ସଂଧ୍ୟା ସଂଗୀତ ।
ସହସ୍ର ସନେଟ ସୃଷ୍ଟି କରିଛନ୍ତି ମା' ମାଟିରେ କବିତା
ଶ୍ରେଷ୍ଠତ୍ୱ ଲାଭ କରିଛି ତାଙ୍କ ରଚିତ ଉପନ୍ୟାସ "କନକ ଲତା" ।
ଶତାଧିକ ନାନା ବାୟା ଗୀତ ଲେଖି ଦେଇଛନ୍ତି ଯେଉଁ ଦାନ
ଶିଶୁଙ୍କ ଗୀତରେ ତାଳ ଲୟ ଦେଇ ହୋଇଛନ୍ତି ସେ ମହାନ ।
ଯୌତୁକ ପ୍ରଥା ଓ ବାଲ୍ୟ ବିଧବାଙ୍କ ଜର୍ଜରିତ ଦୁଃଖ କାହାଣୀ
ଲେଖନୀ ମୁନରେ ଗଢି ଯାଇଛନ୍ତି ପରିବର୍ତ୍ତନର ତରଣୀ
(ଉଣିଶ ତେରରେ) ଉତ୍କଳ ସାହିତ୍ୟରେ କନକ ଲତାର ଧାରାବାହିକ ଲେଖାମାନ
ଉଣିଶ ପଚିଶରେ (ଉପନ୍ୟାସ) କନକଲତା ହେଇଥିଲା ପ୍ରକାଶନ ।
ତୁମରି ରଚନାରେ ଆଲୋଚନା ପାଇଁ କବି ହୋଇଛନ୍ତି ମେଳ
ଆମ ମାଟିରେ ଆଉ ଥରେ ଜନ୍ମ ହୁଅ ଆହେ ନନ୍ଦ କବି ବଳ ।

**ସଭାପତି , ପ୍ରାଥମିକ ସାହିତ୍ୟ ସମାଜ,**
**ଖୋରଧା,**
**ମୋ- ୯୪୩୭୧୩୩୪୬୪**



କ୍ରୋଧ ପୂର୍ଣ୍ଣରୂପେ ଦୂର ହେଲେ ଦୁଃଖ ସ୍ପର୍ଶ କରିପାରିବ ନାହିଁ ।

# କବିସୂର୍ଯ୍ୟ ବଳଦେବ ରଥ



ଡ. ଶରଚ୍ଚନ୍ଦ୍ର ମହାପାତ୍ର

ଦେବୀ କୃପାବଳେ ଉତ୍କଳ ମଣ୍ଡଳେ
ପ୍ରସାରି ସଙ୍ଗୀତ ଧାରା
ଚମ୍ପୂ ଜଣାଣରେ ଓଡ଼ିଶୀ ଗାନରେ
ମୋହିଲ ମନକୁ ପରା।
ତୁମରି ସଙ୍ଗୀତ ହରେ ଜନ ଚିତ୍ତ
ମନରେ ଆସେ ଏ ଭାବ
ପ୍ରତିଭା ଅତୁଲ୍ୟ କିଭଳି ଲଭିଲ
ଦେବୀ କୃପାର ପ୍ରଭାବ।
ତୁମରି ରଚନା ତୋଳଇ ମୂର୍ଚ୍ଛନା
ପୁଲକିତ କରେ ପ୍ରାଣ
ବଳଦେବ କବି କବି ମଧ୍ୟେ ରବି
କରେ ତବ ଜୟଗାନ।
ଯୁଗଯୁଗାନ୍ତର ରହିବ ଅମର
ତୁମରି ସୃଷ୍ଟି ସମ୍ଭାର
ଉତ୍କଳ ସାହିତ୍ୟ କଲ ଋଦ୍ଧିମନ୍ତ
ଯଶସ୍ୱୀ ସାଧକବର।

ନୀଳାଚଳ ନାଥ ପ୍ରଭୁ ଜଗନ୍ନାଥ
କୃପା କଲେ ତୁମ ପରେ
ପ୍ରଭୁଙ୍କ ଜଣାଣ ଛାନ୍ଦ ଓ ଭଜନ
ଗାଇଲ ମଧୁର ସ୍ୱରେ।
ତାହାଙ୍କର ଭକ୍ତ ବଳଦେବ ରଥ
ତୁମରି ସଙ୍ଗୀତ ଧାରା
ଅମୃତ ବରଷେ ମନକୁ ହରଷେ
କୋଟି ପ୍ରାଣ ଜିଣେ ପରା।
କବିତାର ପାଦ ପୂରଣରେ ସିଦ୍ଧ
ଲଭିଲ ଏଥିରେ ଖ୍ୟାତି
ଏଣୁ ଶ୍ରୀକ୍ଷେତ୍ରରେ ସେ ପୁଣ୍ୟଧାମରେ
ସମ୍ବର୍ଦ୍ଧିଲେ ଗଜପତି।

ହେ ପ୍ରତିଭାଧର ଏ ମୋର ବିଚାର
କେ ପାରେ କରି କଳନା
ଉତ୍କଳ ମଧ୍ୟରେ କବି ମଣ୍ଡଳୀରେ
ନାହିଁ ତୁମର ତୁଳନା।
ଜନ୍ମ ଖେମଣ୍ଡୀରେ ରହି ଅଜାଘରେ
ଆଠଗଡ଼ ନାମେ ଖ୍ୟାତ
ଅଜାଙ୍କ ତନ୍ତ୍ରରୁ ଦେବୀ ପ୍ରସାଦରୁ
ଲଭ ପ୍ରତିଭା ଅଦ୍ଭୁତ।
ତୁମରି ସଙ୍ଗୀତ ଘରେ ଘରେ ଖ୍ୟାତ
ଝରିପଡ଼େ ସୁଧାଧାରା
କରି ତାହା ପାନ ତୁମ ଯଶଗାନ
ଶୁଭଇ ଉତ୍କଳେ ପରା।

# ଶ୍ରୀକ୍ଷେତ୍ର ମଉଡ଼ମଣି



ଅଜୟ କୁମାର ସେଠୀ

ଶ୍ରୀକ୍ଷେତ୍ର ମଉଡ଼ମଣି ହେ କଳାଠାକୁର
ତୁମେ ସତ୍ୟ, ତୁମେ ଶିବ, ତୁମେ ହିଁ ସୁନ୍ଦର।

ତୁମ ରୂପ କାନ୍ତି ଚକା ଆଖି ଯେ ଦେଖିଛି
ସଂସାରର ସବୁ ଦୁଃଖ, ସୁଖକୁ ଭୁଲିଛି।

ତୁମେ ସୃଷ୍ଟି, ତୁମେ ସ୍ରଷ୍ଟା ତୁମେ ହିଁ ବିଲୟ
ତୁମେ ଜପ, ତୁମେ ତପ ତୁମେ ହିଁ ଅକ୍ଷୟ।

ଅସରନ୍ତି କାହାଣୀର ତୁମେ କଥାକାର
ବିଚିତ୍ର ବିନ୍ଧାଣି ତୁମେ ଶ୍ରେଷ୍ଠ ଚିତ୍ରକର ।

ତୁମେ ଦକ୍ଷ ନିର୍ଦ୍ଦେଶକ ବାଗ୍ମୀ କଳାକାର
ନାହିଁ ତୁମ ଆଦି ଅନ୍ତ ତୁମେ ନିରାକାର।

ତୁମ ଇଚ୍ଛା ବିନା ପ୍ରଭୁ ପତ୍ରବି ହଲେନା
ତୁମେ ନରହିଁଲେ ଆକାଶେ ସୂରୁଯ ଉଏଁନା ।

ତୁମରି ରହସ୍ୟ ପ୍ରଭୁ ତୁମକୁ ହିଁ ଜଣା
ମୁଁ ଛାର ମାନବ ପରା ହୁଏ ବାଟବଣା।

ତୁମେ ଏକା ବିଚାରକ ତୁମେ ସୂତ୍ରଧର
ତୁମେ ପ୍ରଭୁ ଇଚ୍ଛାକଲେ ଉଛୁଳେ ସାଗର।

ଏ ଜୀବନ ତୁମ ଦାନ ମୁଁ ଛାର ମଣିଷ
କୃପାଦୃଷ୍ଟି ଥାଉ ତବ ହସୁ ଏଇ ବିଶ୍ୱ ।

ଶ୍ରକ୍ଷେତ୍ର ମଉଡ଼ମଣି ହେ ରଙ୍ଗା ଅଧର
ତୁମ ପାଦେ କରୁଅଛି କୋଟି ନମସ୍କାର।

ଗ୍ରା-ଅଂଜିରା, ପୋ- ଓହ୍ନାଣ
ଭାୟା- ନିରାକାରପୁର, ଜି- ପୁରୀ
ମୋ-୯୯୩୭୧୯୮୮୭୮



କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ଏହି ଷଡ ରିପୁକୁ ଦମନ କର।

# ପ୍ରାତଃ ବନ୍ଦନୀୟ ସନ୍ଥ ଅରକ୍ଷିତ ଦାସ



ଶ୍ରୀ ବ୍ରଜ କିଶୋର ଦାସ

ଓଲାଷୁଣି ପାହାଡ଼ ଗୁମ୍ଫାରେ କେବେ,
ଏକାନ୍ତରେ ସମାଧିସ୍ଥ ବୁଦ୍ଧ ପରି ବସିଥିଲେ,
ତୁମେ ଆସ ମୋ ହୃଦୟେ ଅନିର୍ବାପ ସ୍ମୃତି
ପ୍ରଣମ୍ୟ ମୋ ପ୍ରାତଃ ବନ୍ଦନୀୟ ସନ୍ଥ,
ଓଡ଼ିଶାର ଚିର ସ୍ମରଣୀୟ, ପ୍ରଣମ୍ୟ ଅରକ୍ଷିତ ଦାସ,
ମହାପୁରୁଷ ବୁଦ୍ଧଙ୍କ ପ୍ରତିରୂପ ରାଜପୁତ୍ର ।।
ଫିଙ୍ଗିଦେଇ ଯୌବନ ସମ୍ଭୋଗ,
ରାଜସିଂହାସନର ଐଶ୍ୱର୍ଯ୍ୟ,
ବିଳାସ ବ୍ୟସନମୟ ସମସ୍ତ ପ୍ରାଚୁର୍ଯ୍ୟ,
ବାଛିନେଲ କଣ୍ଟକିତ ଯୋଗ, ବୈରାଗ୍ୟ,
ସନ୍ନ୍ୟାସ, ପରମାର୍ଥ ତପସ୍ୟାର ପଥ,
ହୋଇଗଲ କଠୋର ଜୀବନ ସଂଗ୍ରାମ,
ଭୀଷ୍ମର ଦୁର୍ବାର ଶପଥ ।।
ସୃଷ୍ଟିକୁ ଅଜାଡ଼ି ଦେଇ ସମସ୍ତ ଅମୃତ,
ପାନ କରି ବୈରାଗ୍ୟର ହଳାହଳ,
ସାଜିଥିଲ ତ୍ୟାଗବୀର ଶିବ ନୀଳକଣ୍ଠ,
ତ୍ୟାଗୋହୀ ପୁରୁଷଂ ବ୍ୟାଘ୍ରଃ
ଆଦର୍ଶର ଅନନ୍ୟ ଦୃଷ୍ଟାନ୍ତ ।।
ପ୍ରଣମ୍ୟ ହେ, ଉତ୍କଳର ଯୋଗ୍ୟସୂତ, ବରପୁତ୍ର
ପ୍ରାରବ୍ଧ ସୁକୃତି ସିଦ୍ଧ ଯୋଗୀ କୀର୍ତ୍ତିବନ୍ତ,
ପରମ ପ୍ରେମର ପ୍ରଶାନ୍ତ ମହାସାଗର,
ବିଶ୍ୱପ୍ରେମ, ବିଶ୍ୱଶାନ୍ତି, ଧର୍ମନିରପେକ୍ଷତାର
ଅବତାର ମହାଯୋଗୀ, ମହାଜ୍ଞାନୀ,
ବ୍ରହ୍ମତ୍ୱ, ଶିବତ୍ୱ ସିଦ୍ଧ, ଚିର ବନ୍ଦନୀୟ,
ଏବେବି ହେ, ଚିରଞ୍ଜୀବୀ,
ଉତ୍କଳର ଚିରନ୍ତନ ଦ୍ୱିତୀୟ ଈଶ୍ୱର ।।
ତୁମ ଲେଖନୀ ସମ୍ଭୂତ,
ଆଧ୍ୟାତ୍ମିକ, ଦାର୍ଶନିକ ସବୁ ଦିବ୍ୟ ଶାସ୍ତ୍ର,
ଏବେ ହୋଇ ଦୀପ୍ତିମନ୍ତ ଧ୍ରୁବାଲୋକ,
ହୋଇଥାଏ ବିଶ୍ୱ ପାଇଁ ମୋକ୍ଷ ମନ୍ତ୍ର,
ଓଲାଷୁଣି ଧର୍ମ ପୀଠକୁ କରି ମହାତୀର୍ଥ,
ତୁମେ ହୋଇଅଛ ପ୍ରଭୁ ଜଗନ୍ନାଥଙ୍କର ପ୍ରତିରୂପ,
ଧର୍ମର ଉଡ଼ାଇ ଧ୍ୱଜା, ଧର୍ମଗୁରୁ କୀର୍ତ୍ତିର ପ୍ରଦୀପ ।।
ଧନ୍ୟ, ବରେଣ୍ୟ, ପ୍ରଣମ୍ୟ,
ଆରାଧ୍ୟ ସ୍ୱନାମଧନ୍ୟ ଅରକ୍ଷିତ ଦାସ,
ଫିଙ୍ଗି ଦେଇ ସମ୍ରାଟର ସିଂହାସନ,
ହୋଇଗଲ ହୃଦୟ ସମ୍ରାଟ ମହାରାଜ ବନ୍ଦନୀୟ,
କାଳୋତ୍ତୀର୍ଣ୍ଣ କୀର୍ତ୍ତିବନ୍ତ ପ୍ରାତଃ ସ୍ମରଣୀୟ ।।
ଏପରି ମହାନ୍ ବିଶ୍ୱ,
ଆଜି ମୋ ଆତ୍ମାର ଶୁଭ ଅଭିଳାଷ,
ବିଶ୍ୱର ସମସ୍ତ ଧର୍ମଯାଜକ,
ତୁମ ଅହିଂସା ଧର୍ମ, ଧର୍ମ ନିରପେକ୍ଷତାରେ
ହୋଇ ଉଦ୍‌ବୁଦ୍ଧ, ଅଭିମନ୍ତ୍ରିତ,
ବିଶ୍ୱର ସ୍ଥାପନ କରନ୍ତୁ।
ବସୁଧୈବ କୁଟୁମ୍ବକମ୍ ମହାନ୍ ସାମ୍ରାଜ୍ୟ,
କଳିଯୁଗ ହୋଇ ଅନ୍ତ,
ହସିଉଠୁ ମୋ ଇପ୍‌ସିତ,
ସତ୍ୟଯୁଗ ସମୃଦ୍ଧ ଜଗତ ।।

କଳଦିଆ, ନମୌଜା
କେନ୍ଦ୍ରାପଡ଼ା, ଓଡ଼ିଶା
ମୋ- ୯୭୭୭୭୩୩୦୪୪

# ଜଟଣୀର ଯୂଇ



ଡକ୍ଟର ରାଜକିଶୋର ପାଢ଼ୀ

ପଚାଶବର୍ଷରୁ ଆହୁରି ବେଶୀ କିଛିଦିନ ତଳର କଥା। କିଏ କାହିଁକି ମନେ ରଖିବ ! କ'ଣ ବା ଆବଶ୍ୟକ ! ଅଛି କ'ଣ ଉପଯୋଗିତା ତା'ର ! ସବ୍ୟସାଚୀର ବି ମନେ ନଥିଲା। ନା ମନେ ନଥିଲା କହିଲେ ଭୁଲ୍ ହବ। ବରଂ ଠିକ୍ ହବ ମନର କେଉଁ ଅତଳ ଗଭୀରତା ଭିତରେ ସେ କଥାଟି ପଡ଼ି ରହିଥିଲା। ସୁଯୋଗ ପାଇବା ମାତ୍ରେକେ ଝାଡ଼ି ଝୁଡ଼ି ହେଇ କଡ଼ଲେଉଟେଇ ଚେଇଁ ଉଠିଲା ଓ ସତେଜ ହେଲା ଏବଂ ବାହାରି ପଡ଼ିଲା ସଜ ଫୁଲର ବାସ୍ନା ସେଥିରୁ।

ସବ୍ୟସାଚୀ ତା' ଘରେ କାଗଜ ପତ୍ରରେ ଜମିଥିବା ଅଳିହା ଆବର୍ଜନା ସଫା କରୁଥିଲା। କେତେ କ'ଣ କେଉଁଠି ଲେଖା ହେଇଚି, କେଉଁଠି କ'ଣ ଆସିଚି ସେ ସବୁ ପୁରୁଣା ବର୍ଷମାନଙ୍କ ସ୍ମୃତିର ଥାକଥାକ କାଗଜ ଗଦା। ତାକୁ ସିଧା ନଦେଖି ଫିଙ୍ଗି ଦେଲେ ଚଳିଥା'ନ୍ତା। ସବ୍ୟସାଚୀ ସେ ଦୃଷ୍ଟିରୁ ବଡ଼ ଦୁର୍ବଳ। ଗାଡ଼ିଏ ଖଣ୍ଡେ କାଗଜକୁ କିପରି ସଫା କରିବ ବୁଝିପାରୁନି। ଯେଉଁଟିକୁ ଧରିଲା ସେଥିରେ କ'ଣ ଲେଖା ଯାଇଛି, କେବେ ଲେଖା ଯାଇଛି ବା ସେଇଟି କିଏ ତା' ପାଖକୁ କେବେ କାହିଁକି ପଠେଇଥିଲା ତାକୁ ଖୋଜୁଚି। ସେଥିରେ ମନ ପୂରାଉଛି, ଘାଣ୍ଟି ହେଉଛି। କାମ ଅଟକୁଛି, ଆଗକୁ ଯାଉ ନାହିଁ। ସିଏ ଛନ୍ଦି ହୋଇ ପଡୁଛି ସେଇ କାଗଜ ଭିତରେ ଥିବା ଲେଖାର ବ୍ୟୂହରେ। ମନେ ହେଉଛି ଏ କାମ ଗୋଟିଏ ଜନ୍ମରେ କେବେ ବି ସରିବ ନାହିଁ। ବରଂ ମୃତ୍ୟୁପୂର୍ବରୁ ନିଜ ଲୋକଙ୍କୁ କହିଦେଇଯିବ ତା' ମଲାପରେ ତା' ଚିତାଗ୍ନିରେ ଏଇ ସବୁ କାଗଜପତ୍ର, ଫାଇଲ୍, ଡାଇରୀ, ଚିଠିପତ୍ର, ଅନାବଶ୍ୟକ ବହି ଖାତା ଇତ୍ୟାଦି ଇତ୍ୟାଦି ଯାବତୀୟ ଅଳିହା ଜାଳିଦବ। ସେ ଜାଣେ ଏହା କାହାରି କାମରେ ଆସିବ ନାହିଁ କି କେହି ସମୟ ପାଇବେ ନାହିଁ ସେ ସବୁକୁ ଦେଖିବାକୁ।

ସବ୍ୟସାଚୀ ଦୀର୍ଘ ନିଃଶ୍ୱାସ ଛାଡ଼ିଲା। ଅତୀତକୁ ବାରମ୍ବାର ଫେରିଲା, କେତେ କେତେ ମୁହଁ ତା' ଆଖି ଆଗରେ ଭାସି ଉଠିଲା, କାହା ସହିତ କିପରି ଥିଲା ତା' ସଂପର୍କ ସବୁ ମନେ ପଡ଼ିଯାଇଥିଲା। କେଉଁ କେଉଁ ଅବସ୍ଥାରେ ସେ କିପରି ଥିଲା ସେଇ ଦୃଶ୍ୟପଟ ତା' ଆଗରେ ଅଭିନୀତ ହେଇ ଯାଉଥିଲା। ସେ ବାନ୍ଧି ହୋଇଥିଲା ସେଇ ସବୁ ମୁହୂର୍ତ୍ତର ଘଟଣାକ୍ରମରେ। କାହାକୁ ଅଳିହା ଗଦାକୁ ଫିଙ୍ଗି ଦବାକୁ ଚାହୁଁ ନଥିଲା, ଏପରିକି ତା' ସହ ଶତ୍ରୁତା କରିଥିବା କେଉଁ ଦୁର୍ଜନକୁ। ସମୟ ଯେ ଆମ ମନକୁ ତା' କ୍ରିୟା ପ୍ରତିକ୍ରିୟାକୁ ପ୍ରଭାବିତ କରେ ଜଣାପଡ଼ି ଯାଇଥିଲା। କାହାରି ପ୍ରତି ଆଉ ରାଗ ନଥିଲା। ସମସ୍ତେ ଏବେ ଆଉ ଗୋଟିଏ ଭିନ୍ନ ଅନୁରାଗରେ ଏକାକାର ହେଉଥିଲେ। ତିକ୍ତ ଓ ମଧୁର ଦିନ ସବୁ ଗୋଳେଇ ଘାଣ୍ଟି ହେଇ ଜୀବନକୁ ଦେଇଥିଲା ମହାର୍ଘ ଉପଲବ୍ଧି।

ଆରେ ଏଇଟା ପୁଣି କାହାର ଚିଠି। ବହୁତ ପୁରୁଣା ପୋଷ୍ଟକାର୍ଡ଼ରେ, କାଳି ପଶୁଥିବା କଲମରେ ଲେଖାଯାଇଛି। ଶେଷରେ ଅଛି ଠିକଣା। ଯୂଇ ମାଇତି, ଜଟଣୀ ଖୋର୍ଦ୍ଧା। ସଂପୂର୍ଣ୍ଣ ଅଜଣା ଅଶୁଣା ଅଚିହ୍ନା ଓ ଅଦେଖା ଏଇ ଯୂଇ। ସେ କ'ଣ କରେ ତା'ର ବୟସ କେତେ, ତା' ଘରେ କିଏ ସବୁ ଅଛନ୍ତି, ସିଏ କ'ଣ ପାଠ ପଢ଼ିଚି, ତା'ର ରୁଚି କ'ଣ ସେ ଦେଖିବାକୁ କିପରି ସେ ବିବାହିତା କି ଅବିବାହିତା, କର୍ମଜୀବୀ କି ଗୃହିଣୀ କିଛି ଜାଣିନି, ଜାଣିବାକୁବି ଚାହିଁନି।

କିନ୍ତୁ ଚିଠିଟିର କେଇଟି ବାକ୍ୟ ଥିଲା ସବ୍ୟସାଚୀ ପାଇଁ ମନେରଖିବା ପରି, ଉଲ୍ଲେଖ ଯୋଗ୍ୟ। ଖବରକାଗଜ ପୃଷ୍ଠାରୁ ସବ୍ୟସାଚିଙ୍କର କବିତାଟିଏ ପଢ଼ି ସେ କୁଆଡ଼େ ମୁଗ୍ଧ ହେଇଚି। ସେଥିରୁ ଧାଡ଼ିଏ ଉଲ୍ଲେଖ କରିଚି ଚିଠିରେ, ଅଭିନନ୍ଦନ ଜଣେଇଛି, ଭଲଭଲ କବିତା ଆହୁରି ପଢ଼ିବା ଲାଗି ଅପେକ୍ଷାରେ ଅଛି। ସବ୍ୟସାଚୀର ମନେପଡ଼ିଗଲା ସିଏ ବି ଯୂଇ ପାଖକୁ ପୋଷ୍ଟକାର୍ଡ଼ଟିଏ ସଂଗେସଂଗେ ତା' ଠିକଣାରେ ପଠେଇଥିଲା। ସେଥିରେ ଧନ୍ୟବାଦ ଦବା ସହ ତା'ର କବିତା ପ୍ରତି ଶ୍ରଦ୍ଧା ଓ ଗ୍ରାହକତାକୁ ପ୍ରଶଂସା କରିଥିଲା। ସେ ଚିଠି ସେ ନିଶ୍ଚୟ ପାଇଥିବ। ଏହାପରେ ଆଉ କେବେ ତା' ସହିତ ସବ୍ୟସାଚୀର ଯୋଗାଯୋଗ ହେଇନି। ଚିଠିଟିକୁ ସେ ବହୁତ ଦିନ ଟେବୁଲ ଉପରେ ଥିବା ତା' ସେଇ ବର୍ଷର ଡାଇରୀ ଖାତାରେ ରଖିଥିଲା। ଏଯାଏ ସେଇଟି ଅକ୍ଷୁର୍ଣ୍ଣ ହେଇ ରହିଚି।

ବଡ଼ କଥା ସେ ସମୟରେ ସବ୍ୟସାଚୀର ନା' ଥିଲା ହ୍ୟାଣ୍ଡ୍ ଫୋନ୍ ନା ମୋବାଇଲ। ଫୋନ୍ କଥା ଶୁଣାଯାଇଥିଲା। ଏପରିକି ଅନେକ ଗାଆଁରେ ବି ଫୋନ୍‌ଟିଏ ନଥିଲା।

ଚିଠି ଥିଲା ଗୋଟିଏ ମାତ୍ର ଅବଲମ୍ବନ। ଚିଠି ଲେଖିବା ଥିଲା ବି ଗୋଟିଏ କଳା। ସେଥିରେ ହୃଦୟର ଭାବ ବଡ଼ ସ୍ୱଚ୍ଛନ୍ଦରେ ପ୍ରକାଶିତ ହେଉଥିଲା। ଅଶ୍ରୁ କି ଆନନ୍ଦର ବାର୍ତ୍ତା ପ୍ରକାଶ କରିବାକୁ ଶବ୍ଦର ନବାକୁ ସାହାଯ୍ୟ। ଚିଠି ସାହିତ୍ୟ ହେଇଯାଉଥିଲା। କେବେକେବେ ସେଥିରେ କବିତ୍ୱ ମିଶିଯାଉଥିଲା। ସବ୍ୟସାଚୀର ମନେପଡୁଚି ତାଙ୍କ ଗାଆଁରେ

ସେତେବେଳେ ଦର ପାଠୋଇ ଝିଅଟିଏ ତା’ ଭିଣୋଇକୁ ଚିଠିଟିଏ ଲେଖିଥିଲା ଓ ସେଇ ଚିଠିଟି କୌଣସି ପ୍ରକାର ପ୍ରଘଟ ହେଇଯାଇଥିଲା। ସେଥିରେ ଥିଲା ପଦେ କବିତା। ସେ ପଦକ ଏଯାଏ ସବ୍ୟସାଚୀର ମନେଅଛି, ତା’ ଥିଲା “ଚିଠିରେ କି ମନ ପୂରେ ବିନା ଦରଶନେ ଶିଶିରେ କି ଫୁଲ ଫୁଟେ ବିନା ବରଷଣେ।” ଏ କବିତାର ମୂଳ ଲେଖକ କିଏ ସବ୍ୟସାଚୀକୁ ଜଣାନଥିଲା। ଚିଠିମାନଙ୍କରେ ହୃଦୟର ଭାବ କବିତା ହେଇଯାଉଥିଲା କିପରି ଏଇଟା ଥିଲା ତା’ର ଗୋଟାଏ ଉଦାହରଣ। ସବ୍ୟସାଚୀ ସେ ଚିଠିଟିକୁ ଫିଙ୍ଗିଦବା କଥା ଭାବି ପାରିଲା ନାହିଁ। ସାଇତି ରଖିବ କାହିଁକି ତା’ର ଉତ୍ତର ବି ପାଇଲା ନାହିଁ। କେଇଟା ବର୍ଷ ପରେ ସିଏ ନଥିବ। ଏ ଚିଠି ଆଉ କାହାପାଇଁ ହେଇଯାଇଥିବ ଅର୍ଥହୀନ। ତେଣୁ ଏହାକୁ ଜାଳି ଦବା ନାହିଁ କାହିଁକି। କାଲି ସିଏ ଜଳିଗଲାବେଳେ ଏଇ ଚିଠିଟି ଯଦି ବଂଚିଥାଏ ଓ ଆଉ କା ଆଖିରେ ପଡ଼େ ସେ ତାକୁ ପରିହାସ କରିବ। କହିବ କି ଫଟା ରସିକ ଥିଲା ସବ୍ୟସାଚୀବାବୁ ଦେଖନ୍ତୁ। ଦେଖ ଦେଖ, ନା’ ଏଇଟିକୁ ନଷ୍ଟ କରିଦିଆଯାଉ।

ନା, ସେମିତି ହବ ନାହିଁ। ଏ ଚିଠି କାହିଁକି ଏପରିଗୁଡ଼ାଏ ଚିଠି ଅଛି, ସେ ସବୁକୁ ଗୋଟିଏ ଆଲବମ୍ ଭିତରେ ସାଇତି ନ ରଖିବା କାହିଁକି। ତା’ ପୁଅ ନାତି ତ ଦେଖିବେ। ଜାଣିବେ ଅତୀତକୁ, ପୂର୍ବପୁରୁଷଙ୍କୁ, ତାଙ୍କ ସଂପର୍କ ଓ ସାମାଜିକ ଭାବବନ୍ଧନକୁ, କ୍ଷତି କ’ଣ!

କାନ୍ଥସାରା ସିଏ ତ ସମ୍ବର୍ଦ୍ଧନା ପତ୍ର, ମାନପତ୍ର, ପୁରସ୍କାର ସମ୍ମାନର ପ୍ରମାଣ ପତ୍ର ଝୁଲେଇଛନ୍ତି। ସେ ସବୁ ତୁଳନାରେ ଏଇ ଅଚିହ୍ନା ଯୂଇର ଚିଠିଟିଏ ବେଶୀ ମୂଲ୍ୟବାନ ମନେହେଉଛି। ଚିହ୍ନରା ଗ୍ରାହକ ଜଣେ କୋଟି କବିର ଆୟୁ ଘେନି ବଂଚିରହୁ ବୋଲି କେହି ଜଣେ କବି ତ ଦିନେ କହିଥିଲେ। ତେବେ ଏଇ ଚିଠିଟିକୁ ବଂଚେଇ ରଖା ନଯିବ କାହିଁକି। ସବ୍ୟସାଚୀଙ୍କର ମନେପଡ଼ିଲା ସିଏ ତ କେତେଥର ଜଟଣୀ ଯାଇଛନ୍ତି, କେତେ କିଏ ଚିହ୍ନା ଜଣା ଲୋକ ସେଠି ଅଛନ୍ତି। ବନ୍ଧୁମାନେ ଅଛନ୍ତି। ସିଏ କାହିଁକି ଯୂଇର ସଂଧାନ କେବେ କରି ନାହାନ୍ତି। କାହିଁକି ତାକୁ ଖୋଜି ନାହାନ୍ତି। ଏବେ ତା’ କଥା ପଚାରିଲେ କିଏ ବା ଆଉ କହିପାରିବ! ଏହା ଭିତରେ ପାଂଚ ଦଶନ୍ଧିରୁ ଅଧିକାଳ ପାଣି ପରି ବହିଗଲାଣି। କେତେ କ’ଣ ଧୋଇ ହୋଇଗଲାଣି ସେଇ ସ୍ରୋତରେ। ସେ ସବୁ ଆଉ କ’ଣ ଉଦ୍ଧାର କରିହବ।

ସବ୍ୟସାଚୀ ଥମ୍ ହୋଇ ବସି ପଡ଼ିଲେ। କ’ଣ କରିବେ ନ କରିବେ ଭାବି ହେଲେ। ଆଖି ବୁଜିଲେ, ଭାସି ଗଲେ ସ୍ରୋତର ପ୍ରତିକୂଳରେ।

ଦେଖିଲେ ଛୋଟିଆ ଘରଟିଏ, ଜଟଣୀର କେଉଁ ଗୋଟିଏ ଲେନ୍‌ରେ। ସେଠି ବୟସ୍କା ମହିଳା ଜଣେ ଏକାଟିଆ ରହୁଛନ୍ତି। ଅଛି ପାଖରେ କେହି ଜଣେ ସହାୟକ। ନିଜ କୁଟୁମ୍ବରୁ କେହି ନାହାନ୍ତି, ବେଶ୍ ଶୁଦ୍ଧପୂତ ଓ ସାତ୍ତ୍ୱିକ ଦିଶୁଛନ୍ତି ସେ। ପିନ୍ଧିଥିବା ପୋଷାକରେ ବି ସେ ନିର୍ମଳତା। ଘର ଆଗରେ ଥିବା ପ୍ରଶସ୍ତ ବାରଣ୍ଡାରେ ବସିଛନ୍ତି ସେ ଆରାମ ଚେୟାରରେ ଆକାଶ ଆଡ଼େ ଚାହିଁ। ସମୟ ବିଳମ୍ବିତ ସକାଳ। ଘର ଆଗରେ କେଇଟା ଫୁଲଗଛ ଧଳାରଂଗର। ଛୋଟ ଛୋଟ ଫୁଲରେ ଲଦି ହେଇଚି ଗଛଟିଏ। ନା’ ଗଛଟିଏ ନୁହେଁ ଯୂଇ ଗଛର ବହୁଳ ବୁଦାଟିଏ, ଠିକ୍ ତାଙ୍କ ନିଜ ଘର ଆଗରେ କେଉଁ ଯୁଗରୁ ଥିବା ଯୂଇ ଫୁଲର ହସକୁରୀ ପ୍ରତିରୂପ।

ଆଖି ବୁଜିଛନ୍ତି ସବ୍ୟସାଚୀ ବାବୁ। କ’ଣ ଦେଖୁଛନ୍ତି ସେ! ହଠାତ୍ ଦଲକାଏ ପବନ ପଶି ଆସିଲା ଝରକାରେ ଘର ଭିତରକୁ ଓ ଯୂଇ ଫୁଲର ବାସ୍ନାରେ ପୂରିଉଠିଲା ଘର ଓ ତାଙ୍କ ନିଜ ଭିତରଟା।

ସେ କିଛି ବୁଝିପାରିଲେ ନାହିଁ, ଅଛନ୍ତି କେଉଁଠି, କେଉଁ ସମୟରେ ଚେତନାର କେଉଁ ପ୍ରସ୍ଥରେ ବା ଅବଚେତନରେ। ଦେଖିଲେ ସେ ସକାଳ ଆକାଶରେ ଭାସିଯାଉଚି ହାଲୁକା ଧବଳ ବର୍ଣ୍ଣର ମେଘ ଖଣ୍ଡ କି ବାର୍ତ୍ତା ନେଇ କାହାଠାରୁ କାହା ପାଖକୁ କିଏ କହିବ!!!

**କୋଟପୁର, ଯାଜପୁର-୭୫୫୦୦୮**
**ମୋ : ୯୯୩୭୫୫୧୫୭୭**

# ଆଖି ଶାମୁକାରେ ଭରି

ଡ଼ ଲାବଣ୍ୟଚନ୍ଦ୍ର ସାହୁ



ଆଖି ଶାମୁକାରେ ଭରି ଲୁହର ମୁକୁତା
ହୃଦୟେ ଦେଇଛ ଲେଖି ଅଲିଭା କବିତା।

ଦେଇ ଅଛ ବୁଦ୍ଧି ଜ୍ଞାନ, ଦେଇଛ ଜନମ
ପ୍ରିୟାର ପଣତେ ବାନ୍ଧି ସୁନେଲି ସପନ।

ଜୀବନଦୀପରେ ଜାଳି, ସେନେହ ସଳିତା
ହୃଦୟେ ଦେଇଛ ଲେଖି, ଅଲିଭା କବିତା।

।।।।ଶ୍ରୀବତ୍ସୀ।।।।

୩୫-ବସନ୍ତବିହାର, ଭୁବନେଶ୍ୱର-୧୮
ଦୂ:ଭା()୮୮୯୫୪୮୭୧୬୨



ବିବାହର ଏକମାତ୍ର ସତ୍ୟ ହେଉ ପରସ୍ପର ପ୍ରତି ଅନାବିଳ ଭଲ ପାଇବା।

# 'ଜଗତ' ଏକ ମାତ୍ର ସତ୍ୟ



ରାମଶଙ୍କର

ଧାର୍ମିକ ପୁସ୍ତକରେ ଚାରିଯୁଗର କଥା ବର୍ଣ୍ଣନା କରାଯାଇଅଛି । ସେଗୁଡ଼ିକ ହେଲା ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି । ସନ୍ଥମାନଙ୍କ ପ୍ରବଚନ ଅନୁଯାୟୀ ବର୍ତ୍ତମାନ କଳିଯୁଗ ଚାଲିଛି । ଏହା ପୂର୍ବରୁ ଦ୍ୱାପର ଯୁଗ ଥିଲା ଏବଂ ଭଗବାନ ଶ୍ରୀକୃଷ୍ଣ ଧରାପୃଷ୍ଠରେ ଅବତାର ରୂପେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ଜୀବନର ପ୍ରମୁଖ ଘଟଣା ଥିଲା ମହାଭାରତ ଯୁଦ୍ଧ ।

ଶାନ୍ତନୁ ହସ୍ତିନାପୁରର ରାଜା ଥିଲେ । ଶାନ୍ତନୁଙ୍କ ପ୍ରଥମ ପତ୍ନୀ ଗଙ୍ଗାଙ୍କ ଏକ ମାତ୍ର ପୁତ୍ର ଦେବବ୍ରତ (ଭୀଷ୍ମ) ଅବିବାହିତ ଥିଲେ । ଦ୍ୱିତୀୟ ପତ୍ନୀ ସତ୍ୟବତୀଙ୍କ ଦୁଇ ପୁତ୍ର ଥିଲେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ । ସତ୍ୟବତୀଙ୍କ ବିବାହ ପୂର୍ବରୁ ଗୋଟିଏ ପୁତ୍ର ଥିଲେ ବ୍ୟାସ ଯିଏ ବିଖ୍ୟାତ ଋଷି ଓ ମହାଭାରତ ଗ୍ରନ୍ଥର ରଚୟିତା । ଚିତ୍ରାଙ୍ଗଦ ଅବିବାହିତ ଥିବା ସମୟରେ ଏକ ଯୁଦ୍ଧରେ ପ୍ରାଣ ହରାଇଥିଲେ । ବିଚିତ୍ରବୀର୍ଯ୍ୟ ନିଃସନ୍ତାନ ଥାଇ ମୃତ୍ୟୁବରଣ କରିଥିଲେ । ତାଙ୍କର ଦୁଇ ପତ୍ନୀ ଥିଲେ ଅମ୍ବିକା ଓ ଅମ୍ବାଳିକା । ମାତା ସତ୍ୟବତୀଙ୍କ ଆଦେଶ ଅନୁଯାୟୀ କୁରୁ ବଂଶ ରକ୍ଷା କରିବା ପାଇଁ ଋଷି ବ୍ୟାସଙ୍କ ତପ ବଳରେ ଅମ୍ବିକାଙ୍କ ଗର୍ଭରୁ ପ୍ରଥମ ସନ୍ତାନ ଧୃତରାଷ୍ଟ୍ର ଜନ୍ମଗ୍ରହଣ କରିଥିଲେ ଓ ସେ ଜନ୍ମରୁ ଅନ୍ଧ ଥିଲେ । ତାଙ୍କର ପତ୍ନୀ ଥିଲେ ଗାନ୍ଧାରୀ ଓ ସେମାନଙ୍କର ଦୁର୍ଯ୍ୟୋଧନ, ଦୁଃଶାସନ ଭଳି ୧୦୦ ପୁତ୍ର ଏବଂ ଏକମାତ୍ର କନ୍ୟା ଦୁଃଶୀଳା ଜନ୍ମଗ୍ରହଣ କରିଥିଲେ । ବିଚିତ୍ରବୀର୍ଯ୍ୟଙ୍କ ଦ୍ୱିତୀୟ ପତ୍ନୀ ଅମ୍ବାଳିକାଙ୍କ ଗର୍ଭରୁ ଦ୍ୱିତୀୟ ପୁତ୍ର ପଣ୍ଡୁ ଜନ୍ମ ନେଇଥିଲେ । ପଣ୍ଡୁଙ୍କର ପ୍ରଥମ ପତ୍ନୀ କୁନ୍ତୀଙ୍କ ଗର୍ଭରୁ ଯୁଧିଷ୍ଠିର, ଭୀମ ଓ ଅର୍ଜୁନ ଏବଂ ଦ୍ୱିତୀୟ ପତ୍ନୀ ମାଦ୍ରୀଙ୍କ ଗର୍ଭରୁ ନକୁଳ, ସହଦେବ ଜନ୍ମ ଗ୍ରହଣ କରିଥିଲେ । ଏହି ପାଞ୍ଚ ପୁତ୍ରଙ୍କୁ ପାଣ୍ଡବ କୁହାଯାଏ ଏବଂ ଦୁର୍ଯ୍ୟୋଧନଙ୍କ ସହିତ ୧୦୦ ଭାଇଙ୍କୁ କୌରବ କୁହାଯାଏ ।

ସମୟର ଗତି ପଥରେ ପାଣ୍ଡବ ଓ କୌରବ କୁରୁକ୍ଷେତ୍ରରେ ପରସ୍ପର ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ସାମ୍ନା ସାମ୍ନି ହୋଇଛନ୍ତି । ଅର୍ଜୁନଙ୍କ ରଥର ସାରଥି ଥିଲେ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ଧନୁର ନାମ ଥିଲା ଗାଣ୍ଡିବ । ଯୁଦ୍ଧ ଆରମ୍ଭ ହେବାର ଠିକ୍ ପୂର୍ବରୁ ଅର୍ଜୁନ ଗାଣ୍ଡିବ ଧନୁକୁ ତଳେ ଥୋଇ ଦେଇ ଶ୍ରୀକୃଷ୍ଣଙ୍କୁ କହିଲେ, 'ହେ ପ୍ରଭୁ, ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, ବଡ଼ ବାପାଙ୍କ ୧୦୦ ପୁତ୍ରଙ୍କୁ ମାରି ହସ୍ତିନାପୁର ରାଜ୍ୟ ଭୋଗ କରିବାକୁ ମୋ ଇଚ୍ଛା ହେଉନାହିଁ ।' ଭଗବାନ ଶ୍ରୀକୃଷ୍ଣ ତାଙ୍କର ପ୍ରିୟ ସଖା, ଶିଷ୍ୟ ଅର୍ଜୁନଙ୍କୁ ବିଷାଦଗ୍ରସ୍ତ ମାନସିକତାରୁ ମୁକ୍ତ କରି ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଇବାରେ ସଫଳ ହୋଇଥିଲେ । ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ଉକ୍ତ ଅଧ୍ୟାୟକୁ ହିନ୍ଦୁ ଧର୍ମର ଗ୍ରନ୍ଥ 'ଶ୍ରୀମଦ୍ ଭଗବତ ଗୀତା' ରୂପେ ମାନ୍ୟ କରାଯାଇଅଛି ।

ଗୀତାର ୨ୟ ଅଧ୍ୟାୟ ଶ୍ଳୋକ ସଂଖ୍ୟା ୨୨ ରେ କୁହାଯାଇଅଛି :-

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି ।

ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହି ॥

ଅର୍ଥାତ୍ : ଆତ୍ମା, ପ୍ରାଣୀର ଶରୀରକୁ ଧାରଣ କରିଥାଏ । ଶରୀର ପଞ୍ଚଭୂତରେ ଗଠିତ ହୋଇଅଛି । ସେଗୁଡ଼ିକ ହେଲା ଭୂମି, ଜଳ, ଅଗ୍ନି, ବାୟୁ ଓ ଆକାଶ । ମନୁଷ୍ୟ ପିନ୍ଧିଥିବା ପୋଷାକ ପୁରୁଣା ହୋଇଗଲେ ଏହାକୁ ପରିତ୍ୟାଗ କରି ନୂଆ ପୋଷାକ ପରିଧାନ କଲା ଭଳି ମୃତ୍ୟୁ ପରେ ଆତ୍ମା ପୁରୁଣା ଶରୀର ପରିତ୍ୟାଗ କରି ନୂତନ ଶରୀରରେ ପ୍ରବେଶ କରିଥାଏ ।

ଗୀତାର ୨ୟ ଅଧ୍ୟାୟ ଶ୍ଳୋକ ସଂଖ୍ୟା ୨୩ରେ ଶ୍ରୀକୃଷ୍ଣ କହୁଛନ୍ତି –

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।

ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଅର୍ଥାତ୍ : ଆତ୍ମାକୁ ଶସ୍ତ୍ର ଦ୍ୱାରା ଛେଦନ କରି ହେବ ନାହିଁ, ଅଗ୍ନି ଦ୍ୱାରା ଦହନ କରାଯାଇପାରିବ ନାହିଁ, ଜଳରେ ଏହାକୁ ଓଦା କରାଯାଇପାରିବ ନାହିଁ, ବାୟୁ ଏହକୁ ଶୁଷ୍କ କରିପାରିବ ନାହିଁ ।

ମୃତ୍ୟୁ ପରେ ମନୁଷ୍ୟ ଶରୀର (ଶବ) ପାଇଁ ମୁଖ୍ୟତଃ ଦୁଇ ପ୍ରକାର କ୍ରିୟାକର୍ମ ଗ୍ରହଣ କରାଯାଇଥାଏ । ଅଗ୍ନିରେ ଦାହ କରାଯାଇଥାଏ କିମ୍ବା ଭୂମିତଳେ ସମାଧି ଦିଆଯାଇଥାଏ । ମୃତ ଶରୀରକୁ ଦାହ କରିସାରିଲା ପରେ ଏହା 'ପଞ୍ଚଭୂତ'ରେ ବିଲୀନ ହୋଇଯାଏ ବୋଲି କୁହାଯାଇଅଛି ।

ଯଦି ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଏ ଏବଂ ଆତ୍ମାକୁ ଅଗ୍ନି ଜଳାଇ ପାରିବ ନାହିଁ ତେବେ ନର୍କରେ ଯମଦୂତ ପାପୀଙ୍କର କାହାକୁ ଟକମକ ହୋଇ ଫୁଟୁଥିବା ତେଲ କଡ଼େଇରେ ଛାଣି ଯମ ଯନ୍ତ୍ରଣା ଦେବାର ବର୍ଣ୍ଣନା କରାଯାଇଅଛି ।

ଭଗବାନ ଶ୍ରୀକୃଷ୍ଣଙ୍କ ଗୀତାବାଣୀ ଅନୁଯାୟୀ ବୁଝାଯାଉଅଛି ଯେ ଯମଦୂତ ଦ୍ୱାରା ନର୍କ ଯନ୍ତ୍ରଣା ମିଥ୍ୟା ଏବଂ ମଣିଷର କଳ୍ପନା ମାତ୍ର । ମନୁଷ୍ୟକୁ ମନ୍ଦ, ଅମାନବିକ କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ନର୍କରେ ଯମ ଯନ୍ତ୍ରଣା କଥା ବର୍ଣ୍ଣନା କରାଯାଇଛି । ନର୍କ ଯନ୍ତ୍ରଣାର ଭୟ ମନୁଷ୍ୟକୁ ଅମାନବିକ କାର୍ଯ୍ୟରୁ ନିବୃତ୍ତ କରିପାରିନାହିଁ । ବାଲ୍ୟାବସ୍ଥାରୁ ସୁସ୍ଥ ପରିବେଶରେ ଚଳିବା ଓ ମାନବିକତା ଶିକ୍ଷା ଉତ୍ତମ ମନୁଷ୍ୟ ସୃଷ୍ଟି କରିଥାଏ । ତେଣୁ ଯଦି ନର୍କ ମିଥ୍ୟା ତେବେ ସ୍ୱର୍ଗ ମିଥ୍ୟା । ମନୁଷ୍ୟ ଜନ୍ମ ଗ୍ରହଣ କରିଥିବା 'ଜଗତ' ହିଁ ଏକମାତ୍ର ସତ୍ୟ । ମାତା ପିତାଙ୍କ ସମ୍ମାନ ଓ ସେବା ପ୍ରତ୍ୟେକ ସନ୍ତାନର ଧେୟ ହେବା ଉଚିତ୍ ।

୧୯୭୦ ମସିହାରୁ ବିଶ୍ୱରେ ପରିବେଶ ସୁରକ୍ଷା ପାଇଁ ପ୍ରତିବର୍ଷ ୨୨ ଏପ୍ରିଲକୁ 'ବିଶ୍ୱ ପୃଥିବୀ ଦିବସ' ରୂପେ ପାଳନ କରାଯାଉଅଛି । ଶିଳ୍ପ ବିପ୍ଳବ ପରେ ଶିଳ୍ପାୟନକୁ ବିକାଶର ଧାରା ରୂପେ ଗ୍ରହଣ କରାଯାଇଅଛି। ମାତ୍ର ବିକାଶ ଆଳରେ ପ୍ରତ୍ୟେକ ଦେଶ ଏହାର ପ୍ରାକୃତିକ ପରିବେଶକୁ ଧ୍ୱଂସ କରିବାରେ ଲାଗିଛନ୍ତି । ଜଙ୍ଗଲ ଧ୍ୱଂସ କରାଯିବା କାରଣରୁ ଋତୁ ପରିବର୍ତ୍ତନ ବିଶ୍ୱକୁ ପ୍ରଭାବିତ କରିସାରିଛି । ବିଶ୍ୱ ଉତ୍ତାପିକରଣ (Global Warming) ବିଶ୍ୱ ପାଇଁ ଗଭୀର ସଙ୍କଟ ରୂପେ ଦେଖା ଦେଇଅଛି । ଜଳ, ଜମି, ବାୟୁ ପ୍ରଦୂଷଣ ଧରିତ୍ରୀ ପାଇଁ ବିଶେଷ ରୂପେ ପ୍ରାଣୀ ଜଗତ ପାଇଁ ସତର୍କ ଘଣ୍ଟି ଅନେକ ପ୍ରାଣୀ ଧରାପୃଷ୍ଠରୁ ଲୋପ ହୋଇସାରିଲେଣି ।

ପରିବେଶ ପ୍ରଦୂଷଣ ସହିତ ଆଣବିକ ଯୁଦ୍ଧ ପୃଥିବୀକୁ ଧ୍ୱଂସ ମୁଖକୁ ଟାଣି ନେଉଅଛି । ଜାତିସଂଘ, ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟମାନଙ୍କ ସହିତ ବିଶ୍ୱର ସାଧାରଣ ଜନତା ଏହି ବିଷୟରେ ସଚେତନ ହେବା ଏବଂ ବିଶ୍ୱକୁ ରକ୍ଷା କରିବା ପାଇଁ ଦାୟିତ୍ୱ ନିର୍ବାହ କରିବା ସମୟ ଆହ୍ୱାନ ।

ଚଳଭାଷ - ୯୩୩୭୬୨୧୪୫୫

# ସମୟ



ବ୍ରହ୍ମାନନ୍ଦ ଭଞ୍ଜଦେଓ

ଗତାୟୁର କଥା ବଦଳି ପାରେନା,
ସୁଖ ହେଉ ଅବା ଦୁଃଖ,
ତା ପାଇଁ ଭାବନା କର ନାହିଁ ଏତେ,
ବୁଲାଅ ଏ ଆଡେ ମୁଖ।
ଅନାଗତ ସେଇ ଆଗାମୀ ଟା ପାଇଁ
କର ନାହିଁ ଏତେ ଚିନ୍ତା,
ଯାହା ସେ ଆଣିବ ବରିନେବା ତାରେ,
ଜଳିଯିବା ଯାଏଁ ଚିତା।
ମାନସ ଚିନ୍ତନ ହୃଦୟର ଭାବ,
ଏକା କରି ଦିଅ ଆଜି,
ହସାଇବା ଆଉ ହସିବା ଏଠାରେ,
ବିଗତ ଯାତନା ତେଜି।
ସୁନ୍ଦର, ସମ୍ପୂର୍ଣ୍ଣ ବର୍ତ୍ତମାନ ପାଇଁ
ବଢାଅ ଗୋ ସାଥୀ ହାତ,
ଆଗାମୀ ଆଶଙ୍କା ସ୍ମୃତି ଓ ବିସ୍ମୃତି,
ହୋଇଯାନ୍ତୁ ଅନ୍ତର୍ହିତ।

ହଳଦିଆ ଗଡ, ଖୋର୍ଦ୍ଧା,
ମୋ-୯୯୩୭୬୨୮୮୪୩

# କବିତା ଗୋ ତୁମେ



ଆରତୀ ପ୍ରହରାଜ

କବିତା ଗୋ ତୁମେ
ବିଭୋର ମନର କନ୍ୟା,
ଅନ୍ତର ଗାଥା ଆବେଗକୁ ନେଇ
ଉଚ୍ଛୁଳାଇ ଦେଉ ବନ୍ୟା।
କବିତା ଗୋ ତୁମେ
ବଞ୍ଚିବାର ଏକ ରାହା,
ନିଜକୁ ଭୁଲାଇ ମନକୁ ଭିଜାଇ
ସମ୍ମୋହିତ କରୁ ଆହା।
କବିତା ଗୋ ତୁମେ
ପଥର ପଥିକ ମୋର,
ଯାହା ମୁଁ ଭାବୁଛି ଯାହା ମୁଁ ଚାହୁଁଛି
ହେଉ ତୁ କଲମ ଗାର।
କବିତା ଗୋ ତୁମେ
ସୂକ୍ଷ୍ମ ଏକ ଅନୁଭବ,
ମରମକୁ ଛୁଇଁ ଝଲକି ଯାଉ ତୁ
ଅଭାବରେ ତୁହି ଭାବ।
କବିତା ଗୋ ତୁମେ
ମୋ ସ୍ୱପ୍ନର ସମ୍ଭାବନା,
ହେଲେ ଆନମନା ଗୁଞ୍ଜରି ଯାଉ ତୁ
କଳ୍ପନା କରୁ ତୁ ରଚନା।
କବିତା ଗୋ ତୁମେ...

ଭୁବନେଶ୍ୱର
୯୪୩୮୩୬୦୨୫୨



ଅତ୍ୟଧିକ ମାନ ମନୁଷ୍ୟକୁ ଅହଂକାର କୋଳକୁ ଟାଣିନିଏ।



# ହକି ଜଗତରେ ଦୀପ ଗ୍ରେସ୍

**ଆଶିଷ କୁମାର ରାୟ**




ଦୀପଗ୍ରେସ୍ ଏକ୍କା ଏବେ ହକି ଜଗତର ଏକ ସୁପରିଚିତ ନାମ। ଏଥିସହିତ ଭାରତୀୟ ମହିଳା ହକି ଦଳର ନିର୍ଭରଯୋଗ୍ୟ ରକ୍ଷଣଭାଗ ଖେଳାଳି ଭାବେ ମଧ୍ୟ ଦୀର୍ଘଦିନ ଧରି ସେ ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସିବା ସହିତ ଦେଶ ତଥା ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ୧୯୯୪ର ଜୁନ୍ ୩ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକ୍‌ର ଲୁଲ୍‌କିଡିହ୍ ଗ୍ରାମରେ ପିତା ଚାର୍ଲସ୍ ଏକ୍କା ଓ ମାତା ଜୟମଣିଙ୍କ କୋଳମଣ୍ଡନ କରି ଜନ୍ମଗ୍ରହଣ କରିଥିବା ଦୀପ ଗ୍ରେସ୍ ଯେ ହକି ଖେଳରେ ଏତେ ଦୀର୍ଘ ପଥ ଅତିକ୍ରମ କରିବେ ତାହା ହୁଏତ ସେତେବେଳେ କେହି ଆଶା କରିନଥିବେ। ଭାରତୀୟ ଦଳର ପ୍ରମୁଖ ସଦସ୍ୟ ଭାବେ ସେ ଏସିଆ କପରେ ସ୍ୱର୍ଣ୍ଣ, ଏସୀୟ ଚାମ୍ପିଆନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ଏସୀୟ କ୍ରୀଡ଼ାରେ ରୌପ୍ୟ, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଲାଭ କରିବା ଭଳି ଅବିସ୍ମରଣୀୟ କୃତିତ୍ୱ ହାସଲ କରିବା ସହିତ ଅଲିମ୍ପିକ୍ ହକି ପ୍ରତିଯୋଗିତାର ସେମି ଫାଇନାଲକୁ ଉନ୍ନୀତ ହୋଇ ଚତୁର୍ଥ ସ୍ଥାନରେ ରହିବାର ଗୌରବ ମଧ୍ୟ ଲାଭ କରିଛନ୍ତି। ଆଉ ଏବେ ତାଙ୍କୁ ମିଳିଛି ଭାରତର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ସମ୍ମାନ ଅର୍ଜୁନ ପୁରସ୍କାର।

ମାତ୍ର ୧୧ବର୍ଷ ବୟସରେ ସ୍କୁଲରେ ପଢୁଥିବା ସମୟରେ ଦୀପ ଗ୍ରେସ ନିଜର ପ୍ରଶିକ୍ଷକ ତେଜ କୁମାର ଖେସ୍‌ଙ୍କ ତତ୍ତ୍ୱାବଧାନରେ ହକି ଖେଳିବା ଆରମ୍ଭ କରିଥିଲେ। ଏହାର ଦୁଇବର୍ଷ ପରେ ସୁନ୍ଦରଗଡ଼ର କ୍ରୀଡ଼ା ଛାତ୍ରାବାସକୁ ଆସିବା ପରେ ତାଙ୍କ ଖେଳରେ ଅନେକ ସୁଧାର ଆସିଲା। ୨୦୦୭ରେ ୧୩ ବର୍ଷ ସେ ଓଡ଼ିଶା ଜୁନିଅର ଦଳରେ ସାମିଲ ହୋଇ ନିଜର ପ୍ରଚଣ୍ଡ ପ୍ରତିଭାର ପରିଚୟ ଦେବାରେ ସମର୍ଥ ହେଲେ ଏବଂ ୧୬ ବର୍ଷ ବୟସରେ ହରିୟାଣାର ସୋନିପତ୍‌ରେ ଆୟୋଜିତ ଜାତୀୟ ସିନିଅର ହକି ପ୍ରତିଯୋଗିତାରେ ସେ ଓଡ଼ିଶାର ପ୍ରତିନିଧିତ୍ୱ କଲେ। ପ୍ରଥମେ ଗୋଲକିପର ଭାବେ ଖେଳୁଥିବା ଦୀପଗ୍ରେସ ପରବର୍ତ୍ତୀ ସମୟରେ ଜଣେ ରକ୍ଷଣଭାଗ ଖେଳାଳି ଭାବେ କ୍ରମାଗତ ସୁନ୍ଦର ପ୍ରଦର୍ଶନ କରି ଜାତୀୟ ମନୋନୟନକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ। ୨୦୧୧ରେ ଜାତୀୟ ଶିବିରରେ ଯୋଗଦେବା ପାଇଁ ତାଙ୍କୁ ଡାକରା ମିଳିବା ସହିତ ସିନିଅର ଭାରତୀୟ ଦଳରେ ଖେଳିବାର ସୁଯୋଗ ମଧ୍ୟ ମିଳିଲା। ଏହାପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଜୁନିଅର ଓ ସିନିଅର ସ୍ତରରେ ଗୋଟିଏ ପରେ ଗୋଟିଏ ଆନ୍ତର୍ଜାତିକ ମ୍ୟାଚ ଖେଳିବା ସହିତ ଅନେକ ସଫଳତା ମଧ୍ୟ ହାସଲ କରିଛନ୍ତି।


ଦୀପ ଗ୍ରେସଙ୍କର ସଫଳତାର ଯାତ୍ରା ଆରମ୍ଭ ହୋଇଥିଲା ୨୦୧୩ରେ ଜର୍ମାନୀର ମୁଞ୍ଚେନ୍‌ଗ୍ଲାଡବାକ୍‌ରେ ଆୟୋଜିତ ମହିଳା ଜୁନିଅର ହକି ବିଶ୍ୱକପରୁ। ସୁଶିଲା ଚାନୁଙ୍କ ନେତୃତ୍ୱରେ ସେହି ଜୁନିଅର ବିଶ୍ୱକପରେ ଭାଗ ନେଇଥିବା ଭାରତୀୟ ଦଳରେ ଦୀପ ଗ୍ରେସଙ୍କ ସମେତ ଓଡ଼ିଶା ଚାରିଜଣ ଖେଳାଳି ସାମିଲ ଥିଲେ। ଅନ୍ୟ ତିନିଜଣ ହେଲେ ନମିତା ଟୋପ୍ପୋ, ଲିଲିମା ମିଞ୍ଜ୍ ଓ ଅନୁପା ବାର୍ଲା। ଏମାନେ ମଧ୍ୟ ୨୦୧୧ରେ ଥାଇଲାଣ୍ଡରେ ଆୟୋଜିତ ଏସିଆ କପ ମହିଳା ହକିରେ ବ୍ରୋଞ୍ଜ ଜିଣିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ୨୦୧୩ର ଜୁନିଅର ବିଶ୍ୱକପରେ ଭାରତ କ୍ୱାର୍ଟର ଫାଇନାଲରେ ସ୍ପେନକୁ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ସେଠାରେ କିନ୍ତୁ ନେଦରଲାଣ୍ଡସ୍ ହାତରୁ ପରାଜିତ ହେବା ପରେ ପ୍ଲେ-ଅଫ୍ ମ୍ୟାଚରେ ଇଂଲାଣ୍ଡକୁ ଟାଇବ୍ରେକରରେ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କଲା। ଜୁନିଅର ମହିଳା ବିଶ୍ୱକପରେ ଏହା ଥିଲା ଭାରତର ପ୍ରଥମ ପଦକ।

ସେହି ୨୦୧୩ରେ ମାଲେସିଆରେ ଆୟୋଜିତ ଏସିଆ କପ ମହିଳା ହକିରେ ବ୍ରୋଞ୍ଜପଦକ ଏବଂ ଜାପାନରେ ଅନୁଷ୍ଠିତ ଏସିଆନ୍ ଚାମ୍ପିଆନ୍ସ ଟ୍ରଫିରେ ରୌପ୍ୟପଦକ ବିଜୟୀ ଭାରତୀୟ ଦଳରେ ସେ ଥିଲେ ପ୍ରମୁଖ ସଦସ୍ୟ। ସେହିଭଳି ୨୦୧୪ରେ କୋରିଆର ଇଞ୍ଚେଅନ୍‌ରେ ଆୟୋଜିତ ଏସିଆଡ଼ରେ ଭାରତୀୟ ପୁରୁଷ ଦଳ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ମହିଳା ଦଳକୁ ମିଳିଥିଲା ବ୍ରୋଞ୍ଜପଦକ। ଏହି ପଦକ ବିଜୟରେ ଦୀପ ଗ୍ରେସଙ୍କ ଅବଦାନ ଥିଲା ଯଥେଷ୍ଟ ଅଧିକ। ପରବର୍ଷ ଭାରତୀୟ ମହିଳା ହକି ଦଳ ଅଲିମ୍ପିକ୍ ସକାଶେ ଯୋଗ୍ୟତା ହାସଲ କରିଥିଲା। ତେବେ ୨୦୧୬ର ରିଓ ଅଲିମ୍ପିକ୍‌ରେ ଭାରତର ପ୍ରଦର୍ଶନ ସେଭଳି କିଛି ଖାସ୍ ନଥିଲେ ହେଁ ଆମ ରାଜ୍ୟର ଚାରିଜଣ ଖେଳାଳି - ଦୀପ ଗ୍ରେସ ଏକ୍କା, ଲିଲିମା ମିଞ୍ଜ, ନମିତା ଟୋପ୍ପୋ ଓ ସୁନିତା ଲାକ୍ରା ଅଲିମ୍ପିକ୍‌ର କ୍ରୀଡ଼ାଙ୍ଗନରେ ଅବତୀର୍ଣ୍ଣ ହେବା ଥିଲା ଏକ ବହୁତ ବଡ଼ ଘଟଣା।

ଅଲିମ୍ପିକ୍‌ର ବିଫଳତା ସତ୍ତ୍ୱେ ସେହି ବର୍ଷ ଭାରତୀୟ ମହିଳା ହକି ଦଳକୁ ମିଳିଥିଲା ଏକ ବଡ଼ ସଫଳତା। ସିଙ୍ଗାପୁରରେ ଆୟୋଜିତ ଏସିଆନ୍

ଚାମ୍ପିଆନ୍ସ ଟ୍ରଫିରେ ଭାରତ ଜିତିଥିଲା ସ୍ୱର୍ଣ୍ଣପଦକ।

ଏହାପରେ ୨୦୧୭ରେ ଜାପାନର ଗିଫୁଠାରେ ଖେଳାଯାଇଥିବା ଏସିଆ କପ ମହିଳା ହକିରେ ମଧ୍ୟ ଭାରତ ସ୍ୱର୍ଣ୍ଣ ଜିଣିବା ଦିଗରେ ସମର୍ଥ ହୋଇଥିଲା। ସେମି ଫାଇନାଲରେ ଜାପାନ ବିରୁଦ୍ଧରେ ୪-୨ରେ ତଥା ଫାଇନାଲରେ ଚୀନ ବିରୁଦ୍ଧରେ ଟାଇବ୍ରେକରରେ ମିଳିଥିବା ବିଜୟ ଥିଲା ଅତ୍ୟନ୍ତ ଚିତ୍ତାକର୍ଷକ। ରିଓ ଅଲିମ୍ପିକ୍‌ରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଚାରିଜଣଯାକ ତାରକା ୨୦୧୭ର ଏହି ଏସିଆ କପ ବିଜୟରେ ମଧ୍ୟ ଅଂଶୀଦାର ଥିବା ବେଳେ ସେମାନଙ୍କ ମଧ୍ୟରେ ଦୀପ ଗ୍ରେସଙ୍କ ଅବଦାନ ଥିଲା ଉଲ୍ଲେଖନୀୟ। ଏହାର ପରବର୍ଷ ଅର୍ଥାତ୍ ୨୦୧୮ରେ ଭାରତ ମହିଳା ହକି ବିଶ୍ୱକପର କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିବା ବେଳେ ଜାକର୍ତ୍ତା ଏସିଆଡରେ ମହିଳା ହକିରେ ରୌପ୍ୟ ପଦକ ହାସଲ କଲା। ସେମି ଫାଇନାଲରେ ଚୀନକୁ ଗୋଟିଏ ଗୋଲରେ ହରାଇବା ପରେ ଜାପାନ ସହିତ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ୨-୧ରେ ପରାଜିତ ହେବା ଫଳରେ ସ୍ୱର୍ଣ୍ଣରୁ ବଞ୍ଚିତ ରହିବାକୁ ପଡ଼ିଲା। ଏହାର ତିନିମାସ ପୂର୍ବରୁ ଦକ୍ଷିଣ କୋରିଆର ଡୋଙ୍ଘାଏଠାରେ ହୋଇଥିବା ଏସିଆନ ଚାମ୍ପିଆନଶିପରେ ମଧ୍ୟ ଭାରତକୁ ରୌପ୍ୟ ମିଳିଥିଲା। ଫାଇନାଲରେ ଆୟୋଜକ ଦେଶଠାରୁ ଏକମାତ୍ର ଗୋଲରେ ମିଳିଥିଲା ପରାଜୟ। ଏଥିରେ ଭାରତୀୟ ଦଳରେ ପୂର୍ବୋକ୍ତ ଚାରିଜଣଙ୍କ ସହିତ ଅନୁପା ବାର୍ଲାଙ୍କୁ ମିଶାଇ ପାଞ୍ଚଜଣ ଓଡ଼ିଆ ଖେଳାଳି ସାମିଲ ରହି ରାଜ୍ୟର ଗୌରବ ବୃଦ୍ଧି କରିଥିଲେ।



କୋଭିଡ ଜନିତ ମହାମାରୀ ଯୋଗୁଁ କ୍ରୀଡ଼ା କାର୍ଯ୍ୟକ୍ରମ ବନ୍ଦ ରହିବା ପରେ ରାନୀ ରାମପାଲଙ୍କ ନେତୃତ୍ୱରେ ଭାରତ ଟୋକିଓ ଅଲିମ୍ପିକ ସକାଶେ ଯୋଗ୍ୟତା ହାସଲ କଲା ଏବଂ ୨୦୨୧ର ଅଲିମ୍ପିକ୍‌ରେ ଭାରତ ଚମତ୍କାର ପ୍ରଦର୍ଶନ ସହିତ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ବ୍ରୋଞ୍ଜପଦକ ହାତଛଡ଼ା କଲା। ଏହି ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ସାମିଲ ଥିବା ଦୀପ ଗ୍ରେସ ଅତି ସୁନ୍ଦର ଖେଳ ଦେଖାଇଥିଲେ। ଯଦି ବ୍ରୋଞ୍ଜପଦକ ମୁକାବିଲାରେ ଭାରତୀୟ ଦଳ ବ୍ରିଟେନକୁ ପରାସ୍ତ କରିପାରିଥାନ୍ତା ତେବେ ଏହା ବହୁତ ବଡ଼ ସଫଳତା ହୋଇପାରିଥାନ୍ତା, କିନ୍ତୁ ପ୍ରବଳ ସଂଘର୍ଷ ସତ୍ତ୍ୱେ ଭାରତ ୪-୩ରେ ହାରିଗଲା।

ଆଉ ଏହିବର୍ଷ ଗୋଲରକ୍ଷକ ସବିତା ପୁନିଆଙ୍କ ନେତୃତ୍ୱରେ ଦୀପ ଗ୍ରେସ ଉପ ଅଧିନାୟକ ଦାୟିତ୍ୱ ସମ୍ଭାଳିବା ସହିତ ଭାରତୀୟ ଦଳ ମସ୍କଟରେ ଅନୁଷ୍ଠିତ ଏସିଆ କପରେ ତଥା ବର୍ମିଙ୍ଗହାମରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ହାସଲ କରିଛି। ଏଥିସହିତ ଦୀପଗ୍ରେସଙ୍କୁ ମିଳିଛି ଅର୍ଜୁନ ପୁରସ୍କାର। ୨୪୦ଟି ଆନ୍ତର୍ଜାତିକ ମ୍ୟାଚରେ ଦେଶର ପ୍ରତିନିଧିତ୍ୱ କରି ବେଶ୍ କିଛି ସଫଳତା ହାସଲ କରିଥିବା ସୁନ୍ଦରଗଡ଼ ଜିଲ୍ଲାର ଏହି ତାରକାଙ୍କ ପାଇଁ ଏହା ହେଉଛି ଏକ ବଡ଼ ସମ୍ମାନ।

ମୋ- ୯୪୩୭୬୨୭୫୧୪






ଅନୁପସ୍ଥିତତା ଆସକ୍ତିକୁ ବେଶି ବଢାଏ।

# ବିଜ୍ଞାନ ବିଚିତ୍ରା



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

### ଜଳ ସଙ୍କଟ ଏଡାଇବାରେ ଭାରତର ପ୍ରଚେଷ୍ଟା :-

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମ ଦେଶରେ ମୁଣ୍ଡପିଛା ମିଳୁଥିବା ଜଳରାଶିରେ ୭୫% ହ୍ରାସ ପାଇଛି । ୧୯୪୭ ମସିହାରେ ଏହା ୬୦୪୨ କ୍ୟୁବିକ ମିଟର ଥିଲାବେଳେ ଏବେ ତାହା ୧୪୮୬ କ୍ୟୁବିକ ମିଟରକୁ ଖସି ଆସିଛି ।କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ଆକଳନ ଅନୁଯାୟୀ ୩୨୩ ଟି ନଦୀରେ ୩୫୧ ଟି ସ୍ଥାନର ଜଳରାଶି ଏତେ ପ୍ରଦୂଷିତ ଯେ ତାହା ବ୍ୟବହାର ଯୋଗ୍ୟ ନୁହଁ । ଏଥି ମଧ୍ୟରେ ଗଙ୍ଗା ,ଯମୁନା ,ଝେଲମ, ଚେନାବ, ରାବି ,ସତଲେଜ, ବେଆସ, ବ୍ରହ୍ମପୁତ୍ର, ନର୍ମଦା ,ଗୋଦାବରୀ, ମହାନଦୀ, କ୍ରିଷ୍ଣା କାବେରୀ ମଧ୍ୟ ଅନ୍ତର୍ଭୁକ୍ତ । କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ତରଫରୁ ମୁଖ୍ୟ ୧୦ ଟି ରାଜ୍ୟର ୫୨୧ ଟି ନଦୀର ଜଳର ବିଓଡି ମାପ କରାଯାଇ ଉପରୋକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ଦେଶର ସର୍ବମୋଟ ୯,୪୫,୫୮୩ ଟି ଜଳ ଉତ୍ସ ମଧ୍ୟରୁ ୧୮,୬୯୧ଟି ଜଳ ଉତ୍ସକୁ ବିଭିନ୍ନ ବ୍ୟକ୍ତି କିମ୍ବା ଅନୁଷ୍ଠାନ ଜବରଦସ୍ତି ନିଜ କବଜାରେ ରଖିଛନ୍ତି । ଏହି କ୍ରମରେ ତାମିଲନାଡୁ ସର୍ବାଗ୍ରେ ରହିଛି । ଏହାର ମୁଖ୍ୟ କାରଣଗୁଡିକ ହେଲା ସମସ୍ତ ନାଳ ,ନର୍ଦ୍ଦମା ଓ ଶିଳ୍ପାଂଚଳର ବର୍ଜିତ ଜଳରାଶିକୁ ସିଧାସଳଖ ନଦୀ ଗର୍ଭକୁ ଛାଡି ଦିଆଯାଉଛି । ପୁନଶ୍ଚ ନଦୀ ଗର୍ଭରେ ବର୍ଷଯାକ ଯଥେଷ୍ଟ ପାଣି ରହୁ ନଥିବାରୁ ଓ ପ୍ରବହମାନ ଧାରାର ଅଭାବ ହେତୁ ନଦୀର ନିଜସ୍ୱ ପ୍ରଦୂଷଣ ରୋକିବା କ୍ଷମତା ହ୍ରାସ ପାଉଛି । ଏହାର ସମାଧାନ କେବଳ ଏକ ସମନ୍ୱିତ ଜଳଛାୟା ଯୋଜନା ଦ୍ୱାରା ସମ୍ଭବ । ଏଥିପାଇଁ ଭାରତ ସରକାରଙ୍କ ପକ୍ଷରୁ ୭୪୧୭ ବର୍ଗ କିମି ର ନୂତନ ଜଙ୍ଗଲ ସୃଷ୍ଟି ଓ ବର୍ଷକୁ ୧୮୮୯ ମିଲିଅନ ଘନ ମିଟର ଭୂତଳ ଜଳର ରିଚାର୍ଜ କରିବାକୁ ଚେଷ୍ଟା ଆରମ୍ଭ ହୋଇଛି । ସଘନ ବନୀକରଣ ଦ୍ୱାରା ବର୍ଷାଜଳ ବୋହି ନଯାଇ ମାଟି ଦ୍ୱାରା ଶୋଷିତ ହେବ, ଜଳଚକ୍ର ନିୟନ୍ତ୍ରିତ ହେବ ,ବାଷ୍ପୀକରଣକୁ ରୋକାଯାଇପାରିବ ,ମୃତ୍ତିକା କ୍ଷୟକୁ ରୋକି ହେବ, ଭୂତଳ ଜଳସ୍ତର ବୃଦ୍ଧି ହେବ ଓ ଜୈବ ବିଶୁଦ୍ଧୀକରଣ ପ୍ରକ୍ରିୟା ସୁଗମ ହେବ । ୨୦୧୯ ମସିହାରେ ଜଳ ଶକ୍ତି ଅଭିଯାନ କାର୍ଯ୍ୟକ୍ରମରେ ଜଳକ୍ଲିଷ୍ଟ ୨୫୬ ଟି ଜିଲ୍ଲାରେ ଜଳ ଉତ୍ସର ସଂରକ୍ଷଣ, ନବୀକରଣ, ରିଚାର୍ଜିଙ୍ଗ ପାଇଁ କାର୍ଯ୍ୟ ଆରମ୍ଭ କରି ଏବେ ଏହି ସଂଖ୍ୟାକୁ ୭୪୦ ଜିଲ୍ଲାକୁ ସମ୍ପ୍ରସାରିତ କଲେଣି । ଅମୃତ ସରୋବର ଯୋଜନାରେ ସମଗ୍ର ଦେଶରେ ପ୍ରାୟ ୫୦,୦୦୦ ଜଳ ଉତ୍ସ ସୃଷ୍ଟି କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ ହେଲାଣି ।

Crispr-Cas –( Clustered Regularly Interspaced Short Palindromic Repeats- Crispr Associated Enzymes) ଆମେ ଜାଣୁ ଯେ ପ୍ରତ୍ୟେକ ଜୀବନ୍ତ ପ୍ରାଣୀ ହୁଅନ୍ତୁ ବା ଉଦ୍ଭିଦ ସମସ୍ତଙ୍କ ଭଲ, ମନ୍ଦ ଜିନ ବା ଅନ୍ୟ ଅର୍ଥରେ ଡିଏନଏ ଦ୍ୱାରା ନିୟନ୍ତ୍ରିତ । ଅନେକ ରୋଗ ଅଛି ଯେଉଁଥି ପାଇଁ ନିର୍ଦ୍ଦିଷ୍ଟ ଜିନ ହିଁ ଦାୟୀ ଅଟନ୍ତି । ତେଣୁ ଯଦି ଅନିଷ୍ଟକାରୀ ଜିନକୁ ଶରୀରରୁ ଅପସାରିତ କରି ଦିଆଯାଏ ତେବେ ବ୍ୟକ୍ତି ଜଣକ ରୋଗରୁ ରକ୍ଷା ପାଇଯିବେ । ବର୍ତ୍ତମାନର ଆଲୋଚ୍ୟ ବିଷୟଟି ସେହି କୌଶଳ ସଂପର୍କରେ । ଅନ୍ୟ ଅର୍ଥରେ ଏହି ଚିକିତ୍ସା ପଦ୍ଧତିକୁ ସଂକ୍ଷେପରେ ଖୋଜ ଏବଂ ଅପସାରିତ କର ବୋଲି କୁହା ଯାଇପାରେ । ଏହା ଏକ କଇଁଚି ସଦୃଶ ଅସ୍ତ୍ର ଯାହା ଆଜିକୁ ୧୦ ବର୍ଷ ତଳେ ଆବିଷ୍କୃତ ହୋଇଥିଲା । ୨୦୧୨ ମସିହାରେ ଆମେରିକାର ଜେନିଫର ଡଉଦନା ଓ ୟୁରୋପର ଇମାନୁଏଲ ଚାରପେଂଟିଅର ପ୍ରଥମେ ଏ ସମ୍ପର୍କରେ ଏକ ସନ୍ଦର୍ଭ ପ୍ରକାଶ କରିଥିଲେ । ଜାନୁଆରୀ ୨୦୧୩ ରେ ଏମଆଇଟି ଓ ହାର୍ଭାର୍ଡ ୟୁନିଭର୍ସିଟିର ଗବେଷକମାନେ ଏହି କୌଶଳ ଅବଲମ୍ବନ କରି ମନୁଷ୍ୟ ଓ ମୂଷା ଶରୀରର ଜିନ ସଂପାଦନା କାର୍ଯ୍ୟ କରିଥିଲେ । ସେହିବର୍ଷ ଅଗଷ୍ଟ ମାସରେ ଧାନ,ଗହମ ଓ ଧୂଆଁପତ୍ର ଭଳି ଉଦ୍ଭିଦମାନଙ୍କ ଜିନ ଏଡିଟିଙ୍ଗ ପ୍ରକ୍ରିୟା ସଂପନ୍ନ ହୋଇଥିଲା । ୨୦୧୫ ମସିହା ମାର୍ଚ୍ଚ ମାସରେ ଆମେରିକା ଓ ଚୀନର ବୈଜ୍ଞାନିକମାନେ ଏହି କୌଶଳକୁ ଷ୍ଟେମସେଲ ଉପରେ ପ୍ରୟୋଗ କରି ଏକ ଜିନ ପରିବର୍ତ୍ତିତ ଘୁଷୁରି କୋଷରୁ ମନୁଷ୍ୟ ଅଙ୍ଗ ତିଆରି କଲେ । ଫେବୃଆରୀ ୨୦୧୬ ରେ ଯୁକ୍ତରାଜ୍ୟ ସରକାର ବୈଜ୍ଞାନିକମାନଙ୍କୁ ଗର୍ଭସ୍ଥ ଭ୍ରୂଣର ଜିନ ପରିବର୍ତ୍ତନର ଅନୁମତି ଦେଲେ । ଏହି ପଥ ଅନୁସରଣ କରି ସେହି ବର୍ଷ ଜୁନ ମାସରେ ଆମେରିକା ସରକାର କ୍ୟାନ୍ସର ରୋଗୀଙ୍କ ଶରୀରର ଟି-ସେଲ ର ରୂପାନ୍ତରୀକରଣ କରି ଚିକିତ୍ସା କରିବାକୁ ଅନୁମତି ଦେଲେ । ମଇ ୨୦୧୭ରେ ଆମେରିକା ଓ ଚୀନର ବୈଜ୍ଞାନିକମାନେ ମିଳିତ ଭାବେ ଏହି କୌଶଳ ଦ୍ୱାରା ମୂଷା ଶରୀରରୁ ଏଚଆଇଭି ରୋଗକୁ ପୂରା ଦୂର କରିଦେବା ଦାବୀ କଲେ ।

ସେହି ବର୍ଷ ବଂଶାନୁଗତ ତୃଟିପୂର୍ଣ୍ଣ ହୃତପିଣ୍ଡଧାରୀ ଜଣେ ବ୍ୟକ୍ତିଙ୍କ ସନ୍ତାନର ଭ୍ରୂଣର ଜିନକୁ ବଦଳାଇ ତାକୁ ହୃଦରୋଗରୁ ମୁକ୍ତି ପ୍ରଦାନ କଲେ । ନଭେମ୍ବର ୨୦୧୮ରେ ଚୀନ ବୈଜ୍ଞାନିକ ହେ ଜିଆଙ୍କୁଇ ଏକ ସନ୍ଦର୍ଭରେ ଦୁଇଟି ଶିଶୁଙ୍କ ଭ୍ରୂଣରୁ ଏଚଆଇଭି ଭୂତାଣୁକୁ ଶରୀର ମଧ୍ୟକୁ ପ୍ରବେଶ ପାଇଁ ଅନୁମତି ଦେଉଥିବା ଜିନକୁ ଅପସାରିତ କରିଥିବା ଦାବି କଲେ କିନ୍ତୁ ଭାଗ୍ୟର ବିଡମ୍ବନା ଦେଖନ୍ତୁ ସେହି ଦୁଇ ଶିଶୁ ଏକ ନୂଆ ଶ୍ରେଣୀର ସକ୍ରିୟ ଜିନ ନେଇ କେବଳ ଜନ୍ମ ହେଲେ ନାହିଁ ବରଂ ଉଭୟେ ପରେ ଏଚଆଇଭି ସଂକ୍ରମିତ ହୋଇଥିଲେ । ଏହି ଘଟଣା ସେତେବେଳେ ଚହଳ ସୃଷ୍ଟି କରିଥିଲା । କିନ୍ତୁ ମାର୍ଚ୍ଚ ୨୦୨୦ ରେ ଆମେରିକାର ଡାକ୍ତରମାନେ ବଂଶାନୁଗତଭାବେ ଆଜନ୍ମ ଅନ୍ଧତ୍ୱ ଭୋଗ କରୁଥିବା ଏକ ଶିଶୁର 'ଟୋ ରିସେପ୍ଟର ଜିନକୁ ଏହି କୌଶଳରେ ଅପସାରିତ କରି ଦୃଷ୍ଟି ଶକ୍ତି ପ୍ରଦାନ କଲେ । ୨୦୨୦ ସେପ୍ଟେମ୍ବର ମାସରେ ଭାରତୀୟ ବୈଜ୍ଞାନିକମାନେ ବର୍ଗ କିମି



ଜଗତରେ ଏପରି କୌଣସି କାର୍ଯ୍ୟ ନାହିଁ ଯାହା ଉତ୍ସାହ ଦ୍ୱାରା ଦୁଷ୍ପ୍ରାପ୍ୟ ।

ସିଏସଆଇଆର ଅଧୀନରେ କାର୍ଯ୍ୟ କରି ଏହି କୌଶଳ ବିନିଯୋଗ କରି ଫେଲୁଦା ନାମକ ଏକ ପଦ୍ଧତି ଉଦ୍ଭାବନ କରିଥିଲେ ଯାହାକୁ ନେଇ କୋଭିଡ-୧୯ ଚିହ୍ନଟ ପ୍ରକ୍ରିୟା ସୁଗମ ହୋଇଥିଲା। ଏହି ଉଦ୍ଭାବନ ପାଇଁ ଦଉଦନା ଏବଂ ଚାରପେଂଟିଅରଙ୍କୁ ୨୦୨୦ ମସିହା ସେପ୍ଟେମ୍ବର ମାସରେ ନୋବେଲ ପୁରସ୍କାର ମିଳିଥିଲା। ସବୁଠାରୁ ଉଲ୍ଲେଖନୀୟ ଘଟଣା ଘଟିଥିଲା ୨୦୨୧ ମସିହା ଅକ୍ଟୋବର ମାସରେ ଯେଉଁଠି ଆମେରିକାର ଗବେଷକମାନେ କ୍ୟାନ୍ସର ଚିକିତ୍ସା ପାଇଁ ଏକ ସୁସ୍ଥ ବ୍ୟକ୍ତି ଶରୀରରୁ ସଂପାଦିତ ଟି-ସେଲ ସବୁକୁ ରୋଗଗ୍ରସ୍ତ ବ୍ୟକ୍ତିର ଶରୀରରେ ପ୍ରବେଶ କରି ଦେଖିଲେ ଯେ ଏହି କୋଷଗୁଡିକ ରୋଗୀଟିର ଇମ୍ୟୁନ ସିଷ୍ଟମ ଦ୍ୱାରା ପ୍ରଭାବିତ ନହୋଇ କ୍ୟାନ୍ସର କୋଷକୁ ମାରିବାକୁ ସକ୍ଷମ ହେଉଛି।

ଏହା କିପରି କାର୍ଯ୍ୟ କରେ ? ଉପରୋକ୍ତ କ୍ରିସପର ବିଜାଣୁମାନଙ୍କ ଶରୀରରେ ଥିବା ରୋଗ ନିରୋଧି ଡିଏନଏ ର ଏକ ଗ୍ୟାଲେରୀ ଯେଉଁଠି ଏହାକୁ ଆକ୍ରମଣ କରୁଥିବା ଭୂତାଣୁ ମାନଙ୍କ ଜେନେଟିକ କୋଡ ସଂରକ୍ଷିତ ହୋଇ ରହିଥାଏ। ଯଦି ଭବିଷ୍ୟତରେ ଏହି ଭୂତାଣୁ ବୀଜାଣୁକୁ ଆକ୍ରମଣ କରେ ତେବେ ଏହା ଗ୍ୟାଲେରି ମଧ୍ୟରୁ ଗୋଟିଏ ସାଥୀକୁ ଚୟନ କରେ ଯିଏ ଏକ ଏଞ୍ଜାଇମକୁ କାର୍ଯ୍ୟକ୍ଷମ କରାଇ ସେହି ଭୂତାଣୁର ଜିନକୁ କାଟି ପକାଏ ଏବଂ ଭୂତାଣୁକୁ ନିଷ୍କ୍ରିୟ କରିଦିଏ। ଏହି ପ୍ରଣାଳୀକୁ ଅନୁଧ୍ୟାନ କଲାପରେ ବୈଜ୍ଞାନିକମାନେ ଚିନ୍ତା କଲେ ଯେ ବୀଜାଣୁ ଶରୀରରେ ଥିବା ଏହି ସୁରକ୍ଷା ବଳୟ ସ୍ଥାନରେ ଯଦି ଡିଏନଏ ଅଣୁକୁ ପରିବର୍ତ୍ତିତ କରି ଟାର୍ଗେଟ ଅଣୁକୁ କ୍ରିସପର-କାସ ସିଷ୍ଟମ ଭିତରେ ରଖି ଦିଆଯାଏ ତେବେ ଏହାଦ୍ୱାରା ସୃଷ୍ଟ ଏଞ୍ଜାଇମ ତାର ଚୟନ କ୍ଷମତା ବଳରେ ଦୁଷ୍ଟ ଜିନକୁ ଅପସାରିତ କରିଦିଏ। ଯେତେବେଳେ କୋଷଟି ଏହି ଶୂନ୍ୟସ୍ଥାନ ପୂରଣ କରିବାକୁ ଚେଷ୍ଟା କରେ ସେ ସମୟରେ ବୈଜ୍ଞାନିକମାନେ ପରିବର୍ତ୍ତିତ ଡିଏନଏକୁ ଏହି ସ୍ଥାନରେ ଖଞ୍ଜି ଦିଅନ୍ତି ଯାହାକୁ ପରବର୍ତ୍ତୀ ସମୟରେ କୋଷଟି ତାର ରିପେଆର ମେକାନିଜମ ଦ୍ୱାରା ଯୋଡି ପକାଏ।

## ଏହାର ଅନ୍ୟାନ୍ୟ ବ୍ୟବହାର :-

ଯଦିଓ ଜିନକୁ ନେଇ ବିଭିନ୍ନ ହିସାବ ନିକାଶ କିଛି ନୂଆ ନୁହଁ ତଥାପି କେତେ ଶୀଘ୍ର ଓ କେତେ ବିଶ୍ୱାସର ସହ ଏକ ଜେନେଟିକ କୋଡକୁ ବଦଳାଇ ପୁନଃ ମୁଦ୍ରିତ କରିବା କେବଳ କ୍ରିସପର ଦ୍ୱାରା ସମ୍ଭବ। ଏହାଦ୍ୱାରା ଯେ କୌଣସି ଜୀବନ୍ତ ବସ୍ତୁର ମୌଳିକ ସ୍ତରରେ ପରିବର୍ତ୍ତନ ସମ୍ଭବ ହୋଇ ପାରିବ। ଏତଦ୍ୱାରା ରକ୍ତ ଶିକୁଳି ରୋଗ ଓ କ୍ୟାନ୍ସରକୁ ବି ଭଲ କରିହେବ। ଏହାଦ୍ୱାରା ରସାଳ ଟମାଟର ସହ ଅତି କ୍ଷୀପ୍ର ଗତିରେ ଦୌଡି ପାରୁଥିବା ନୂତନ ପ୍ରଜାତିର ଘୋଡାକୁ ବି ଜନ୍ମ ଦେଇ ପାରିବା। ବ୍ରାଜିଲ ଓ ଆର୍ଜେଂଟିନାରେ ଏ କ୍ଷେତ୍ରରେ ଗବେଷଣା ଆରମ୍ଭ ହେଲାଣି। କିନ୍ତୁ ଭବିଷ୍ୟତରେ ଏହର ଉପଯୋଗିତା ଆହୁରି ବ୍ୟାପକ ହେବ ବୋଲି ବୈଜ୍ଞାନିକମାନେ ଆଶା ପୋଷଣ କରିଛନ୍ତି। ଆଜିକାଲି ମଶାମାନଙ୍କ ଯୋଗୁଁ ମେଲେରିଆ, ଡେଙ୍ଗୁ, ପରି ବେମାରି ହେଉଛି। କ୍ରିସପର ପ୍ରଣାଳୀକୁ ବ୍ୟବହାର କରି କେବଳ ଅଣ୍ଡିରା ମଶାଙ୍କୁ ଜନ୍ମ ଦେଇ ହେବ। ତେଣୁ ମଶାମାନେ ବଂଶ ବିସ୍ତାର କରି ପାରିବେ ନାହିଁ। ଆମେରିକାରେ ହାତୀମାନଙ୍କ ଜିନରେ ପରିବର୍ତ୍ତନ ଆଣି ପୂରାକାଳରେ ଯେପରି ବିରାଟକାୟ ହସ୍ତୀ ସବୁ ଥିଲେ ସେମାନଙ୍କୁ ପୁନଃ ଧରା ପୃଷ୍ଠକୁ ଆଣିବାକୁ ପ୍ରୟାସ ଚାଲିଛି। ଏହାଦ୍ୱାରା ଜଳବାୟୁ ପରିବର୍ତ୍ତନ ମଧ୍ୟ ସମ୍ଭବ। ଜିନ ରୂପାନ୍ତର ପ୍ରକ୍ରିୟାକୁ ପାଥେୟ କରି ଆମେ ଏପରି ଉଦ୍ଭିଦ ସୃଷ୍ଟି କରି ପାରିବା ଯେଉଁମାନେ ଅଧିକ ପରିମାଣର ଅଙ୍ଗାରକାମ୍ଳ ବାଷ୍ପକୁ ଶୋଷି ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ଅଧିକ ଶ୍ୱେତସାର ଜାତୀୟ ଖାଦ୍ୟ ପ୍ରସ୍ତୁତ କରିବେ ସେହିପରି ଏପରି ଉଦ୍ଭିଦ ଜନ୍ମ କରିହେବ ଯେଉଁମାନଙ୍କ ଚେର ମାଟି ଭିତରେ ଅତି ଗଭୀରକୁ ଯାଇ ପାରୁଥିବ। ଏହାକୁ ପ୍ରୟୋଗ କରି ଆମେ ମନଲାଖି ଶିଶୁଙ୍କୁ ଜନ୍ମ ଦେଇ ପାରିବା ଯେଉଁମାନେ ସର୍ବଦା ନିରୋଗ ରହିବେ। ଏହିସବୁ ଉପଯୋଗିତାକୁ ଲକ୍ଷ୍ୟ ରଖି ଏହାର ଉଦ୍ଭାବକ ଦୋଉଦନା ସନ୍ଦେହ ବ୍ୟକ୍ତ କରିଛନ୍ତି ଯେ ଏହାକୁ ମାନବ ସମାଜରୁ ରୋଗ ରୂପୀ ଦୁଃଖ ଦୂର କରିବାକୁ ଭରପୂର ପ୍ରୟାସ ହେଉ କିନ୍ତୁ ଅନ୍ୟ କଦର୍ଥ ଉପାୟରେ ବ୍ୟବହାର କରି ପ୍ରକୃତିର ନିୟମକୁ ଭଙ୍ଗ କରାନଯାଉ। ଏହି ବୈଷୟିକ ଜ୍ଞାନଟି ତାର ଶୈଶବ ଡେଇଁ ନାହିଁ ତେଣୁ ତାକୁ ନେଇ ଏତେ ବ୍ୟଗ୍ର ହୁଅନ୍ତୁ ନାହିଁ। ଗବେଷଣା ଚାଲୁ ରହୁ। ସର୍ବଦା ପୃଥିବୀର ମଙ୍ଗଳ ପାଇଁ ଏହାକୁ ଉପଯୋଗ କରନ୍ତୁ।

## ଭାରତରେ ଚିତା ବଂଶର ପୁନଃସ୍ଥାପନା :-

୨୦୧୯ ମସିହାରେ ବମ୍ବେ ମ୍ୟୁଜିଅମ ଦ୍ୱାରା ପ୍ରକାଶିତ ପ୍ରବନ୍ଧରେ ମୋଗଲ ସମ୍ରାଟ ଆକବର ୧୦୦୦ ଚିତାବାଘଙ୍କୁ ନିଜ ଅଂଚଳରେ ସୁରକ୍ଷା ଦେଇ ନିଜ ଶାସନକାଳ ମଧ୍ୟରେ ଏହି ସଂଖ୍ୟାକୁ ୯୦୦୦ କୁ ବୃଦ୍ଧି କରି ପାରିଥିଲା। ଖ୍ରୀପୂ ୨୫୦୦-୨୩୦୦ ମଧ୍ୟରେ ଏମାନଙ୍କ ସଂଖ୍ୟା ମଧ୍ୟ ପ୍ରଦେଶରେ ସର୍ବାଧିକ ଥିଲା ବୋଲି କୁହାଯାଏ। ଚିତାର ନାମକରଣ ସଂସ୍କୃତ ଶବ୍ଦ ଚିତ୍ରକାରୁ ଆନୀତ ହୋଇଛି। ବର୍ଣ୍ଣିତ ଅଛି ଏହି ଚିତାମାନଙ୍କୁ ପୋଷା ମନାଇ ରାଜା ମହାରାଜାମାନେ ଏମାନଙ୍କୁ ଶିକାର କଲା ସମୟରେ ସାଙ୍ଗରେ ଗୁଳି କରି ମାରିବା ପରେ ଚିତା ବଂଶ ଲୋପ ପାଇବାକୁ ବସିଲା। ୧୯୫୨ ମସିହା ବେଳକୁ ଏମାନଙ୍କ ବଂଶ ସଂପୂର୍ଣ୍ଣ ଲୋପ ପାଇ ଯାଇଥିଲା। ଏମାନେ ବଂଚି ଥିଲାବେଳେ କେବଳ ଉତ୍ତରପୂର୍ବ ,ହିମାଳୟର ଉଚ୍ଚ ପାର୍ବତ୍ୟାଂଚଳ ଓ ସମୁଦ୍ର କୂଳକୁ ଛାଡିଦେଲେ ଅନ୍ୟତ୍ର ସବୁ ଜାଗାରେ ସେମାନଙ୍କୁ ଦେଖିବାକୁ ମିଳୁଥିଲା। ଏମାନଙ୍କ ବିଲୁପ୍ତିର ମୁଖ୍ୟ କାରଣ ହେଲା ମନୁଷ୍ୟମାନଙ୍କ ଦ୍ୱାରା ଜଙ୍ଗଲ ଜମିକୁ ଆହରଣ ଏବଂ ଖାଦ୍ୟାଭାବ। ୧୯୭୦ ବେଳକୁ ଚିତାବଂଶର ପୁନଃ ସ୍ଥାପନା ପାଇଁ ଭାରତ ସରକାର ଇରାନ ସହିତ ଚୁକ୍ତି କରିଥିଲେ କିନ୍ତୁ ଇରାନରେ ସ୍ୱଳ୍ପ ସଂଖ୍ୟାରେ ଏମାନେ ଥିବାରୁ ସେହି ସରକାର ପ୍ରତ୍ୟାର୍ପଣ ପାଇଁ ରାଜି ହୋଇ ନଥିଲେ। ଏହାପରେ ଆମ ସରକାର ଆଫ୍ରିକା ସହିତ ଏହି ଚୁକ୍ତିନାମା କରିଥିଲେ ତାହାର ଫଳ ସ୍ୱରୂପ ନିକଟ ଅତୀତରେ ୫ଟି ଚିତାଙ୍କୁ ମଧ୍ୟ ପ୍ରଦେଶର କୁନୋ ପାଲପୁର ଜାତୀୟ ଉଦ୍ୟାନରେ ଛଡା ଯାଇଛି। ଆଫ୍ରିକୀୟ ଚିତାଙ୍କୁ ସମଗ୍ର ବିଶ୍ୱର ଚିତା ବଂଶର ପୂର୍ବଜ ବୋଲି ବିବେଚନା କରାଯାଏ। ଚିତାମାନେ ବଂଚିବା ତଥା ଖାଦ୍ୟ ଆହରଣ ପାଇଁ ପ୍ରାୟ ୧୦,୦୦୦



ଅଂଚଳ ଆବଶ୍ୟକ କରିଥାଆନ୍ତି। ଏମାନେ ମୁଖ୍ୟତଃ ସିଂହ ,ହେଟାବାଘ ଓ ମହାବଳ ବାଘ ଦ୍ୱାରା ଶୀକାର ହୋଇଥାନ୍ତି। ତେଣୁ ବିଶେଷଜ୍ଞଙ୍କ ମତରେ କୁନୋ ଅପେକ୍ଷା ରାଜସ୍ଥାନର ମୁକୁନ୍ଦ୍ରା ରିଜର୍ଭ ଚିତାମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ ହୋଇଥାନ୍ତା। ଗୋଟିଏ ଚିତା ୧୧୨ କିମି ବେଗରେ ଗତି କରିପାରେ ଏବଂ ଏହାର ବିଶେଷତ୍ୱ ହେଲା ନିଜ ଲାଞ୍ଜ ଦ୍ୱାରା ଅତି ଶୀଘ୍ର ନିଜ ବେଗ ଓ ଦିଗ ପରିବର୍ତ୍ତନ କରିପାରେ। ଭାରତରେ ଏମାନଙ୍କ ମୁଖ୍ୟ ଖାଦ୍ୟ ହରିଣ ମାଂସ ଅଟେ। ଏବେ ଏହି ପ୍ରଜାତିର ପ୍ରାଣୀ ମୁଖ୍ୟତଃ ଦକ୍ଷିଣ ଆଫ୍ରିକା, ନାମିବିଆ ଓ ବୋତ୍ସ୍ୱାନାରେ ବାସ କରୁଛନ୍ତି। ସାରା ପୃଥିବୀରେ ଏମାନଙ୍କ ମୋଟ ସଂଖ୍ୟା ମାତ୍ର ୭୧୦୦ ଅଟେ।

**ସାଲିସିଲିକ ଏସିଡର ଉପକାରିତା :-**

ଯଦି ମୁହଁ ଓ ଓଠ ବାରମ୍ବାର ଫାଟୁଛି କିମ୍ବା ବାରମ୍ବାର ବ୍ରଣ ଉଠୁଛି କିମ୍ବା ମୁହଁ ତେଲିଆ ରହୁଛି ତେବେ ସାଲିସିଲିକ ଏସିଡର ପ୍ରଲେପ ହିଁ ଏଥିପାଇଁ ମୁଖ୍ୟ ଔଷଧ ରୂପେ ପରିଗଣିତ ହୋଇଥାଏ। ଏହା ଏକ ବିଟା ହାଇଡ୍ରକ୍ସି ଏସିଡ ଯାହା ବେଦନା ନାଶକ , ଅଣୁଜୀବ ନାଶକାରୀ ଏବଂ ଏହା ଚର୍ମ ମଧ୍ୟକୁ ପ୍ରବେଶ କରି ମୃତ କୋଷଗୁଡିକୁ ବାହାରକୁ ଆଣି ପାରେ। ପ୍ରାୟ ପ୍ରତ୍ୟେକ ଚର୍ମ ପ୍ରସାଧନ ସାମଗ୍ରୀ ବିଶେଷ ରୁପେ ବ୍ରଣର ନିଦାନ ପାଇଁ ବିଭିନ୍ନ ସାନ୍ଦ୍ରତାରେ ଏହା ବଜାରରେ ଉପଲବ୍ଧ। ଏହା ଚର୍ମ ଭିତରକୁ ପ୍ରବେଶ କରି ମୃତ କୋଷଗୁଡିକୁ ଦ୍ରବୀଭୁତ କରି ବାହାରକୁ ନେଇଆସେ। ଅତ୍ୟଧିକ ତେଲକୁ ମଧ୍ୟ ଶୋଷି ପକାଏ। ଚର୍ମର ଅନିଷ୍ଟରେ ମୃତ କୋଷମାନଙ୍କ ପ୍ରମୁଖ ଭୂମିକା ଥାଏ। ଏମାନେ ଚର୍ମରେ ଥିବା ରନ୍ଧ୍ରଗୁଡିକୁ ବନ୍ଦ କରି ବାୟୁ ଚଳାଚଳକୁ ରୋକି ଦିଅନ୍ତି। ତେଣୁ ଯେଉଁମାନେ ପ୍ରତିଦିନ ଶୋଇବା ପୂର୍ବରୁ ଏହି ଏସିଡର ଲୋସନରେ ମୁହଁ ଧୁଅନ୍ତି ସେମାନଙ୍କ ଏହି ଅସୁବିଧା ରହେନାହିଁ। ବ୍ରଣ ଶୁଖି ଗଲାପରେ ମୁହଁ ଉପରେ ବିଶେଷ କରି ନାକ ଚାରିପାଖେ କଳା ଓ ଧଳା ଦାଗ ସବୁ ସୃଷ୍ଟି ହୋଇଥାଏ। ଏହାକୁ ସାଲିସିଲିକ ଏସିଡ ପୂରା ଦୂର କରିଦିଏ। ଅଧିକାଂଶ ମହିଳାଙ୍କ ମୁହଁ ତେଲିଆ ଥାଏ। ଏହା କେବଳ ଯେ ଚର୍ମରେ ଥିବା ରନ୍ଧ୍ରକୁ ବନ୍ଦ କରିଦିଏ ତାନୁହଁ ବରଂ ଜୀବାଣୁମାନଙ୍କୁ ତା ଉପରେ ବଢିବାକୁ ସୁଯୋଗ ଦିଏ। ଏ କ୍ଷେତ୍ରରେ ଏହି ଏସିଡକୁ ଲେପନ କଲେ ତେଲରେ ଥିବା ଫେଟି ଏସିଡ ବିଘଟିତ ହୋଇ ମୁହଁକୁ ଚିକ୍କଣ ଓ ସୁସ୍ଥ ରଖେ। ତେବେ ପ୍ରଶ୍ନ ଉଠେ ଯେ ଏହି ଏସିଡର ଫେସୱାସକୁ ଜଣେ କେତେଥର ବ୍ୟବହାର କରିବା ଉଚିତ ? ଯଦି ବାରମ୍ବାର ଆପଣଙ୍କ ମୁହଁରେ ବ୍ରଣ ହେଉଛି ତେବେ ସକାଳେ ଓ ସଞ୍ଜବେଳେ ଦୁଇଥର ମୁହଁକୁ ଧୁଅନ୍ତୁ। କିନ୍ତୁ ସାଧାରଣ ଚର୍ମ କ୍ଷେତ୍ରରେ ଥରେ ବ୍ୟବହାର କରିବା ଉଚିତ। ଯଦି ଆପଣଙ୍କ ଚର୍ମ ଶୁଖିଲା ରହୁଛି ତେବେ ଏହାର ବ୍ୟବହାରରେ ସାବଧାନତା ଅବଲମ୍ବନ କରନ୍ତୁ ନଚେତ ଏହା ଆପଣଙ୍କ ତ୍ୱଚାକୁ ଆହୁରି ଶୁଖିଲା କରି ଦେଇପାରେ।

ଡ଼ାକଟିକଟରୁ ଜ୍ଞାନ



## ରାଷ୍ଟ୍ରୀୟ ଏକତା ଦିବସ ଓ ଏକତାର ପ୍ରତିମୂର୍ତ୍ତି



ଡ. ଭବାନୀ ଶଙ୍କର ଦାଶ
ଦୂରଭାଷ - ୯୪୩୭୧୩୧୯୯୬

ସ୍ୱାଧୀନତା ପରେ ଏକ ଅଖଣ୍ଡ ଭାରତ ପ୍ରତିଷ୍ଠା କରିବାର ମୁଖ୍ୟ ବିନ୍ଧାଣୀ ଥିଲେ ସରଦାର ବଲ୍ଲଭ ଭାଇ ପଟେଲ। ଦେଶର ରାଜନୈତିକ ଏକତା ଓ ଅଖଣ୍ଡତା ରକ୍ଷା କରିବା ଯୋଗୁଁ ୨୦୧୪ ମସିହାରେ ଭାରତ ସରକାର ତାଙ୍କର ଜନ୍ମ ଦିବସକୁ, ଯଥା ଅକ୍ଟୋବର ୩୧ କୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରି ଆସୁଛନ୍ତି। ଏହି ଦିବସର ସ୍ମୃତି ପାଇଁ ଓ ପଟେଲଙ୍କ ଅବଦାନକୁ ସମ୍ମାନ ଦେଇ ୨୦୧୮ ରେ ତାଙ୍କ ଜନ୍ମ ଦିବସରେ ଗୁଜୁରାଟରେ ଏକତାର ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଛନ୍ତି।

ବଲ୍ଲଭ ଭାଇ ପଟେଲଙ୍କ ପୂରାନାମ ବଲ୍ଲଭ ଭାଇ ଝାବେରଭାଇ ପଟେଲ। ସେ ୩୧ ଅକ୍ଟୋବର ୧୮୭୫ ମସିହାରେ ଗୁଜୁରାଟର ନଡ଼ିଆଡ଼ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଥିଲେ ଜାଭେର ଭାଇ ପଟେଲ ଓ ମାତା ଥିଲେ ଲାଦବା ପଟେଲ। ଜଣେ ପ୍ରସିଦ୍ଧ ରାଷ୍ଟ୍ରନୀତିଜ୍ଞ, ବାରିଷ୍ଟର, ଓ ଲୋକପ୍ରିୟ ନେତା ଥିଲେ। ସେ ଖେଦା, ବରସାଦ ଓ ବର୍ଦୋଲୀ ଆନ୍ଦୋଳନ ପାଇଁ ପ୍ରସିଦ୍ଧ ଥିଲେ। ସେ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେ ଭାରତୀୟ ଜାତୀୟ କଂଗ୍ରେସର ୪୯ ତମ ସଭାପତି ଥିଲେ। ସ୍ୱାଧୀନତା ପରେ ସେ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ହୋଇଥିଲେ। ଦେଶର ୫୬୫ଟି ଦେଶୀୟ ରାଜ୍ୟକୁ ସେ ଭାରତ ସହ ମିଶାଇଥିଲେ। ତାଙ୍କୁ ଲୌହ ମାନବର ଆଖ୍ୟା ଦିଆଯାଇଛି। ୧୮୨ ମିଟରର ତାଙ୍କ ପ୍ରତିମୂର୍ତ୍ତି ଦେଶର ଭ୍ରାତୃତ୍ୱ ଓ ଅଖଣ୍ଡତାକୁ ଦର୍ଶାଏ।

ଭାରତୀୟ ଡ଼ାକ ତରଫରୁ ତାଙ୍କ ସମ୍ମାନରେ ୩୧.୧୦.୨୦୧୬ ରେ ଏକ ୧୦ ଟଙ୍କିଆ ଡ଼ାକଟିକଟ ଉନ୍ମୋଚିତ ହୋଇଥିଲା।



ଆୟକୁ ଚାହିଁ ବ୍ୟୟ କରିବା ଓ ଆଗାମୀ କାଲି ପାଇଁ ସଞ୍ଚୟ କରୁଥିବା ବ୍ୟକ୍ତିର ଜୀବନ ସୁଖମୟ ହୋଇଥାଏ।

# ସମ୍ବାଦ ବିଚିତ୍ରା

୧. ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚ ପ୍ୟାଡ୍‌ରୁ 'ପିଏସ୍‌ଏଲ୍‌ଭି' ରକେଟ୍ ଯୋଗେ 'ଇସ୍ରୋ' ୮ଟି ଅତି କ୍ଷୁଦ୍ର ସାଟେଲାଇଟ୍ ସମେତ ୯ଟି ସାଟେଲାଇଟ୍‌କୁ ସଫଳତାର ସହିତ ମହାକାଶକୁ ପ୍ରେରଣ କରିଛି।

୨. ରାଜଧାନୀର ଭୁବନେଶ୍ୱର ଶହୀଦ ନଗର ସ୍ଥିତ ମଲ୍ଟି ଲେଭେଲ କାର ପାର୍କିଂରେ ୧୯୬ଟି ୪ ଚକିଆ ଓ ୩୯୮ଟି ମୋଟର ସାଇକେଲ ପାର୍କିଂ କରିବାର କ୍ଷମତା ରହିଛି। ଆଗାମୀ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସରେ ଏହା ଉଦଘାଟନ ହେବାର ସମ୍ଭାବନା ରହିଥିବା ବେଳେ ଆଗୁଆ କାର୍ଯ୍ୟ ଆରମ୍ଭ କରାଯାଇଛି।

୩. ମହାପ୍ରଭୁ ଜଗନ୍ନାଥଙ୍କ ମାଲିକାନାରେ ଥିବା ବିଭିନ୍ନ ଭୂସମ୍ପତ୍ତି ଉତ୍ସରୁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ୫୫ କୋଟି ୮୦ ଲକ୍ଷ ୮୪ ହଜାର ୮୫୯ ଟଙ୍କା ଆଦାୟ ହୋଇଛି। ଗତ ୫ ବର୍ଷ ମଧ୍ୟରେ ୧୩୪ କୋଟି ୬୫ ଲକ୍ଷ ୨୯ ହଜାର ୧୫୧ ଟଙ୍କା ଆୟ ସଂଗ୍ରହ ହୋଇଛି।

୪. ଚାଇନା ନେପାଳର ଉତ୍ତର ସୀମାରେ ୧୦ଟି ସ୍ଥାନରେ ୩୬ ହେକ୍ଟର ଜମି ଦଖଲ କରିଛି।

୫. ସମସ୍ତ ୧୫ ବର୍ଷ ପୁରୁଣା ସରକାରୀ ଗାଡ଼ି ସବୁ ଚିହ୍ନଟ କରାଯିବ ଗାଡ଼ିକୁ ସ୍କ୍ରାପ୍ ପଲିସି ଅନ୍ତର୍ଭୁକ୍ତ କରାଯିବ ।

୬. ଭାରତର ଗଣତନ୍ତ୍ର ଦିବସ ୨୦୨୩ ସମାରୋହରେ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତେହ ଅଲ ସିସି ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଏଥି ଲାଗି ଭାରତ ପକ୍ଷରୁ ନିମନ୍ତ୍ରଣ କରାଯାଇଛି।

୭. ମଧୁବାବୁ ପେନସନ ଓ ଜାତୀୟ ପେନ୍‌ସନ ଯୋଜନା ହିତାଧିକାରୀଙ୍କୁ ଡିସେମ୍ବର ପହିଲା ସୁଦ୍ଧା ୪୮ ଲକ୍ଷରୁ ଅଧିକ ହିତାଧିକାରୀ କମ୍ବଳ ପାଇଁ ୩୦୦ ଟଙ୍କା ଲେଖାଏ ମିଳିବ ସହାୟତା। ସମୁଦାୟ ୧୪୬ କୋଟି ଖର୍ଚ୍ଚ ହେବ।

୮. ଭାରତ ବାୟୋଟେକର ଇଣ୍ଟ୍ରାନାଜାଲ୍ କୋଭିଡ୍ ବୁଷ୍ଟର୍ ଡୋଜ୍ 'ଫାଇଭ୍ ଆର୍ମସ୍'କୁ ମଞ୍ଜୁରୀ ମିଳିଛି। ଏହି ଟିକାର ଭାରତୀୟ ଔଷଧ ମହାନିୟନ୍ତ୍ରକ(ଡିସିଜିଆଇ)ର ଅନୁମୋଦନ ମିଳିଛି।

୯. ଶ୍ରୀମନ୍ଦିରରେ ପ୍ରବେଶ ଏବଂ ଡିୟୁଟି ସମୟରେ ପୁଲିସ କର୍ମଚାରୀଙ୍କୁ ସ୍ମାର୍ଟଫୋନ ବାରଣ କରାଯାଇଛି। ବିଶେଷ କାର୍ଯ୍ୟରେ ନିୟୋଜିତ ଥିବା କିଛି ଅଧିକାରୀଙ୍କୁ ଛାଡି ଦେଲେ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ସ୍ମାର୍ଟଫୋନ ମନା କରାଯାଇଛି।

୧୦.ମେକ୍ ଇନ ଇଣ୍ଡିଆ ଅଧିନରେ ବିକଶିତ କରାଯାଇଥିବା ଦେଶର ପ୍ରଥମ ସ୍ୱଦେଶୀ ଆଣ୍ଟି ରେଡିଏସନ ମିଶାଇଲ 'ରୁଦ୍ରମ'କୁ ଅଧିଗ୍ରହଣ କରିବା ପାଇଁ ସରକାରଙ୍କୁ ୧,୪୦୦ କୋଟି ଟଙ୍କାରୁ ଅଧିକ ପ୍ରସ୍ତାବ ମିଳିଛି ।

୧୧.କେନ୍ଦ୍ର ସରକାର ନ୍ୟାସନାଲ ମନିଟାଇଜେସନ ପାଇପଲାଇନ ଅଧିନରେ ଦିଲ୍ଲୀରେ ପ୍ରତିଷ୍ଠିତ ଅଶୋକ ହୋଟେଲର ସାଂକେତିକ ମୂଲ୍ୟ ୭,୪୦୯ କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି ।

୧୨.ସାରା ବିଶ୍ୱରେ ଅନୁନ୍ୟ ୪ କୋଟି ଶିଶୁ ମିଳିମିଳାରେ ଆକ୍ରାନ୍ତ ହୋଇପାରନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆକଳନ କରିଛନ୍ତି।

୧୩.ସୂଚନା ଅଧିକାର ଆଇନ (ଆରଟିଆଇ)ରେ ସୁପ୍ରିମକୋର୍ଟରୁ ଏବେ ଅନଲାଇନରେ ସୂଚନା ପାଇବା ଲାଗି ଆବେଦନ କରାଯାଇ ପାରିବ। ଗୁରୁବାର ଏହାକୁ କାର୍ଯ୍ୟକ୍ଷମ କରାଯାଇଛି। ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ କହିଥିଲେ, ଉକ୍ତ ପୋର୍ଟାଲ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ।

୧୪.ବର୍ତ୍ତମାନ ଗୁଗୁଲ ପେ', ଫୋନ୍ ପେ' ଏବଂ ପେଟିଏମ ଭଳି ବିଭିନ୍ନ ଡିଜିଟାଲ ଆପ୍ ଜରିଆରେ ଦୈନିକ କାରବାର ସଂଖ୍ୟାରେ କୌଣସି କଟକଣା ନାହିଁ। କିନ୍ତୁ ଏହା ଉପରେ ନିୟନ୍ତ୍ରଣ ରଖିବାକୁ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ( ଏନପିସିଆଇ) ଭାରତୀୟ ରିଜର୍ଭ ବ୍ୟାଙ୍କ ସହ ଆଲୋଚନା ଆରମ୍ଭ କରିଛି।

୧୫.ମେଡିକାଲ କଲେଜଗୁଡ଼ିକରେ ପ୍ରଫେସରମାନେ ଏକାଧିକ ପଦବୀରେ ରହି କ୍ଷମତା ଉପଭୋଗ କରିପାରିବେ ନାହିଁ । ପୂର୍ବରୁ ଦୀର୍ଘବର୍ଷ ଧରି ଜଣେ ପ୍ରଫେସର ବିଭାଗୀୟ ମୁଖ୍ୟ ସହିତ ମେଡିକାଲର ଅଧକ୍ଷ / ଅଧୀକ୍ଷକ ପଦରେ ରହିଆସୁଥିଲେ ।

୧୬.ପ୍ରତି ୧୧ ମିନିଟ୍‌ରେ ଜଣେ ମହିଳା କିମ୍ବା ଯୁବତୀ ସେମାନଙ୍କର ଘନିଷ୍ଠ ସାଥୀ କିମ୍ବା ପରିବାର ଲୋକଙ୍କ ଦ୍ୱାରା ହତ୍ୟାର ଶିକାର ହେଉଛନ୍ତି। ଏଭଳି ଏକ ଚକିତ କରିଦେବା ଭଳି ତଥ୍ୟ ରଖିଛନ୍ତି ୟୁଏନ ଚିଫ୍ ଆଣ୍ଟୋନିଓ ଗୁଟେରେସ।

୧୭.ଭଞ୍ଜବିହାରରେ ପ୍ରତିଷ୍ଠା ହେବ ତେଲୁଗୁ ଚେୟାର । ଶ୍ରୀକାକୁଲମ୍ ବିଶ୍ୱ ବିଦ୍ୟାଳୟରେ ପ୍ରତିଷ୍ଠା ହେବ ଓଡ଼ିଆ ଚେୟାର । ଆନ୍ଧ୍ର ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ସଂସ୍କୃତି ବିଭାଗ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ପାଞ୍ଚ ବର୍ଷ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ।

୧୮.ହକି ବିଶ୍ୱକପକୁ ନଜରରେ ରଖି କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ ଅର୍ଥାତ କ୍ରୁଟ ପକ୍ଷରୁ ବଡ ପଦକ୍ଷେପ ନିଆଯାଇଛି। ଖୁବଶୀଘ୍ର ଭୁବନେଶ୍ୱରକୁ ୪୦ଟି ଇଲେକ୍ଟ୍ରିକ ବସ ବା ଇ -ବସ ଆସିବ। ଭୁବନେଶ୍ୱରରେ ଇ-ବସ ସଂଖ୍ୟା ୧୦ ରୁ ୫୦କୁ ବୃଦ୍ଧି ପାଇବ।

୧୯.କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼(ସିବିଏସ୍‌ଇସ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପରୀକ୍ଷା ଆସନ୍ତା ଫେବୃଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ଅନୁଷ୍ଠିତ ହେବ।

୨୦.୨୦୨୩- ୨୪ ଶିକ୍ଷା ବର୍ଷରୁ ଯୁକ୍ତ ୩ ପିଲାଙ୍କ ପାଇଁ ଏନସିସି ପାଠ୍ୟକ୍ରମ ଆରମ୍ଭ ହେବ ଯୁକ୍ତ ୩ ପିଲା ଏନସିସିକୁ ଏକ ଇଲେକ୍ଟିଭ ସବଜେକ୍ଟ ଭାବରେ ନେଇ ପାରିବେ ।

୨୧.ଯବାନଙ୍କ ସୁରକ୍ଷା ଲାଗି କିଣା ହେବ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ । ୬୨ ହଜାର ୫୦୦ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ କିଣିବାକୁ ଯୋଜନା କରିଛି ପ୍ରତିରକ୍ଷା ବିଭାଗ।

୨୨.ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ପିଏଚଡି କୋର୍ସକୁ ନେଇ ଏକ ନୂଆ ଗାଇଡଲାଇନ ଜାରି କରାଯାଇଛି । ପିଏଚଡି ଡିଗ୍ରୀ କୋର୍ସର ଅବଧି ଅତିକମରେ ୩ ବର୍ଷ ରହିବ । ପିଏଚଡି ଆଶାୟୀଙ୍କୁ ଆଡମିସନ ତାରିଖଠାରୁ ସର୍ବାଧିକ ୬ ବର୍ଷ ସମୟ ଦିଆଯିବ। ଛାତ୍ରଛାତ୍ରୀଙ୍କୁ ରେଜିଷ୍ଟ୍ରେସନ ମାଧ୍ୟମରେ ସର୍ବାଧିକ ଆଉ ଦୁଇ ବର୍ଷର ସମୟ ଦିଆଯିବ।

୨୩. ପ୍ରସିଦ୍ଧ ଅଭିନେତ୍ରୀ ଏବଂ ଟକ୍ ସୋ ହୋଷ୍ଟ ତବସୁମ ୭୮ ବର୍ଷ ବୟସରେ ଦୁନିଆରୁ ସବୁଦିନ ପାଇଁ ବିଦାୟ ନେଇଛନ୍ତି ।

୨୪.ଓଡ଼ିଶାର କଟକସ୍ଥିତ ବିଶେଶ୍ୱର ଫୁଡ୍ (ଫାର୍ମ-ବି) ଉଦ୍ୟୋଗର ପ୍ରତିଷ୍ଠାତା ଓ ନିର୍ଦ୍ଦେଶିକା ଶ୍ରୀମତୀ ରଶ୍ମି ସାହୁଙ୍କୁ ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ସମ୍ମାନ' ଷ୍ଟେନ୍‌ର ମାଡ୍ରିଦ୍‌ଠାରେ ଆଇଡବ୍ଲୁଇସି ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ମହିଳା ଉଦ୍ୟୋଗୀ ସମାବେଶ ୨୦୨୨ ରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।

୨୫.ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ପରଲୋକ । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ଅବସର ବେଉରିଆ ବିଭିନ୍ନ ସ୍ଥାନରେ ଥିବା ଭାରତୀୟ ଦୂତବାସରେ କାମ କରିଛନ୍ତି ।

୨୬.ଅନ୍ତର୍ଜାତୀୟସ୍ତରରେ ୫୩ଟି ଦେଶର ୫୭,୦୦୦ରୁ ଅଧିକ ପୁରୁଷଙ୍କ ଶୁକ୍ରାଣୁ ନମୁନା ଆଧାରରେ ୨୨୩ଟି ପ୍ରୋଜେକ୍ଟ ଗବେଷଣା କରାଯାଇଛି । ଏଥିରେ ଦକ୍ଷିଣ ଆମେରିକା, ଏସିଆ ଓ ଆଫ୍ରିକା ଭଳି ଦେଶ ସାମିଲ ଥିଲା। ଯେଉଁଠାରେ ପୂର୍ବରୁ ଏମିତି ଗବେଷଣା କରାଯାଇ ନଥିଲା। ପ୍ରଥମଥର କରାଯାଇଥିବା ଗବେଷଣାରୁ ଜଣାପଡ଼ିଲା କି ଏଠାକାର ଲୋକଙ୍କ ସ୍ପର୍ମ କାଉଣ୍ଟ କମ ରହିଛି।

୨୭.୨୦୨୧ ଜାନୁଆରୀ ୧ ରୁ ଡିସେମ୍ବର ୩୧ ମଧ୍ୟରେ ଭାରତକୁ ୧୫,୨୪,୪୬୯ ବିଦେଶୀ ଆସିଥିଲେ। ଏମାନଙ୍କ ମଧ୍ୟରେ ୭୪.୩୯ ପ୍ରତିଶତ ବିଦେଶୀ କେବଳ ୧୦ ଦେଶରୁ ଆସିଛନ୍ତି। ଏହା ସହ ୨୫.୬୧ ପ୍ରତିଶତ ଅନ୍ୟାନ୍ୟ ଦେଶରୁ ଆସିଛନ୍ତି।

୨୮.ପୃଥିବୀର ଜନସଂଖ୍ୟା ଏବେ ୮୦୦ କୋଟିରେ ବର୍ଦ୍ଧିତ ଜନସଂଖ୍ୟା ଆମ ଆଗରେ ଅସମତା, କ୍ଷୁଧା, ଜଳବାୟୁ ସଂକଟ, ଦ୍ରୁତ ସହରୀକରଣ ଓ ବାର୍ଦ୍ଧକ୍ୟର ଆହ୍ୱାନ ସୃଷ୍ଟି କରୁଛି।



ବନ୍ଧୁର ମଙ୍ଗଳ ନିମନ୍ତେ ଯେଉଁ ଲୋକ ନିଜର ଜୀବନ ବିପନ୍ନ କରିପାରେ, ସିଏ ହିଁ ପ୍ରକୃତ ଅର୍ଥରେ ଉପଯୁକ୍ତ ବନ୍ଧୁ।

# ସାଧାରଣ ଜ୍ଞାନ

## (1) ABBREVIATION

1. IIPDF - India Infrastructure Project Development Fund Scheme
2. SAFAL - Simplified Application for Agricultural Loans
3. SRI - Self Reliant India
4. DevINE - Development Initiative for North East Region
5. Tele-MANAS - Tele Mental Health Assistance and Networking Across States
6. YUVA - Young, Upcoming and Versatile Authors
7. PFRDA - Pension Fund Regulatory and Development Authority
8. MSME - Micro, Small and Medium Enterprises
9. PMFME - Pradhan Mantri Micro Food Enterprises Upgradation Scheme
10. IHCI - India Hypertension Control Initiative

## (୨) ପୁସ୍ତକ ଓ ଲେଖକ

୧. ଓଡ଼ିଆ ଭାଗବତ - ଜଗନ୍ନାଥ ଦାସ
୨. ଓଡ଼ିଆ ମହାଭାରତ - ସାରଳା ଦାସ
୩. ଚିଲିକା - ରାଧାନାଥ ରାୟ
୪. ଲଛମା - ଫକୀର ମୋହନ ସେନାପତି
୫. ବିଚିତ୍ର ରାମାୟଣ - ବିଶ୍ୱନାଥ ଖୁଣ୍ଟିଆ

1. De la Nucléarisation de l'Asie"(Nuclearization of Asia) - Rene Naba
2. E. K. Janaki Ammal: Life and Scientific Contributions - Nirmala James
3. Winning the Inner Battle Bringing the best version of you to cricket - Shane Watson
4. Nalanada – Until we meet again - Gautam Borah
5. The World: A Family History - Simon Sebag Montefiore

## (୩) ପୁରସ୍କାର

୧. ଭାରତ - ପରିବାର ନିଯୋଜନରେ ନେତୃତ୍ୱ (EXCELL) ପୁରସ୍କାର ୨୦୨୨
୨. ଦଲାଇ ଲାମା - ୧୪ତମ ଗାନ୍ଧୀ ମଣ୍ଡେଲା ପୁରସ୍କାର ୨୦୨୨
୩. ଡକ୍ଟର ଉମା ଶର୍ମା - ସୁମିତ୍ରା ଚରତ ରାମ ପୁରସ୍କାର
୪. ଫ୍ରାଙ୍କା ମା-ଆଇ ସୁଲେମ ୟୋଙ୍ଗ - ୟୁନେସ୍କୋ-ମଦନଜିତ ସିଂ ପୁରସ୍କାର, ୨୦୨୨
୫. ରବି କୁମାର ସାଗର - ଡ ଅବଦୁଲ କଲାମ ସେବା ପୁରସ୍କାର

## (୪) ନିଯୁକ୍ତି

୧. ପି.ଟି.ଉଷା - ପ୍ରଥମ ମହିଳା ସଭାପତି, ଭାରତୀୟ ଅଲମ୍ପିକ୍ ଆସୋସିଏସନ୍
୨. ଗୌରବ ଦ୍ୱିବେଦୀ - ସିଇଓ, ପ୍ରସାର ଭାରତୀ
୩. ସଂନ୍ଧ୍ୟା ଦେବନାଥନ - ଭାରତର ମୁଖ୍ୟ, ମେଟା (ଫେସବୁକ୍)
୪. ସୁରଜ ଭାନ୍ - ଅଧକ୍ଷ, ନ୍ୟାସନାଲ ପେନସନ୍ ସିଷ୍ଟମ ଟ୍ରଷ୍ଟ
୫. ଅରୁଣ ଗୋଗେଇ- ଭାରତର ନିର୍ବାଚନ କମିଶନର

## (୫) ରାଜ୍ୟ

| | |
|---|---|
| ୧. ରାଜ୍ୟର ନାମ | - ନାଗାଲାଣ୍ଡ |
| ୨. ରାଜ୍ୟପାଳ | - ଜଗଦିଶ ମୁଖୀ (ଅତିରିକ୍ତ ଦାୟିତ୍ୱ) |
| ୩. ମୁଖ୍ୟମନ୍ତ୍ରୀ | - ଶ୍ରୀ ନେଫିଉ ରିଓ |
| ୪. ଗଠନ | - ୧ ଡିସେମ୍ବର ୧୯୬୩ |
| ୫. କ୍ଷେତ୍ରଫଳ | - ୧୬,୫୭୯ ବର୍ଗ କି.ମି. |
| ୬. ରାଜଧାନୀ | - କୋହିମା |
| ୭. ଲୋକସଭା ସଭ୍ୟ ସଂଖ୍ୟା | - ୧ |
| ୮. ରାଜ୍ୟସଭା ସଭ୍ୟ ସଂଖ୍ୟା | - ୧ |
| ୯. ବିଧାନସଭା ସଭ୍ୟ ସଂଖ୍ୟା | - ୬୦ |
| ୧୦.ବିଧାନ ପରିଷଦ | - ୦୦ |
| ୧୧.ମୁଖ୍ୟ ଭାଷା | - ଇଂରାଜୀ, ନାଗାମିଶ |
| ୧୨.ଜନସଂଖ୍ୟା ସମୁଦାୟ | - ୧,୯୮୦,୬୦୨(୨୦୧୧)<br>ପୁରୁଷ - ୧.୦୨୫,୭୦୭<br>ମହିଳା - ୯୫୪,୮୯୫ |
| ୧୩.ଜନସଂଖ୍ୟା ବୃଦ୍ଧିହାର | - ୦.୪୭% |
| ୧୪.ଜନସଂଖ୍ୟା ଘନତ୍ୱ | - ୧୧୯/ବର୍ଗ କି.ମି |
| ୧୫.ଶିଶୁ ଲିଙ୍ଗ ଅନୁପାତ | - ୯୪୪ଝିଅ ୧୦୦୦ ପୁଅ |
| ୧୬.ଲିଙ୍ଗ ଅନୁପାତ | - ୯୩୧ମହିଳା ୧୦୦୦ ପୁରୁଷରେ |
| ୧୭.ସାକ୍ଷରତା ହାର | - ୧,୩୫୭,୫୭୯%<br>ପୁରୁଷ - ୮୩.୨୯ %<br>ମହିଳା - ୭୬.୬୯% |
| ୧୮.ଜିଲ୍ଲା | - ୧୬ |
| ୧୯.ଗ୍ରାମ | - ୧,୨୭୮ |
| ୨୦.ସହର | - ୯ |
| ୨୧.ଜଙ୍ଗଲ ଜମି | - ୩,୪୮୧ବର୍ଗ କି.ମି. |
| ୨୨.ପର୍ଯ୍ୟଟନ ସ୍ଥଳୀ | - ଜାତୀୟ ପାର୍କ, ଦିମାପୁର, ଶିଲୋଇ ହ୍ରଦ, ମୋନ |

## (୬) ଯୋଜନା

୧. ସଫଳ - ଓଡିଶା ସରକାର - କୃଷକଙ୍କ ପାଇଁ ଋଣ ସୁବିଧା
୨. ଆଇଆଇପିଡିଏଫ - ଭାରତ ସରକାର - ଭାରତ ଭିତ୍ତିଭୂମି ପ୍ରକଳ୍ପ ବିକାଶ
୩. ହର ଘର ଗଙ୍ଗାଜଳ ସ୍କିମ୍ - ବିହାର ସରକାର - ଗଙ୍ଗାଜଳ ଯୋଗାଣ
୪. ଟେକ୍ନୋଲୋଜୀ ଟ୍ରାନ୍ସଫର ସ୍କିମ୍ - କେରଳ ସରକାର - କେରଳ ଷ୍ଟାର୍ଟଅପ୍ ମିଶନ
୫. ଟେଲି ମାନସ - ଭାରତ ସରକାର - ୨୪ ଘଣ୍ଟା ମାନସିକ ସ୍ୱାସ୍ଥ୍ୟ ସେବା ଦେବା

## (୭) ଦେହାନ୍ତ

୧. ଇରିନ୍ କାରା - ୬୩ ବର୍ଷ - ଓସ୍କାର ବିଜୟିନୀ ଆମେରିକୀୟ ଗାୟିକା
୨. ବିକ୍ରମ ଗୋଖଲେ - ୭୭ ବର୍ଷ - ବରିଷ୍ଠ ଅଭିନେତା
୩. ଏଣ୍ଡ୍ରିଲା ଶର୍ମା - ୨୪ ବର୍ଷ - ବଙ୍ଗଳା ଅଭିନେତ୍ରୀ
୪. ସିଦ୍ଧାନ୍ତ ବିର ସୂର୍ଯ୍ୟବଂଶୀ - ୪୬ ବର୍ଷ - ଦୂରଦର୍ଶନ କଳାକାର
୫. ଇଲା ଭଟ୍ଟ - ୮୯ ବର୍ଷ - ଗାନ୍ଧୀବାଦୀ ସମାଜସେବୀ

## (୮) ଓଡ଼ିଶା

୧.୨୦୨୦-୨୨ ରେ କୋଭିଡ଼ ଓଡ଼ିଶାରୁ କେତୋଟି ଜୀବନ ନେଇଛି ?

(କ)୧୦ ହଜାରରୁ ଅଧିକ (ଖ)୧୫ ହଜାରରୁ ଅଧିକ

(ଗ)୨୦ ହଜାରରୁ ଅଧିକ (ଘ)୨୫ ହଜାରରୁ ଅଧିକ

୨. ଓଡ଼ିଶାରେ ସମୁଦାୟ ୫୧୭୨୩ଟି ଗ୍ରାମ ଅଛି । ସେଥିରୁ କେତୋଟି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇଛି ?

(କ) ୯୯୮ (ଖ)୫୫୧୫ (ଗ)୬୬୫ (ଘ)୯୧୫

୩.କେଉଁ ବିଶ୍ୱବିଦ୍ୟାଳୟରେ ଡିସେମ୍ବର ୨ ରୁ ବାୟୁ ସମ୍ମିଳନୀ ଆରମ୍ଭ ହୋଇଛି ?

(କ)ଉତ୍କଳ (ଖ)କିଟ୍ (ଗ)ସୋଆ (ଘ)ବ୍ରହ୍ମପୁର

୪.ପୁରୀରେ କୁଲତା ସମାଜର ଏକ ଧର୍ମଶାଳା ପାଇଁ କେତେ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ?

(କ) ୧ (ଖ)୨ (ଗ) ୩ (ଘ) ୪

୫.ଓଡ଼ିଶାର ପ୍ରଥମ ଗଭର୍ଣ୍ଣର କିଏ ଥିଲେ ?

(କ) ସାର୍ ଜନ୍ ଅଷ୍ଟିନ୍ ହବାକ୍ (ଖ) ଡଃ ହରେକୃଷ୍ଣ ମହତାବ

(ଗ) ନନ୍ଦ କିଶୋର ଦାସ (ଘ) ମଧୁସୂଦନ ଦାସ

୬.ପ୍ରଥମ ଓଡ଼ିଆ ପ୍ରବନ୍ଧ ର ନାମ କ'ଣ ?

(କ) ସମ୍ବାଦ (ଖ) ଆଶା (ଗ) ବିବେକୀ (ଘ) ଉତ୍କଳ ଦୀପିକା

୭.ଓଡିଶାରେ କଥାଶିଳ୍ପୀ ଉପାଧି କାହାକୁ ଦିଆଯାଇଛି ?

(କ) ସଦାଶିବ ରଥଶର୍ମା (ଖ) ବଳଦେବ ରଥ

(ଗ) ଗୋପାଳକୃଷ୍ଣ (ଘ) ସୁରେନ୍ଦ୍ର ମହାନ୍ତି

୮. ପ୍ରଥମ ଓଡ଼ିଆ ବୈଜ୍ଞାନିକ ନାମ କ'ଣ ?

(କ)ଡକ୍ଟର ସୁରେନ୍ଦ୍ର ନାରାୟଣ ଆଚାର୍ଯ୍ୟ (ଖ)ଡଃ ପ୍ରାଣକୃଷ୍ଣ ପରିଜା

(ଗ)ବନମାଳି ସିଂହ (ଘ)ଗୁରୁପ୍ରସାଦ ଦାସ

୯.ଓଡ଼ିଶାର ବୃହତ୍ତମ ଜଳପ୍ରପାତ କେଉଁଠାରେ ଅଛି ?

(କ)ଦେଓମାଳି, କୋରାପୁଟ (ଖ)ଡୁଡୁମା,କୋରାପୁଟ

(ଗ)ଭୁବନ, ଢେଙ୍କାନାଳ (ଘ)କଟକ

୧୦.ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର କିଏ ପାଇଥିଲେ ?

(କ) ଗୋପୀନାଥ ମହାନ୍ତି (ଖ) ଗୋପୀନାଥ ଦାସ


(ଗ) ସାରଳା ଦାସ (ଘ) ରମାକାନ୍ତ ଦାସ

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ସଂପର୍କିତ ଶବ୍ଦଟି ବାଛ ?
Cruel:Kind :: Lethargy: ?
(କ)Sharp (ଖ)Alertness (ଗ)Interest (ଘ)Shrewed

୨. ନିମ୍ନରେ କେଉଁଟି ଦତ୍ତ ସିରିଜ୍‌କୁ ପୂରଣ କରୁଛି ?
୩,୧୦,୨୯,୬୬,୧୨୭,?
(କ) ୧୬୪ (ଖ)୧୮୭ (ଗ) ୨୧୬ (ଘ) ୨୧୮

୩. ? ଚିହ୍ନ ସଂଖ୍ୟାଟି କେତେ ?




(କ) ୨୦ (ଖ) ୨୩ (ଗ) ୨୫ (ଘ) ୨୮

୪. ଯଦି PAINT କୁ 74128 Code ଦିଆଯାଏ, EXCEL କୁ କେଉଁ Code ଦିଆଯିବ ?
(କ) 455978 (ଖ) 544978 (ଗ) 554978 (ଘ)733961

୫. ଜଣେ ପୂର୍ବକୁ ୧ କିମି ଯାଇ ଦକ୍ଷିଣକୁ ବୁଲି ୫ କିମି ଗଲା । ତା'ପରେ ପୂର୍ବକୁ ବୁଲି ୨ କିମି ଗଲା । ପରେ ସେ ଉତ୍ତରକୁ ବୁଲି ୯ କିମି ଗଲା । ତେବେ ସେ ବାହାରିବା ସ୍ଥାନରୁ କେତେ ଦୂରରେ ଅଛି ?
(କ) ୩ କିମି (ଖ)୪ କିମି (ଗ) ୫ କିମି (ଘ)୬ କିମି

୬. ଜଣେ ସ୍ତ୍ରୀ ଲୋକକୁ ଦେଖାଇ ଗୋଟିଏ ଝିଅ କହିଲା - ସିଏ ମୋ ବାପାଙ୍କର ପୁଅର ଜେଜେମାଆଙ୍କର ବୋହୂ ଅଟନ୍ତି । ତେବେ ସେଇ ସ୍ତ୍ରୀ ଲୋକଟିର ବାଳିକା ସହିତ ସଂପର୍କ କଅଣ ?
(କ) ଶାଳୀ (ଖ) ମାଆ (ଗ) ପିଉସୀ (ଘ) ଶାଶୂ

୭. କେଉଁଟି ଅନ୍ୟମାନଙ୍କଠାରୁ ଭିନ୍ନ ଅଟେ ?
(କ) ଛୁଞ୍ଚି - ସିଲେଇ (ଖ)ଖଣ୍ଡା - ଲୁହା
(ଗ) ଛୁରୀ - କାଟିବା (ଘ)ଦୂରବୀକ୍ଷଣଯନ୍ତ୍ର - ଦେଖିବା

୮. କ୍ରମାନୁସାରେ ସଜାଇ ଲେଖ ?
୧. ଟେବୁଲ,୨- ଗଛ,୩ - କାଠ,୪ - ମଂଜି,୫ - ଚାରା
(କ) ୧,୨,୩,୪,୫ (ଖ) ୧,୩,୨,୪,୫
(ଗ) ୪,୫,୨,୩,୧ (ଘ) ୪,୫,୩,୨,୧

୯. ପ୍ରଶ୍ନବାଚକ ଚିହ୍ନଟି କେତେ ?
୧୨, ୧୩, ୧୬, ୩୨, ୧୫୭, ?
(କ) ୭୮୦ (ଖ) ୧୪୫୩ (ଗ) ୯୪୫ (ଘ) ୧୧୫୩

୧୦. ପ୍ରଶ୍ନବାଚକ ଚିହ୍ନଟି କେତେ ?
୪/୯, ୯/୨୦, ?, ୩୯/୮୬,
(କ) ୧୭/୪୦ (ଖ) ୧୯/୪୨
(ଗ) ୨୦/୪୫ (ଘ) ୨୯/୫୩

**ଉତ୍ତର**

**୧.(ଗ)୨୦ ହଜାରୁ ଅଧିକ, ୨.(ଗ)୬୬୫, ୩.(ଗ)ସୋଆ, ୪.(ଗ) ୩, ୫.(କ)ସାର୍ ଜନ୍ ଅଷ୍ଟିନ୍ ହବାକ୍, ୬.(ଗ) ବିବେକୀ, ୭.(ଘ)ସୁରେନ୍ଦ୍ର ମହାନ୍ତି, ୮.(ଖ)ଡଃ ପ୍ରାଣକୃଷ୍ଣ ପରିଜା, ୯.(ଖ)ଡୁଡୁମା,କୋରାପୁଟ, ୧୦.(କ) ଗୋପୀନାଥ ମହାନ୍ତି**

**୧.(ଖ) Alterness, ୨.(ଘ)୧୨୮, ୩.(ଖ)୨୩, ୪.(କ) 455978, ୫.(ଗ)୫ କିମି, ୬.(ଖ)ମାଆ, ୭.(ଖ) ଖଣ୍ଡା - ଲୁହା, ୮.(ଗ) ୪,୫,୨,୩,୧, ୯.(ଖ) ୧୪୫୩, ୧୦.(ଖ) ୧୯/୪୨**



ଅତି ଖରାପ ଲୋକଙ୍କ ଠାରୁ ମଧ୍ୟ ସମୟେ ସମୟେ ଖୁବ୍ ମୂଲ୍ୟବାନ ପରାମର୍ଶ ମିଳିଥାଏ ।

## (୧୦) ଇତିହାସ

୧. କେଉଁ ଧର୍ମ ସୁଙ୍ଗ ରାଜବଂଶର ରାଜଧର୍ମ ଥିଲା ?
(କ)ବ୍ରାହ୍ମଣ (ଖ)ଜୈନ (ଗ)ବୌଦ୍ଧ (ଘ)ଅର୍ଜବିକା
୨. କାହାଙ୍କୁ ଭାରତର ନେପୋଲିଅନ୍ କୁହାଯାଏ ?
(କ)ହର୍ଷବର୍ଦ୍ଧନ (ଖ)ଅଶୋକ (ଗ) ଚନ୍ଦ୍ରଗୁପ୍ତ (ଘ)ସମୁଦ୍ରଗୁପ୍ତ
୩. ପ୍ରସିଦ୍ଧ ସଙ୍ଗୀତଜ୍ଞ ତାନସେନଙ୍କର ପ୍ରକୃତ ନାମ କ'ଣ ?
(କ)ଲାଲ୍ କୁଲୱନ୍ତ (ଖ)ହରିଦାସ (ଗ)ମାର୍କଣ୍ଡେୟ (ଘ)ରାମତନୁ ପାଣ୍ଡେ
୪. କିଏ କୁତବ ମିନାର ନିର୍ମାଣ ଶେଷ କରିଥିଲେ ?
(କ)କୁତବ ଉଦ୍ଦିନ ଆଇବାକ (ଖ)ଇଲତୁତ ମିସ
(ଗ)ରେଜିୟା (ଘ)ବାବର
୫.୧୯୨୦ ମସିହାରେ କୋଲକତାଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କଂଗ୍ରେସ ଅଧିବେଶନର ସଭାପତି କିଏ ଥିଲେ ?
(କ)ସୁବାଷ ଚନ୍ଦ୍ର ବୋଷ (ଖ)ଜବାହରଲାଲ ନେହେରୁ
(ଗ)ଲାଲା ଲଜପତ ରାୟ (ଘ)ମହାତ୍ମା ଗାନ୍ଧି
୬. ଜାତୀୟ କଂଗ୍ରେସର କେଉଁ ଅଧିବେସନରେ "ପୂର୍ଣ୍ଣସ୍ୱରାଜ" ଘୋଷଣା କରାଯାଇଥିଲା ?
(କ)ଅହମଦାବାଦ ୧୯୨୧ (ଖ)ଗୟା ଅଧିବେଶନ ୧୯୨୨
(ଗ)ମାଡ୍ରାସ ଅଧିବେଶନ୧୯୨୭ (ଘ)ଲାହୋର ଅଧିବେଶନ୧୯୨୯
୭. ପ୍ରାଚୀନ ମିଶରର ଲେଖନ ପ୍ରଣାଳୀକୁ କ'ଣ କୁହାଯାଏ ?
(କ)ହିରୋଗ୍ଲିଫିକ (ଖ)କୁନ୍ଦେଇ ଫର୍ମ
(ଗ)ପାଲି (ଘ)କୌଣସି ନୁହେଁ
୮. କେଉଁ ଦେଶରେ ପୁନଃଜାଗରଣ ବା ରିନାସା ଆରମ୍ଭ ହୋଇଥିଲା ?
(କ)ଗ୍ରୀସ (ଖ)ବ୍ରିଟେନ (ଗ)ଇଟାଲୀ (ଘ)ଫ୍ରାନସ୍
୯. ମହାତ୍ମାଗାନ୍ଧିଙ୍କ ଅନୁପସ୍ଥିତିରେ କିଏ ଭାରତଛାଡ ଆନ୍ଦୋଳନର ନେତୃତ୍ୱ କରିଥିଲେ ?
(କ)ସରୋଜିନୀ ନାଇଡୁ (ଖ)ଅରୁଣା ଆସଫଅଲ୍ଲୀ
(ଗ)ଜବାହରଲାଲ ନେହୁର (ଘ)ବଲ୍ଲଭ ଭାଇ ପଟେଲ
୧୦.ଭାରତ ଭାରତୀୟମାନଙ୍କ ପାଇଁ "(ଇଣ୍ଡିଆ ଫର ଦ ଇଣ୍ଡିଆନସ୍)"କିଏ କହିଥିଲେ ?
(କ)ସ୍ୱାମୀ ବିବେକାନନ୍ଦ (ଖ)ରାଜା ରାମମୋହନ ରାୟ
(ଗ)ଦୟାନନ୍ଦ ସରସ୍ୱତୀ (ଘ)ଲାଲା ଲଜପତ ରାୟ

## (୧୧) ବାଣିଜ୍ୟ

୧. ଟୁଇଟରର ବ୍ଲୁଟିକ୍ ପାଇଁ ୟୁଜରସ୍‌ମାନଙ୍କୁ ପ୍ରତିମାସରେ କେତେ ଡଲାର ଖର୍ଚ୍ଚ ଦେବାକୁ ପଡିବ ?
(କ)୧୦ଡଲାର (ଖ)୧୫ ଡଲାର (ଗ)୨୦ଡଲାର (ଘ)୨୨ଡଲାର
୨. ରିଲାଏନ୍ସ ଜିଓ ପକ୍ଷରୁ କେତେ ଜି କନେକ୍ଟେଡ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଛି ?
(କ)୨ଜି (ଖ)୪ଜି (ଗ)୫ଜି (ଘ)୬ଜି
୩. ସାରା ଭାରତରେ ଚଳିତ ବର୍ଷ ଦୀପାବଳୀରେ କେତେ ହଜାର କୋଟି ଟଙ୍କାରୁ ଅଧିକ ବାଣ ଫୁଟାଯାଇଛି ବୋଲି କ୍ରାକର ଇଣ୍ଡଷ୍ଟ୍ରିଜ ସୂଚନା ଦେଇଛି ?
(କ)୫୦୦୦କୋଟି (ଖ)୬୦୦୦କୋଟି
(ଗ) ୬୫୦୦କୋଟି (ଘ)୭୦୦୦କୋଟି
୪. କେନ୍ଦ୍ର ସରକାର ଚିନି ରପ୍ତାନି ପ୍ରତିବନ୍ଧକ ୩୧ ଅକ୍ଟୋବର ୨୦୨୨ ରୁ କେତେ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ?
(କ)୧ବର୍ଷ (ଖ)୧.୫ବର୍ଷ (ଗ)୨ବର୍ଷ (ଘ) ୨.୫ବର୍ଷ
୫. ପ୍ରଥମଥର କରି ଏୟାର ବସ ସହ ଚୁକ୍ତିକରି କେଉଁଠାରେ ସି-୨୯୫ ଏୟାର କ୍ରାଫ୍ଟ ଭାରତରେ ନିର୍ମାଣ କରିବ ?
(କ)ଗୁଜୁରାଟ (ଖ)ମହାରାଷ୍ଟ୍ର (ଗ)ତାମିଲନାଡୁ (ଘ)ଆନ୍ଧ୍ରପଦେଶ
୬. ଡାବର ଇଣ୍ଡିଆ ବାଦଶାହା ମସଲାର କେତେ ଅଂଶଧନ ହାସଲ କରିବାକୁ ଯାଉଛି ?
(କ)୪୫% (ଖ)୫୦% (ଗ)୫୧% (ଘ)୫୫%
୭. ଫେସବୁକ୍ (ମେଟା) ତା'ର ମୋଟ କର୍ମଚାରୀ ସଂଖ୍ୟାର କେତେ ପ୍ରତିଶତ ଛଟେଇ କରିବେ ?
(କ)୧୦% (ଖ)୧୫% (ଗ)୧୭% (ଘ)୨୦%
୮. ଓଡ଼ିଶାରେ ଧନତରାସ ପାଇଁ ୧୫ଘଣ୍ଟା ମଧ୍ୟରେ ୩୦ଟି ଜିଲ୍ଲାର ଜଣାଶୁଣା ସୁନା ଦୋକାନ ଗୁଡ଼ିକରେ କେତେ କୋଟିରୁ ଅଧିକ ଅଳଙ୍କାର ବ୍ୟବସାୟ ହୋଇଛି ?
(କ)୧୦୦କୋଟି (ଖ)୧୨୦କୋଟି (ଗ)୧୫୦କୋଟି (ଘ)୨୦୦କୋଟି
୯. ପ୍ରତିରକ୍ଷା କ୍ଷେତ୍ରକୁ ଉନ୍ନତ ସାମଗ୍ରୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ କେଉଁ କମ୍ପାନୀ ଯୋଗାଇବ ?
(କ)ଟାଟା (ଖ)ଆର.ଏସ୍.ପି
(ଗ)ଜିନ୍ଦଲ (ଘ)ବେଦାନ୍ତ
୧୦.ଗତ ଛଅମାସ ମଧ୍ୟରେ ଇସ୍ପାତର ମୂଲ୍ୟ କେତେ ପ୍ରତିଶତ ହ୍ରାସ ପାଇଛି ?
(କ)୨୦% (ଖ)୨୫%
(ଗ)୩୦% (ଖ)୪୦%

**ଉତ୍ତର**

**୧.(କ)ବ୍ରାହ୍ମଣ, ୨.(ଘ)ସମୁଦ୍ରଗୁପ୍ତ, ୩.(ଖ)ହରିଦାସ, ୪.(ଖ)ଇଲତୁତ ମିସ, ୫.(ଗ)ଲାଲା ଲଜପତ ରାୟ, ୬.(ଘ)ଲହୋର ଅଧିବେଶନ ୧୯୨୯, ୭.(କ)ହିରୋଗ୍ଲିଫିକ, ୮.(ଗ)ଇଟାଲୀ, ୯.(ଖ)ଅରୁଣା ଆସଫଅଲ୍ଲୀ, ୧୦.(ଗ)ଦୟାନନ୍ଦ ସରସ୍ୱତୀ**

**୧.(ଗ)୨୦ଡଲାର, ୨.(ଗ)୫ଜି, ୩.(ଖ)୬୦୦୦କୋଟି, ୪.(କ)୧ବର୍ଷ, ୫.(କ)ଗୁଜୁରାଟ, ୬.(ଗ)୫୧%, ୭.(ଘ)୨୦%, ୮.(ଗ)୧୫୦କୋଟି, ୯.(ଗ)ଜିନ୍ଦଲ, ୧୦.(ଖ)୪୦%**



ଅନ୍ଧକାର ଯେପରି ସଂସାରକୁ ଲୁଚାଇ ଦେଇଥାଏ, କାମନା ସେହିପରି ସତ୍ୟକୁ ଲୁଚାଇ ଦିଏ ।

## (୧୨) ଅର୍ଥନୀତି

୧. ଜିଏସଟି ପରିଷଦର ୪୮ତମ ବୈଠକ ଭିଡିଓ କନ୍‌ଫେରେନ୍‌ସିଂ ମାଧ୍ୟମରେ କେବେ ଅନୁଷ୍ଠିତ ହେବ ?
(କ)ଡିସେମ୍ବର ୧୬ (ଖ)ଡିସେମ୍ବର ୧୭
(ଗ)ଡିସେମ୍ବର ୧୮ (ଘ)ଡିସେମ୍ବର ୧୯

୨. କେନ୍ଦ୍ର ସରକାର ଅପ୍ରେଲ-ଜୁନ୍ ୨୦୨୨ ଅବଧି ପାଇଁ ଜିଏସଟି କ୍ଷତିପୂରଣ ପାଇଁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ କେତେ କୋଟି ଟଙ୍କା ଦେଇଛନ୍ତି ?
(କ)୧୬,୦୦୦ (ଖ)୧୭,୦୦୦ (ଗ) ୧୮,୦୦୦ (ଘ)୧୯,୦୦୦

୩. ଜାତିସଂଘ ରିପୋର୍ଟ ଅନୁସାରେ ଭାରତର ଜନସଂଖ୍ୟା ୨୦୩୦ ମସିହା ସୁଦ୍ଧା କେତେ କୋଟିରେ ପହଞ୍ଚିବ ?
(କ)୧୪୧ (ଖ)୧୫୧ (ଗ) ୧୨୦ (ଘ)୧୭୦

୪. ଓଡ଼ିଶା ବିଧାନସଭାରେ ୨୦୨୨-୨୩ ଆର୍ଥିକ ବର୍ଷପାଇଁ କେତେ କୋଟି ଟଙ୍କାରୁ ଅତିରିକ୍ତ ବଜେଟ ଉପସ୍ଥାପନା କରାଯାଇଛି ?
(କ)୧୬,୭୦୦ (ଖ)୧୬,୮୦୦ (ଗ)୧୬,୯୦୦ (ଘ)୧୭,୦୦୦

୫. ରାଷ୍ଟ୍ରାୟତ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ ଡେବିଟ୍ କାର୍ଡଧାରୀଙ୍କୁ ଦୁର୍ଘଟଣା ଜନୀତ ବୀମା ସୁରକ୍ଷା ବାବଦରେ କେତେ ଟଙ୍କା ରଖିଛି ?
(କ) ୧୦ଲକ୍ଷ (ଖ) ୧୫ଲକ୍ଷ (ଗ)୨୦ଲକ୍ଷ (ଘ)୨୫ଲକ୍ଷ

୬. ଯେକୌଣସି ବ୍ୟକ୍ତିଙ୍କର ଆଧାର ଏବଂ ପ୍ୟାନ୍‌ର ଲିଙ୍କର ଶେଷ ତାରିଖ କେତେ ?
(କ)ମାର୍ଚ୍ଚ ୩୧, ୨୦୨୩ (ଖ)ଡିସେମ୍ବର ୨୨, ୨୦୨୨
(ଗ) ଜାନୁଆରୀ,୨୦୨୩ (ଘ)ଫେବୃଆରୀ,୨୫

୭. ଜାତିସଂଘର ରିପୋର୍ଟ ଅନୁସାରେ ସମ୍ପ୍ରତି ସାରା ବିଶ୍ୱର ଜନ ସଂଖ୍ୟା କେତେ ?
(କ) ୫୦୦ କୋଟି (ଖ) ୬୦୦ କୋଟି
(ଗ) ୭୦୦ କୋଟି (ଘ) ୮୦୦ କୋଟି

୮. କନ୍‌ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ ଅନୁସାରେ ଅକ୍ଟୋବର ମାସର ମୁଦ୍ରାସ୍ଫିତ ହାର କେତେ ପ୍ରତିଶତରେ ପହଞ୍ଚିଛି ?
(କ) ୬.୭% (ଖ) ୬.୭୭% (ଗ) ୭.୦% (ଘ)୭.୭%

୯. ୨୦୨୪ ସୁଦ୍ଧା ପିଇବା ପାଣି ସେକ୍ଟରରେ ଭାରତ କେତେ ବିଲିୟନ ଡଲାର ନିବେଶ କରିବ?
(କ)୨୦୦ (ଖ) ୨୧୦ (ଗ) ୨୨୦ (ଘ)୨୨୫

୧୦.କେବେଠାରୁ ରିଜର୍ଭ ବ୍ୟାଙ୍କ ଡିଜିଟାଲ ଟଙ୍କାର ପାଇଲଟ ପରୀକ୍ଷଣ ଆରମ୍ଭ କରିଛି ?
(କ) ନଭେମ୍ବର ୧, ୨୦୨୨ (ଖ)ଡିସେମ୍ବର ୧, ୨୦୨୨
(ଗ) ସେପ୍ଟେମ୍ବର ୧, ୨୦୨୨ (ଘ)ଅକ୍ଟୋବର ୧, ୨୦୨୨

## (୧୩) କ୍ରୀଡ଼ା

୧. ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୨୨ର ଟି-୨୦ ବିଶ୍ୱକପରେ ଇଂଲାଣ୍ଡ କେଉଁ ଦେଶକୁ ପରାସ୍ତ କରି ଚାମ୍ପିଆନ ହୋଇଛି ?
(କ) ନ୍ୟୁଜିଲାଣ୍ଡ (ଖ) ଭାରତ (ଗ) ଅଷ୍ଟ୍ରେଲିଆ (ଘ) ପାକିସ୍ତାନ

୨. ୨୦୨୨ର ଟି-୨୦ ବିଶ୍ୱକପରେ କିଏ ସର୍ବାଧିକ ରନ କରିଥିଲେ ?
(କ) ବିରାଟ କୋହଲୀ (ଖ) ସୂର୍ଯ୍ୟକୁମାର ଯାଦବ
(ଗ) ଜୋସ୍ ବଟଲର୍ (ଘ) ଅଲେକ୍ସ ହେଲ୍‌ସ

୩. ୨୦୨୨ର ଟି-୨୦ ବିଶ୍ୱକପରେ କିଏ ସର୍ବାଧିକ ୱିକେଟ ନେଇଛନ୍ତି ?
(କ) ବାସ୍ ଡି ଲିଡା (ଖ) ବ୍ଲେସିଙ୍ଗ୍ ମୁଜାରାବନି
(ଗ) ୱାନିନ୍ଦୁ ହସରଙ୍ଗା (ଘ) ଅନରିକ୍ ନୋର୍କିୟା

୪. ୨୦୨୨ର ଟି-୨୦ ବିଶ୍ୱକପରେ କିଏ ପ୍ଲେୟାର୍ ଅଫ୍ ଦ ସିରିଜ୍ ପୁରସ୍କାର ହାସଲ କରିଛନ୍ତି ?
(କ) ଜୋସ୍ ବଟ୍‌ଲର୍ (ଖ) ସାମ୍ କରନ୍
(ଗ) ସାଦାବ୍ ଖାନ୍ (ଘ) ଡେଭନ୍ କନ୍‌ୱେ

୫. ୨୦୨୨ର ଫିଫା ବିଶ୍ୱକପର ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ କାତାରକୁ କେଉଁ ଦଳ ପରାସ୍ତ କରିଥିଲା।
(କ) ସେନେଗାଲ (ଖ) ଇକ୍ୱେଡର (ଗ) ପୋଲାଣ୍ଡ (ଘ) ଫ୍ରାନସ୍

୬. ୨୦୨୨ର ଫିଫା ବିଶ୍ୱକପରେ ଆର୍ଜେଣ୍ଟିନା ଏହାର ପ୍ରଥମ ମ୍ୟାଚରେ କାହାଠାରୁ ଅପ୍ରତ୍ୟାଶିତ ଭାବେ ପରାସ୍ତ ହୋଇଛି ?
(କ) ଜାପାନ (ଖ) ଘାନା (ଗ) ସାଉଦି ଆରବ (ଘ) ଅଷ୍ଟ୍ରେଲିଆ

୭. ଫୁଟବଲ ବିଶ୍ୱକପର କେଉଁ ପୂର୍ବତନ ଚାମ୍ପିଆନ ଦଳ କାତାରରେ ଅନୁଷ୍ଠିତ ୨୦୨୨ର ଫିଫା ବିଶ୍ୱକପ ସକାଶେ କ୍ୱାଲିଫାଇ କରିନାହିଁ?
(କ) ହଙ୍ଗେରୀ (ଖ) ଇଟାଲୀ (ଗ) ଉରୁଗୁଏ (ଘ) ଚିଲୀ

୮. ୨୦୨୪ର ଅଲିମ୍ପିକ୍ କ୍ରୀଡ଼ା କେଉଁଠାରେ ଆୟୋଜିତ ହେବ ?
(କ) ବ୍ରିସବେନ୍ (ଖ) ଲଣ୍ଡନ (ଗ) ମାଦ୍ରିଦ (ଘ) ପ୍ୟାରିସ

୯. ଜାନୁଆରୀ ୨୦୨୩ରେ ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜିତ ହେଉଥିବା ପୁରୁଷ ହକି ବିଶ୍ୱକପ ଏହି ପ୍ରତିଯୋଗିତାର କେତେତମ ସଂସ୍କରଣ ଅଟେ ?
(କ) ୧୩ତମ (ଖ) ୧୪ତମ (ଗ) ୧୫ତମ (ଘ) ୧୬ତମ

୧୦. ଅଗଷ୍ଟ ୨୦୨୩ରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ କେଉଁଠାରେ ଖେଳାଯିବ ?
(କ) ବୁଡାପେଷ୍ଟ (ଖ) ଓରେଗନ୍ (ଗ) ଦୋହା (ଘ) ବୁକାରେଷ୍ଟ

**ଉତ୍ତର**

**୧.(ଖ)ଡିସେମ୍ବର୧୭, ୨.(ଖ)୧୭,୦୦୦, ୩.(ଖ)୧୫୧, ୪.(ଖ)୧୬,୮୦୦, ୫.(ଗ)୨୦ଲକ୍ଷ, ୬.(କ)ମାର୍ଚ୍ଚ ୩୧, ୨୦୨୩, ୭.(ଘ)୮୦୦ କୋଟି, ୮.(ଖ) ୬.୭୭%, ୯.(ଖ)୨୧୦, ୧୦.(ଖ)ଡିସେମ୍ବର ୧, ୨୦୨୨**

**୧.(ଘ) ପାକିସ୍ତାନ, ୨.(କ) ବିରାଟ କୋହଲୀ, ୩.(ଗ) ୱାନିନ୍ଦୁ ହସରଙ୍ଗା, ୪.(ଖ) ସାମ୍ କରନ୍, ୫.(ଖ) ଇକ୍ୱେଡର, ୬.(ଗ) ସାଉଦି ଆରବ, ୭. (ଖ) ଇଟାଲୀ, ୮.(ଘ) ପ୍ୟାରିସ, ୯.(ଗ) ୧୫ତମ, ୧୦.(କ) ବୁଡାପେଷ୍ଟ**



ଅତି ସରଳ ଭାବରେ ଯେ କହି ପାରିଲା ସିଏ ହିଁ ସୁବକ୍ତା।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ୨୦୨୧ ପାଇଁ ଜ୍ଞାନପୀଠ ପୁରସ୍କାର ପାଇଥିବା ନୀଳମଣି ଫୁକନ କେଉଁ ଭାଷାର ଜଣେ ପ୍ରସିଦ୍ଧ ସାହିତ୍ୟିକ ?

(କ) ମଣିପୁରୀ (ଖ) ବୋଡ଼ୋ (ଗ) ଅହମିଆ (ଘ) ଇଂରାଜୀ

୨. ୨୦୨୨ ପାଇଁ ଜ୍ଞାନପୀଠ ପୁରସ୍କାର ଲାଭ କରିଥିବା ଦାମୋଦର ମାଉଜୋ କେଉଁ ଭାଷାର ଜଣେ ପ୍ରସିଦ୍ଧ ଲେଖକ ?

(କ) କୋଙ୍କଣୀ (ଖ) କନ୍ନଡ଼ (ଗ) ମରାଠୀ (ଘ) ହିନ୍ଦୀ

୩. ଆନ୍ନି ଏର୍ନାଉଙ୍କୁ ମିଶାଇ ଏପର୍ଯ୍ୟନ୍ତ କେତେଜଣ ମହିଳାଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ମିଳିସାରିଲାଣି ?

(କ) ୧୫ଜଣ (ଖ) ୧୬ଜଣ (ଗ) ୧୭ଜଣ (ଘ) ୧୮ଜଣ

୪. ୨୦୨୨ର ବୁକର୍ ପୁରସ୍କାର ଜିଣିଥିବା ଶେହାନ୍ କରୁଣାତିଲକେ କେଉଁ ଦେଶର ନାଗରିକ ?

(କ) ଭାରତ (ଖ) ଶ୍ରୀଲଙ୍କା (ଗ) ମାଲେସିଆ (ଘ) କେନିୟା

୫. ନୋବେଲ ପୁରସ୍କାର ପାଇଥିବା ସ୍ପାନିଶ୍ ଭାଷାର ପ୍ରସିଦ୍ଧ ସାହିତ୍ୟିକ ଗାବ୍ରିଏଲ ଗାର୍ସିଆ ମାର୍କ୍ୱେଜଙ୍କ ଜନ୍ମ କେଉଁ ଦେଶରେ ହୋଇଥିଲା ?

(କ) ମେକ୍ସିକୋ (ଖ) ବଲିଭିଆ (ଗ) ପେରୁ (ଘ) କଲମ୍ବିଆ

୬. ମାଲକାନଗିରି ଜିଲ୍ଲାରେ ଡ. ସିଦ୍ଧାର୍ଥଙ୍କ ମ୍ୟାଲେରିଆ ନିରାକରଣର କାହାଣୀ ଉପରେ ଆଧାରିତ ଓଡ଼ିଆ ଚଳଚିତ୍ରର ନାମ କଣ ?

(କ) ଦୃଷ୍ଟିକୋଣ (ଖ) ଦମନ (ଗ) କୁରୁକ୍ଷେତ୍ର (ଘ) ମାୟା ଦର୍ପଣ

୭. ଗୋଆରେ ଆୟୋଜିତ ୫୩ତମ ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିବା ଓଡ଼ିଆ ଚଳଚିତ୍ରର ନାମ କଣ ?

(କ) ଦୃଷ୍ଟିକୋଣ (ଖ) ଦମନ (ଗ) ପ୍ରତୀକ୍ଷା (ଘ) ପ୍ରତିଜ୍ଞା

୮. ପୂର୍ବେ ପାରସ୍ୟ ବା ଇରାନ ଦେଶରେ ପ୍ରଚଳିତ ପାର୍ସି ଧର୍ମକୁ କିଏ ପ୍ରତିଷ୍ଠା କରିଥିଲେ ?

(କ) ବାହାଉଲ୍ଲାହ (ଖ) କନ୍‌ଫୁସିୟସ୍
(ଗ) ଜୋରାଷ୍ଟର (ଘ) ଗୁଲଗାମିଶ୍

୯. ପ୍ରସିଦ୍ଧ ପଦ୍ମନାଭସ୍ୱାମୀ ମନ୍ଦିର କେଉଁଠାରେ ଅବସ୍ଥିତ ?

(କ) ତିରୁଚିରପଲ୍ଲୀ (ଖ) ତାଞ୍ଜାବୁର
(ଗ) ରାମେଶ୍ୱରମ୍ (ଘ) ତିରୁଅନନ୍ତପୁରମ

୧୦. ବ୍ରହ୍ମେଶ୍ୱର, ପର୍ଶୁରାମେଶ୍ୱର, ସିଦ୍ଧେଶ୍ୱର, ଭାସ୍କରେଶ୍ୱର ଆଦି ମନ୍ଦିର କେଉଁଠାରେ ଅବସ୍ଥିତ ?

(କ) ଖାଜୁରାହୋ (ଖ) ତିରୁଅନନ୍ତପୁରମ
(ଗ) ମହୀଶୂର (ଘ) ଭୁବନେଶ୍ୱର

## (୧୫) ଭୂଗୋଳ

୧. ଭାରତର କେଉଁ ଅଞ୍ଚଳରେ ଧଳାବାଘ ଦେଖାଯାଏ ?

(କ) କୁମାୟୁନ ହିମାଳୟ (ଖ) ରେୱା ମାଳଭୂମି
(ଗ) ଶିମିଳିପାଳ ପର୍ବତ (ଘ) ସୁନ୍ଦରବନ ତ୍ରିକୋଣଭୂମି

୨. ନାଗାର୍ଜୁନ ସାଗର ଡ୍ୟାମ ଯୋଜନା କେଉଁ ନଦୀ ସହିତ ସଂପୃକ୍ତ ?

(କ) କାବେରୀ (ଖ) ଦାମୋଦର (ଗ) କୃଷ୍ଣା (ଘ) ନର୍ମଦା

୩. କୋଏନା ନଦୀବନ୍ଧ ଯୋଜନା ଦ୍ୱାରା କେଉଁ ରାଜ୍ୟ ଉପକୃତ ହେଉଛି ?

(କ) ରାଜସ୍ଥାନ (ଖ) ଗୁଜୁରାଟ (ଗ) ମହାରାଷ୍ଟ୍ର (ଘ) ଆସାମ

୪. ଭିତରକନିକାରେ କେଉଁ ବିରଳ ପ୍ରଜାତିର ପ୍ରାଣୀ ଦେଖାଯାଆନ୍ତି ?

(କ) କୁମ୍ଭୀର (ଖ) ଡଲଫିନ୍ (ଗ) ଜଳହସ୍ତୀ (ଘ) ନୀଳ କଙ୍କଡା

୫. କେଉଁ ଅରଣ୍ୟରେ ଜନସାଧାରଣଙ୍କୁ କାଠ ସଂଗ୍ରହ କରିବା ପାଇଁ ଅନୁମତି ମିଳିନଥାଏ ?

(କ) ସଂରକ୍ଷିତ ଜଙ୍ଗଲ (ଖ) ସୁରକ୍ଷିତ ଜଙ୍ଗଲ
(ଗ) ଅବର୍ଗୀକୃତ ଜଙ୍ଗଲ (ଘ) ଗୋଷ୍ଠୀ ଜଙ୍ଗଲ

୬. ଭାରତର କେଉଁ ତୈଳଖଣିରୁ ସର୍ବାଧିକ ଖଣିଜ ତୈଳ ମିଳିଥାଏ ?

(କ) ଆକଲେସ୍ୱର (ଖ) କୋୟାଲି (ଗ) ଦିଗବୟୀ (ଘ) ବମ୍ବେହାଇ

୭. ଭାରତର ସର୍ବବୃହତ୍ତମ ସୌରତାପ ଶକ୍ତିକେନ୍ଦ୍ର କେଉଁଠାରେ ଅବସ୍ଥିତ ?

(କ) ମାଧପୁର (ଖ) ନରେଲା (ଗ) ରାୟତଭଙ୍ଗା (ଘ) କାକ୍ରାରପରା

୮. ଭାରତର କେଉଁଠାରେ ଏକ ତୈଳଖଣିରୁ ତଥା ଏକ ତୈଳ ବିଶୋଧନାଗାର ଅଛି ?

(କ) ଦିଗବୋୟୀ (ଖ) ନହରକାଟିଆ (ଗ) ଆଲିଆବଟ୍ (ଘ) ମୋରାନ୍

୯. ଭାରତର ସବୁଠାରୁ ବଡ଼ ଲୁହାଖଣିର ନାମ କ'ଣ ?

(କ) ଚିରିଆ ଖଣି (ଖ) ନୂଆ ମୁଣ୍ଡି ଖଣି
(ଗ) କୁଦ୍ରେମୁଖ ଖଣି (ଘ) ଗୁଆ ଖଣି

୧୦. କେଉଁଟି ଭାରତର ସର୍ବାଧିକ ବକ୍ସାଇଟ ଉତ୍ପାଦନକାରୀ ରାଜ୍ୟ ?

(କ) ତ୍ରିପୁରା (ଖ) କର୍ଣ୍ଣାଟକ (ଗ) ଓଡ଼ିଶା (ଘ) ଆନ୍ଧ୍ରପ୍ରଦେଶ

**ଉତ୍ତର**

**୧.(ଗ) ଅହମିଆ, ୨.(କ) କୋଙ୍କଣୀ, ୩.(ଗ) ୧୭ଜଣ, ୪.(ଖ) ଶ୍ରୀଲଙ୍କା, ୫.(ଘ) କଲମ୍ବିଆ, ୬.(ଖ) ଦମନ, ୭.(ଗ) ପ୍ରତୀକ୍ଷା, ୮.(ଗ) ଜୋରାଷ୍ଟର, ୯.(ଘ) ତିରୁଅନନ୍ତପୁରମ, ୧୦.(ଘ) ଭୁବନେଶ୍ୱର**

**୧.(ଖ)ରେୱା ମାଳଭୂମି, ୨.(ଗ) କୃଷ୍ଣା, ୩.(ଗ)ମହାରାଷ୍ଟ୍ର, ୪.(ଘ)ନୀଳ କଙ୍କଡା, ୫.(କ)ସଂରକ୍ଷିତ ଜଙ୍ଗଲ, ୬.(ଘ)ବମ୍ବେହାଇ, ୭.(କ)ମାଧପୁର, ୮.(ଗ)ଆଲିଆବଟ୍, ୯.(କ)ଚିରିଆ ଖଣି, ୧୦.(ଗ)ଓଡ଼ିଶା**



ଅତ୍ୟାଚାରୀ ବିରୁଦ୍ଧରେ ବିଦ୍ରୋହ କରିବା ଭଗବାନଙ୍କ ଆଦେଶ ପାଳନ କରିବା ସଙ୍ଗେ ସମାନ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧.୧୯୯୬ ଡିସେମ୍ବର ମାସ ୯ ତାରିଖରେ ଦିଲ୍ଲୀଠାରେ ବସିଥିବା ସଂବିଧାନ ପ୍ରଣୟନ ସଭାର ପ୍ରଥମ ବୈଠକକୁ କେଉଁ ଦଳ ପ୍ରତ୍ୟାଖ୍ୟାନ କରିଥିଲା ?
(କ)ମୁସଲିମ୍ ଲିଗ (ଖ) ସଂଯୁକ୍ତ ଦଳ
(ଗ) ଜାତୀୟ କଂଗ୍ରେସ (ଘ)ସମାଜବାଦୀ ଦଳ

୨.ଭାରତ ସଂବିଧାନ ପ୍ରଣୟନ ସଭାର ସଭାପତି କିଏ ଥିଲେ ?
(କ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ (ଖ) ମହମ୍ମଦ ଅଲି ଜିନା
(ଗ) ଡ. ରାଜେନ୍ଦ୍ର ପ୍ରସାଦ (ଘ) ଜବହାରଲାଲ ନେହେରୁ

୩.ସ୍ୱାଧୀନତା ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ଥିଲେ ?
(କ)ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ (ଖ)ରାଜଗୋପାଲ ଚାରୀ
(ଗ)ଜବହାରଲାଲ ନେହେରୁ (ଘ)ଲର୍ଡ ମାଉଣ୍ଟ ବାଟେନ୍

୪.ଗଣତନ୍ତ୍ର ଶାସନରେ ସାର୍ବଭୌମ୍ୟ କ୍ଷମତାର ଅଧିକାରୀ କିଏ ?
(କ)ସରକାର (ଖ)ଜନସାଧାରଣ (ଗ) ପ୍ରଧାନମନ୍ତ୍ରୀ (ଘ)ରାଷ୍ଟ୍ରପତି

୫.ପ୍ରତ୍ୟକ୍ଷ ଗଣତନ୍ତ୍ର କେଉଁ ଦେଶରେ ପ୍ରଚଳିତ ଥିଲା ?
(କ)ଇଟାଲୀ (ଖ)ଜାପାନ (ଗ) ଗ୍ରୀସ୍ (ଘ)ରୋମ୍

୬.ରାଜ୍ୟସଭାର ସଦସ୍ୟମାନେ କିପରି ନିର୍ବାଚିତ ହୁଅନ୍ତି ?
(କ) ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ (ଖ) ପ୍ରତ୍ୟକ୍ଷ ଭାବରେ
(ଗ) ପରୋକ୍ଷ ଭାବରେ (ଘ) ଆର୍ଥିକ ସ୍ୱଚ୍ଛଳତା ଭିତ୍ତିରେ

୭.କେନ୍ଦ୍ରମନ୍ତ୍ରୀ ମଣ୍ଡଳ କାହାପାଖରେ ସାମୁହିକ ବାବରେ ଉତ୍ତରଦାୟୀ ଅଟନ୍ତି ?
(କ)ରାଜ୍ୟସଭା (ଖ)ଲୋକସଭା (ଗ) ରାଷ୍ଟ୍ରପତି (ଘ)ବାଚସ୍ପତି

୮.ବିଧାନସଭା ନିର୍ବାଚନରେ କିଏ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତି ହୋଇଥାଆନ୍ତି ?
(କ) ଜିଲ୍ଲାପାଳ (ଖ) ମୁଖ୍ୟ ନିର୍ବାଚନ ଅଧିକାରୀ
(ଗ) ରାଜ୍ୟ ନିର୍ବାଚନ ଆୟୁକ୍ତ (ଘ) ଉପଜିଲ୍ଲାପାଳ

୯.ପ୍ରତ୍ୟେକ ଲୋକସଭା ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସର୍ବାଧିକ କେତେ ଟଙ୍କା ଧାର୍ଯ୍ୟ କରାଯାଇଛି ?
(କ) ୨୫ ଲକ୍ଷ (ଖ) ୩୦ ଲକ୍ଷ (ଗ) ୩୫ ଲକ୍ଷ (ଘ) ୪୦ ଲକ୍ଷ

୧୦. ଆମେ ଆମ ଦେଶରେ କେତୋଟି ଏକ ସଦସ୍ୟ ବିଶିଷ୍ଟ ସଂସଦୀୟ ନିର୍ବାଚନମଣ୍ଡଳୀ ରହିଛି ?
(କ) ୫୫୨ (ଖ) ୫୫୦ (ଗ) ୫୪୩ (ଘ) ୫୪୫

## (୧୭) କମ୍ପ୍ୟୁଟର ଶିକ୍ଷା

୧. ଆମେ ବର୍ତ୍ତମାନ କେଉଁ ଜେନେରେସନ୍ ର କମ୍ପ୍ୟୁଟର ବ୍ୟବହାର କରୁଛୁ ?
(କ) ଦ୍ୱିତୀୟ (ଖ) ତୃତୀୟ
(ଗ) ପଞ୍ଚମ (ଘ) ଷଷ୍ଠ

୨. କେଉଁ ଡ଼ିଭାଇସ୍ ଦ୍ୱାରା ଡ଼ିଜିଟାଲ୍ ଡ଼ାଟା ଫୋନ୍ ଲାଇନ ମାଧ୍ୟମରେ ପଠାଯାଇଥାଏ ?
(କ) ୟୁ.ଏସ୍.ବି (ଖ) ସ୍କାନର
(ଗ) ପ୍ରିଣ୍ଟର୍ (ଘ) ମୋଡ଼େମ୍

୩. ବି.ସି.ଡ଼ି. କେଉଁଟିକୁ ବୁଝାଏ ?
(କ) ବାଇନାରି କୋଡ଼େଡ଼୍ ଡ଼େସିମାଲ (ଖ) ବିଟ୍ କଣ୍ଟ୍ରୋଲ ଡ଼େସିମାଲ
(ଗ) ବାଇନାରି କେଡ଼ ଡ଼ିଭାଇସ (ଘ) ବାଇଟ୍ କୋଡ଼େଡ଼୍ ଡ଼ାଟା

୪. ଫ୍ଲାସ୍ ଡ୍ରାଇଭ୍ ସାଧାରଣ ଭାବେ କାହାକୁ ବୁଝାଏ ?
(କ) ମାଇକ୍ରୋପ୍ରୋସେସର୍ (ଖ) ରାମ୍
(ଗ) ରମ୍ (ଘ) ପେନ୍‌ଡ୍ରାଇଭ୍

୫. କେଉଁ ସାଇନ୍‌କୁ ଆମେ ଫର୍ମୁଲା ବ୍ୟବହାର ସମୟରେ ବ୍ୟବହାର କରୁ ?
(କ) = (ଖ) / (ଗ) * (ଘ) ----

୬. ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ କରିବା ପାଇଁ କେଉଁ କି' ବ୍ୟବହାର କରାଯାଏ ?
(କ) F2 (ଖ) F3 (ଗ)F4 (ଘ)F5

୭. କେଉଁ କମାଣ୍ଡରେ ପାୱାର ପଏଣ୍ଟରୁ ଆମେ ବାହାରିଯିବା ?
(କ) Alt + F4 (ଖ)Alt + Shift+ F4
(ଗ) F4 (ଘ) କୌଣସିଟି ନୁହେଁ

୮. ଗ୍ରାଫିକ୍ସକୁ ଆମେ କେଉଁଥିରେ ଇନସର୍ଟ କରିପାରିବା ?
(କ) ବକ୍ସ (ଖ) ପେଜ୍
(ଗ) ଫ୍ରେମ୍ (ଘ) ଉପରୋକ୍ତ ସମସ୍ତ

୯. କୌଣସି ସିଲେକ୍ଟେଡ଼୍ ଟେକ୍ସଟକୁ କାଟିବା ପାଇଁ କେଉଁଟି ବ୍ୟବହାର କରିବା ?
(କ) Ctrl + C (ଖ)Ctrl + D(ଗ)Ctrl + V (ଘ)Ctrl + X

୧୦. Ctrl + C ଦ୍ୱାରା କ'ଣ କରାଯାଇପାରିବ ?
(କ) ଫାଇଲ ସେଭ୍ (ଖ) ନୂଆ ଫାଇଲ ଖୋଲିବା
(ଗ) ଆଗରୁ ଥିବା ଫାଇଲ ଖୋଲିବା (ଘ) ଫାଇଲକୁ ଡ଼ିଲିଟ୍ କରିବା

**ଉତ୍ତର**

**୧.(କ)ମୁସଲିମ୍ ଲିଗ, ୨.(ଗ)ଡ. ରାଜେନ୍ଦ୍ର ପ୍ରସାଦ, ୩.(ଘ)ଲର୍ଡ ମାଉଣ୍ଟ ବାଟେନ୍, ୪.(ଖ)ଜନସାଧାରଣ, ୫.(ଗ)ଗ୍ରୀସ୍, ୬.(ଗ)ପରୋକ୍ଷ ଭାବରେ, ୭.(ଖ)ଲୋକସଭା, ୮.(ଘ)ଉପଜିଲ୍ଲାପାଳ, ୯.(କ)୨୫ ଲକ୍ଷ, ୧୦.(ଗ)୫୪୩**

**୧.(ଗ) ପଞ୍ଚମ, ୨.(ଘ) ମୋଡ଼େମ୍, ୩.(କ) ବାଇନାରି କୋଡ଼େଡ଼୍ ଡ଼େସିମାଲ, ୪.(ଘ) ପେନ୍‌ଡ୍ରାଇଭ୍, ୫. (କ) =, ୬.(ଘ)F5, ୭.(ଗ) F4, ୮.(ଘ) ଉପରୋକ୍ତ ସମସ୍ତ, ୯.(ଘ)Ctrl + X, ୧୦.(ଗ) ଆଗରୁ ଥିବା ଫାଇଲ ଖୋଲିବା**



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧.୧ କ୍ୟୁସେକ୍ ଜଳ ପ୍ରବାହ ମାନେ କ'ଣ ?

(କ)ଏକ ଘନ ଫୁଟ ଜଳ ପ୍ରବାହ (ଖ)ଏକ ଘନ ଫୁଟ ମିଟର ଜଳ ପ୍ରବାହ

(ଗ)ଏକ ଲିଟର ଜଳ ପ୍ରବାହ (ଘ)ଏକ ବ୍ୟାରେଲ୍ ଜଳ ପ୍ରବାହ

୨. ସମୁଦ୍ରରେ ଜାହାଜର ବେଗ ମାପ ପାଇଁ କେଉଁ ଏକକ ବ୍ୟବହାର କରାଯାଏ ?

(କ)ମିଟର/ସେକେଣ୍ଡ (ଖ)କିଲୋମିଟର/ସେକେଣ୍ଡ

(ଗ)ମାଇଲ/ସେକେଣ୍ଡ (ଘ)ନଟ

୩. ସର୍ବ ପ୍ରଥମ ଛାପା ଗଣିତ ବହିର ନାମ କ'ଣ ?

(କ) ଲୀଳାବତୀ (ଖ)ଟ୍ରେଭିସୋ ଏରିଥ୍‌ମେଟିକ୍

(ଗ)ପ୍ରିନ୍‌ସିପିଆ ମାଥ୍‌ମେଟିକା (ଘ)ବ୍ରହ୍ମସ୍ଫୁଟ ସିଦ୍ଧାନ୍ତ

୪. ସର୍ବ ପ୍ରଥମ କେବେ ଛାପା ବହି ଦେଖିବାକୁ ମିଳିଥିଲା ?

(କ) ୬୨୮ ମସିହା (ଖ)୧୦୩୯ ମସିହା

(ଗ)୧୪୭୮ ମସିହା (ଘ)୧୫୭୫ ମସିହା

୫. ବାସ୍ତବ ସଂଖ୍ୟା ସେଟ୍‌ରେ 'ଯୋଗାତ୍ମକ ଅଭେଦ' କେଉଁଟି ?

(କ) ୦ (ଖ) ୧ (ଗ) -୧ (ଘ) ୨

୬. ବାସ୍ତବ ସଂଖ୍ୟା ସେଟ୍‌ରେ 'ଗୁଣାତ୍ମକ ଅଭେଦ' କେଉଁଟି ?

(କ) ୦ (ଖ) ୧ (ଗ) -୧ (ଘ)୨

୭. ଦୁଇଟି କ୍ରମିକ ସଂଖ୍ୟାର ଗୁଣଫଳ ୧୮୯୨ ହେଲେ ସେହି ସଂଖ୍ୟା ଦ୍ୱୟ କ'ଣ ?

(କ)୪୧ ଓ ୪୨ (ଖ) ୪୩ ଓ ୪୪ (ଗ)୪୬ ଓ ୪୭ (ଘ)୪୮ ଓ ୪୯

୮. କେଉଁ ବୃହତ୍ତମ ସଂଖ୍ୟାରେ ୫୦୦, ୬୭୪ ଓ ୭୯୦ କୁ ଭାଗ କଲେ ପ୍ରତ୍ୟେକ କ୍ଷେତ୍ରରେ ସମାନ ଭାଗଶେଷ ରହିବ ?

(କ) ୨୭ (ଖ) ୨୯ (ଗ) ୪୮ (ଘ) ୫୮

୯. ଗୋଟିଏ ସରଳରେଖାରେ ଦ୍ୱୟରେ କେତୋଟି ସାଧାରଣ ବିନ୍ଦୁ ଥାଏ ?

(କ) ୧ଟି (ଖ) ୨ଟି (ଗ) ଅସଂଖ୍ୟଟି (ଘ) ଆଦୌ ନଥାଏ

୧୦.ଦୁଇଟି ଅନୁପୂରକ କୋଣର ସମଷ୍ଟି ସର୍ବଦା କେତେ ହୋଇଥାଏ ?

(କ) ୩୦° (ଖ) ୪୫° (ଗ) ୬୦° (ଘ) ୯୦°

## (୧୯) ସାଧାରଣ ବିଜ୍ଞାନ

୧. ସ୍ନାୟୁକୋଷର ନ୍ୟଷ୍ଟି ଥିବା ଅଂଶକୁ କ'ଣ କୁହାଯାଏ ?

(କ)ଏଣ୍ଡନବ (ଖ)ଆକ୍ସୋଲେମା (ଗ)ଅନୁମସ୍ତିଷ୍କ (ଘ)ସେଲ୍‌ବଡ଼ି

୨. ସ୍ନାୟୁକୋଷର କେଉଁ ଅଂଶଟି ବାର୍ତ୍ତା ଗ୍ରହଣ କରେ ?

(କ) ସେଲ୍‌ବଡ଼ି (ଖ) ଆକ୍ସନ୍ (ଗ) ଡେନ୍‌ଡ୍ରାଇଟ୍ (ଘ) ସିନାପ୍‌ସ

୩. ପ୍ରୋଲାକ୍ଟିନ୍ କେଉଁ ଗ୍ରନ୍ଥି ଉପରେ ପ୍ରଭାବ ପକାଏ ?

(କ) ପିନିଆଲ୍ (ଖ) ଥାଇରଏଡ୍ (ଗ) ପିଟୁଇଟାରି (ଘ) ସ୍ତନ୍ୟଗ୍ରନ୍ଥି

୪. କେଉଁ ଗ୍ରନ୍ଥିରୁ ମେଲାଟୋନିନ୍ ହରମୋନର କ୍ଷରିତ ହୁଏ ?

(କ)ଅଧିବୃକକ୍ (ଖ) ଥାଇରଏଡ୍ (ଗ) ପିନିଆଲ୍ (ଘ) ପାରାଥାଇରଏଡ୍

୫. ଉଦ୍ଭିଦର ବୃଦ୍ଧିହ୍ରାସକ ହରମୋନର ନାମ କ'ଣ ?

(କ) ସାଇଟୋକାଇନିନ୍ (ଖ) ଫ୍ଲୋରିଜେନ୍

(ଗ) ଅକ୍‌ସିଟୋନିସ୍ (ଘ)ଏଥିଲିନ୍

୬. ସ୍ନାୟୁକୋଷର ଶାଖାୟିତ ତନ୍ତୁର ନାମ କ'ଣ ?

(କ) ଆକ୍ସନ୍ (ଖ) ଡେନ୍‌ଡ୍ରାଇଟ୍

(ଗ) ଏଣ୍ଡନବ୍ (ଘ) ଆକସନ୍ ହିଲକ୍

୭. ଚଳରେଣୁ ଦ୍ୱାରା କିଏ ବଂଶବୃଦ୍ଧି କରେ ?

(କ) ପେନିସିଲିୟମ (ଖ) ଇଷ୍ଟ (ଗ) କବକ (ଘ) ୟୁଲୋଥ୍ରିକ୍ସ

୮. କେଉଁ ପ୍ରାଣୀର ଦୁଇଟି ଶୁକ୍ରାଶୟ ଶରୀର ଭିତରେ ଥାଏ ?

(କ) ପକ୍ଷୀ (ଖ) କୀଟ (ଗ) ହାତୀ (ଘ) ମଣିଷ

୯.ଏଡ୍‌ସ ରୋଗ ନିରୂପଣରେ ବିଶ୍ୱାସନୀୟ ଉପାୟଟି କ'ଣ ?

(କ) ଏଲାଇଜା (ଖ) ୱେଷ୍ଟର୍ଣ୍ଣବ୍ଲଟିଂ (ଗ) ଏଲ୍‌ଫା (ଘ) ରିଟା

୧୦.ପରିବେଶ ଅନୁସାରେ କେଉଁ କବକଟି ଉଭୟ ଚଳରେଣୁ ଓ ଅଚଳ ରେଣୁ ସୃଷ୍ଟିକରେ ?

(କ) ହାଇଡ୍ରା (ଖ) ୟୁଲୋଥ୍ରିକସ୍ (ଗ) ପାଇଥିଅମ୍ (ଘ) ମ୍ୟୁକର

**ଉତ୍ତର**

**୧.(କ)ଏକ ଘନ ଫୁଟ ଜଳ ପ୍ରବାହ, ୨.(ଘ)ନଟ, ୩.(ଖ)ଟ୍ରେଭିସୋ ଏରିଥ୍‌ମେଟିକ୍, ୪.(ଗ)୧୪୭୮ମସିହା, ୫.(କ)୦, ୬.(ଖ) ୧, ୭.(ଖ)୪୩ ଓ ୪୪, ୮.(ଘ) ୫୮, ୯.(ଘ)ଆଦୌ ନଥାଏ, ୧୦.(ଘ)୯୦°**

**୧.(ଘ) ସେଲ୍‌ବଡ଼ି, ୨.(ଗ) ଡେନ୍‌ଡ୍ରାଇଟ୍ , ୩.(ଘ) ସ୍ତନ୍ୟଗ୍ରନ୍ଥି , ୪.(ଗ) ପିନିଆଲ୍ , ୫.(ଘ)ଏଥିଲିନ୍ , ୬.(ଖ) ଡେନ୍‌ଡ୍ରାଇଟ୍, ୭.(ଘ) ୟୁଲୋଥ୍ରିକ୍ସ, ୮.(ଗ) ହାତୀ , ୯.(ଖ) ୱେଷ୍ଟର୍ଣ୍ଣବ୍ଲଟିଂ, ୧୦.(ଗ) ପାଇଥିଅମ୍**



ଅଯଥା ସନ୍ଦେହ ବିଶ୍ୱାସଘାତକତାକୁ ନିମନ୍ତ୍ରଣ କରିଥାଏ।

## (୨୦) ଜିଲ୍ଲା

| | |
|---|---|
| ୧. ଜିଲ୍ଲାର ନାମ | - ବଲାଙ୍ଗୀର |
| ୨. ଗଠନ | - ୧ ନଭେମ୍ବର, ୧୯୪୯ |
| ୩. କ୍ଷେତ୍ରଫଳ | - ୬୫୭୫ ବର୍ଗ.କି.ମି |
| ୪. ଜନସଂଖ୍ୟା | - ୧୬୪୮୫୭୪ |
| (କ) ପୁରୁଷ | - ୮୩୧୩୪୯ |
| (ଖ) ମହିଳା | - ୮୧୭୨୨୫ |
| ୫. ଉପଖଣ୍ଡ | - ୦୩ |
| ୬. ତହସିଲ | - ୧୪ |

(ଟିଟିଲାଗଡ଼, କଣ୍ଟାବାଂଜି, ମୁରୀବାହାଲ, ବଲାଙ୍ଗିର, ତେନ୍ତୁଳିଖୁଣ୍ଟି, ଦେଓଗାଁ, ପୁଇଁତୋଳା, ଲୋଇସିଙ୍ଗା, ଆଗଲପୁର, ପାଟଣାଗଡ଼, ବେଲପଡ଼ା, ଖପ୍ରାଖୋଲ, ତୁରେଇକେଲା, ବଙ୍ଗୋମୁଣ୍ଡା, ତୁଷୁରା)

| | |
|---|---|
| ୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) | - ୧୪ |

(ବଲାଙ୍ଗିର, ତେନ୍ତୁଳିଖୁଣ୍ଟି, ଦେଓଗାଁ, ପୁଇଁତୋଳା, ଲୋଇସିଙ୍ଗା, ଆଗଲପୁର, ପାଟଣାଗଡ଼, ବେଲପଡ଼ା, ଖପ୍ରାଖୋଲ, ତୁରେଇକେଲା, ବଙ୍ଗୋମୁଣ୍ଡା, ମୁରୀବାହାଲ, ସଇଁତଳା, ଟିଟିଲାଗଡ଼)

| | |
|---|---|
| ୮. ଗ୍ରାମ ପଞ୍ଚାୟତ | - ୨୮୫ |
| ୯. ଗ୍ରାମ | - ୧୭୮୩ |
| ୧୦. ଥାନା | - ୧୪ |
| ୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) | - ୦୧ |
| ୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) | - ୦୩ |
| ୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ | - ୦୫ |

(୬୬. ଲୁଇସିଂହା, ୬୭. ପାଟନାଗଡ଼, ୬୮. ବଲାଙ୍ଗୀର, ୬୯. ଟିଟିଲାଗଡ଼, ୭୦. କଣ୍ଟାବାଞ୍ଜି)

| | |
|---|---|
| ୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) | - ୨୦୬୯୬୪(୯୫୧) |
| ୧୫. ସାକ୍ଷରତା ହାର | - ୬୫.୫୦% |
| ୧୬. ପୁରୁଷ ସାକ୍ଷରତା ହାର | - ୭୭.୦୮% |
| ୧୭. ମହିଳା ସାକ୍ଷରତା ହାର | - ୫୩.୭୭% |
| ୧୮. ଜନସଂଖ୍ୟା ବୃଦ୍ଧି ହାର | - ୨୩.୨୯% |
| ୧୯. ଜନସଂଖ୍ୟା ଘନତ୍ୱ | - ୨୫୧/ବର୍ଗ କି.ମି |
| ୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା | - ୯୮୩ |
| ୨୧. ରାଜସ୍ୱ ନିରୀକ୍ଷକ ମଣ୍ଡଳ | - ୩୮ |
| ୨୨. ନିଆଁଲିଭା କେନ୍ଦ୍ର | - ୦୫ |
| ୨୩. ଲୋକସଭା ଆସନ ସଂଖ୍ୟା | - ୦୧ |
| ୨୪. ଜଙ୍ଗଲ ଜମି | -୧୫୪୩.୮୫ ବର୍ଗ କି.ମି |
| ୨୫. ହାରାହାରି ତାପମାତ୍ରା | - ସର୍ବନିମ୍ନ ୦୩.୧୦ ସର୍ବୋଚ୍ଚ ୪୬.୧୦ |
| ୨୬. ସାଧାରଣ ବୃଷ୍ଟିପାତ | - ୧୪୪୩.୫ମି.ମି. |
| ୨୭. ମୋଟର ଯାନ ପଞ୍ଜିକୃତ କୋଡ଼ | - ଓ.ଡି.୦୩ |
| ୨୮. ପର୍ଯ୍ୟଟନସ୍ଥଳୀ | - ହରିଶଙ୍କର, ପଟିଆଗଡ଼, ରାଣିପୁର ଝାରିଏଲ |

## ପର୍ବପର୍ବାଣୀ ଓ ମୁଖ୍ୟ ଦିବସ

### ଡିସେମ୍ବର ୨୦୨୨

ତା୧. ଶରଣ ଶେଷ
ତା୩. ଗୋମତୀ ଏକାଦଶୀ(ସ୍ମା)
ତା୪. ବ୍ୟଞ୍ଜନ ଦ୍ୱାଦଶୀ
ବୈଷ୍ଣବସମ୍ମତ ଏକାଦଶୀ
ତା୫. ଗୀତା ଜୟନ୍ତୀ
ଅନଙ୍ଗ ତ୍ରୟୋଦଶୀ
ତା୬. ପାଷାଣ ଚତୁର୍ଦ୍ଦଶୀ, ବେଢା
ତା୭. ପଣ୍ଡୁ ଓଷା, ଚନ୍ଦ୍ରୋପବାସ ପୂଜା
ତା୮. ମାର୍ଗଶୀର ପୂର୍ଣ୍ଣିମା
ମାଣବସା ଶେଷ ଗୁରୁବାର
ଗୁରୁପୂର୍ଣ୍ଣିମା ବ୍ରତ
ତା୧୦. ଦାଣ୍ଡପହଁରା ଓ ବାଟଓଷା
ତା୧୫. ମାସାନ୍ତ
ତା୧୬. ଧନୁ ସଂକ୍ରାନ୍ତି
ପହିଲିଭୋଗ ଆରମ୍ଭ
ଶ୍ରୀଲକ୍ଷ୍ମୀନାରାୟଣ ପୂଜା
ଅଷ୍ଟକା ଶ୍ରାଦ୍ଧ
ସାମନ୍ତ ଚନ୍ଦ୍ରଶେଖର ଜୟନ୍ତୀ
ତା୧୭. ଅନ୍ୱଷ୍ଟକା ଶ୍ରାଦ୍ଧ
ତା୧୯. ସଫଳା ଏକାଦଶୀ
ତା୨୨. ଶିବ ଚତୁର୍ଦ୍ଦଶୀ ଉପବାସ, ବେଢା
ତା୨୩. ବକୁଳ ଅମାବାସ୍ୟା
ଶ୍ରୀଜୀଉଙ୍କ ବକୁଳଲାଗି
ତା୨୫. ବଡଦିନ ଉତ୍ସବ
ତୁଳସୀ ପୂଜନ ଦିବସ
ଶରଣ ଆରମ୍ଭ
ତା୨୮. ବରଗଡରେ ଧନୁଯାତ୍ରାରମ୍ଭ
ତା୨୯. ଶରଣ ଶେଷ

ତା୦୧ -ବିଶ୍ୱ ଏଡ଼ସ ଦିବସ
-ବିଶ୍ୱ ସହାୟତା ଦିବସ
ତା୦୨ -ମହମ୍ମଦଙ୍କ ଜନ୍ମ ଦିବସ
-ବିଶ୍ୱ କମ୍ପ୍ୟୁଟର ସାକ୍ଷରତା ଦିବସ
-ଦାସତ୍ୱ ପ୍ରଥା ବାସନ୍ଦ କରିବାର ଆନ୍ତର୍ଜାତୀୟ ଦିବସ
-ଜାତୀୟ ପ୍ରଦୁଷଣ ନିୟନ୍ତ୍ରଣ ଦିବସ
ତା୦୩ -ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ
-ବିଶ୍ୱ ସଂରକ୍ଷଣ ଦିବସ
ତା୦୪ -ଭାରତୀୟ ନୌବାହିନୀ ଦିବସ
ତା୦୫ -ଆନ୍ତର୍ଜାତୀକ ସ୍ୱେଚ୍ଛାସେବୀ ଦିବସ
ତା୦୭ -ପଦାତିକ ବାହିନୀ ପତାକା ଦିବସ
-ଆନ୍ତର୍ଜାତୀୟ ନାଗରିକ ବିମାନ ଚଳାଚଳ ଦିବସ
ତା୧୦ -ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ
ତା୧୦ -ବିଶ୍ୱ ମାନବାଧିକାର ଦିବସ
-ଆନ୍ତର୍ଜାତୀକ କ୍ରୋଡ଼କାଷ୍ଟିଙ୍ଗ ଶିଶୁ ଦିବସ
ତା୧୧ -ୟୁନିସେଫ୍ ଦିବସ
-ଆନ୍ତର୍ଜାତୀୟ ପର୍ବତ ଦିବସ
ତା୧୩ -ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ
ତା୧୪ -ଜାତୀୟ ଶକ୍ତି ସଂରକ୍ଷଣ ଦିବସ
ତା୧୭ -ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଜୟନ୍ତୀ
ତା୧୮ -ଆନ୍ତର୍ଜାତୀୟ ସ୍ଥାନାନ୍ତରଣ ଦିବସ
-ସଂଖ୍ୟାଲଘୁମାନଙ୍କ ଅଧିକାର ଦିବସ
ତା୧୯ -ପଠାଣୀ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ
-ଗୋଆ ମୁକ୍ତି ଦିବସ
ତା୨୦ -ଆନ୍ତର୍ଜାତୀୟ ମାନବ ଏକତା ଦିବସ
ତା୨୨ -ଜାତୀୟ ଗଣିତ ଦିବସ
ତା୨୩ -କୃଷକ ଦିବସ
ତା୨୪ -ଜାତୀୟ କନଜ୍ୟୁମର ଦିବସ
ତା୨୫ -ବଡ଼ ଦିନ (ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ)
ତା୨୬ -ମୁଷ୍ଟି ଯୁଦ୍ଧ ଦିବସ



ଅତୀତ ଗଲାଣି, ଭବିଷ୍ୟତ ତ ଅନିଶ୍ଚିତ; ତେଣୁ ଜୀବନ ହେଉଛି ବର୍ତ୍ତମାନ।

# 2023

## JANUARY

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 8 | 9 | 10 | 11 | 12 | 13 | 14 |
| 15 | 16 | 17 | 18 | 19 | 20 | 21 |
| 22 | 23 | 24 | 25 | 26 | 27 | 28 |
| 29 | 30 | 31 | | | | |

## FEBRUARY

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| | | | 1 | 2 | 3 | 4 |
| 5 | 6 | 7 | 8 | 9 | 10 | 11 |
| 12 | 13 | 14 | 15 | 16 | 17 | 18 |
| 19 | 20 | 21 | 22 | 23 | 24 | 25 |
| 26 | 27 | 28 | | | | |

## MARCH

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| | | | 1 | 2 | 3 | 4 |
| 5 | 6 | 7 | 8 | 9 | 10 | 11 |
| 12 | 13 | 14 | 15 | 16 | 17 | 18 |
| 19 | 20 | 21 | 22 | 23 | 24 | 25 |
| 26 | 27 | 28 | 29 | 30 | 31 | |

## APRIL

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| | | | | | | 1 |
| 2 | 3 | 4 | 5 | 6 | 7 | 8 |
| 9 | 10 | 11 | 12 | 13 | 14 | 15 |
| 16 | 17 | 18 | 19 | 20 | 21 | 22 |
| 23 | 24 | 25 | 26 | 27 | 28 | 29 |
| 30 | | | | | | |

## MAY

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| | 1 | 2 | 3 | 4 | 5 | 6 |
| 7 | 8 | 9 | 10 | 11 | 12 | 13 |
| 14 | 15 | 16 | 17 | 18 | 19 | 20 |
| 21 | 22 | 23 | 24 | 25 | 26 | 27 |
| 28 | 29 | 30 | 31 | | | |

## JUNE

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| | | | | 1 | 2 | 3 |
| 4 | 5 | 6 | 7 | 8 | 9 | 10 |
| 11 | 12 | 13 | 14 | 15 | 16 | 17 |
| 18 | 19 | 20 | 21 | 22 | 23 | 24 |
| 25 | 26 | 27 | 28 | 29 | 30 | |

## JULY

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| | | | | | | 1 |
| 2 | 3 | 4 | 5 | 6 | 7 | 8 |
| 9 | 10 | 11 | 12 | 13 | 14 | 15 |
| 16 | 17 | 18 | 19 | 20 | 21 | 22 |
| 23 | 24 | 25 | 26 | 27 | 28 | 29 |
| 30 | 31 | | | | | |

## AUGUST

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| | | 1 | 2 | 3 | 4 | 5 |
| 6 | 7 | 8 | 9 | 10 | 11 | 12 |
| 13 | 14 | 15 | 16 | 17 | 18 | 19 |
| 20 | 21 | 22 | 23 | 24 | 25 | 26 |
| 27 | 28 | 29 | 30 | 31 | | |

## SEPTEMBER

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| | | | | | 1 | 2 |
| 3 | 4 | 5 | 6 | 7 | 8 | 9 |
| 10 | 11 | 12 | 13 | 14 | 15 | 16 |
| 17 | 18 | 19 | 20 | 21 | 22 | 23 |
| 24 | 25 | 26 | 27 | 28 | 29 | 30 |

## OCTOBER

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 8 | 9 | 10 | 11 | 12 | 13 | 14 |
| 15 | 16 | 17 | 18 | 19 | 20 | 21 |
| 22 | 23 | 24 | 25 | 26 | 27 | 285 |
| 29 | 30 | 31 | | | | |

## NOVEMBER

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| | | | 1 | 2 | 3 | 4 |
| 5 | 6 | 7 | 8 | 9 | 10 | 11 |
| 12 | 13 | 14 | 15 | 16 | 17 | 18 |
| 19 | 20 | 21 | 22 | 23 | 24 | 25 |
| 26 | 27 | 28 | 29 | 30 | | |

## DECEMBER

| SUN | MON | TUE | WED | THU | FRI | SAT |
|---|---|---|---|---|---|---|
| | | | | | 1 | 2 |
| 3 | 4 | 5 | 6 | 7 | 8 | 9 |
| 10 | 11 | 12 | 13 | 14 | 15 | 16 |
| 17 | 18 | 19 | 20 | 21 | 22 | 23 |
| 24 | 25 | 26 | 27 | 28 | 29 | 30 |
| 31 | | | | | | |

# IMPORTANT HOLIDAYS

| | |
|---|---|
| January 23 | Subhash Chandra Bose Jayanti |
| | Vir Surendra Sai Jayanti |
| January 26 | Republic Day / Basanta Panchami |
| February 18 | Maha Shivaratri |
| March 7 | Dola Purnima |
| March 8 | Holi |
| March 30 | Ram Navami |
| April 1 | Utkal Divas |
| April 7 | Good Friday |
| April 14 | Maha Vishuva Sankranti |
| | Dr. B.R Ambedkar Jayanti |
| May 5 | Budha Purnima |
| May 19 | Sabitri Amabasya |
| June 14 | Pahili Raja |
| June 15 | Raja Sankranti |
| June 20 | Ratha Yatra |
| June 30 | ID-ul-Zuha |
| July 28 | Muharram |
| August 15 | Independence Day |
| August 30 | Jhulana Purnima |
| September 19 | Ganesh Puja |
| September 20 | Nuakhai |
| September 29 | Birthday of Prophet Muhammad |
| October 2 | Gandhi Jayanti |
| October 21 | Maha Saptami |
| October 23 | Maha Navami |
| October 24 | Vijaya Dashami |
| December 25 | X-Mas Day |

Volume - 13 • Issue No. 06 • Monthly • December 2022 • Pages - 36 • RNI Regn. No. ODI/ODI/2010/350521 • Postal Regd. No. PURI-33/2022-24




Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10, Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057
Editor : Dr. Prasanna Kumar Jena
Founder : Dr. Pramod Chandra